

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୩ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 13 September 2026

Vol.No. 36 ■ No.241 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(୧ଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ବ୍ରିକ୍ସ ନୂଆଦିଲ୍ଲୀ ଘୋଷଣାନାମା: ଯୁଦ୍ଧ, ଟାରିଫ ଓ ପହଲଗାମ ହମଲାକୁ ତୀବ୍ର ନିନ୍ଦା

## ମୋଦିଙ୍କୁ ଜିନପିଙ୍ଗଙ୍କ ବଡ଼ ପ୍ରସ୍ତାବ: ଆସନ୍ତୁ ହାତ ମିଳାଇବା



ନୂଆଦିଲ୍ଲୀ,୧୨/୯ : ବ୍ରିକ୍ସ ନେତାମାନେ ବିଧିବଦ୍ଧ ଭାବେ ନୂଆଦିଲ୍ଲୀ ଘୋଷଣାନାମାକୁ ଗ୍ରହଣ କରିଛନ୍ତି। ଦିଲ୍ଲୀରେ ଆୟୋଜିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସହମତି ପ୍ରକାଶ ପାଇଥିବା ଦସ୍ତାବିଜ ସମ୍ପର୍କରେ ଘୋଷଣା କରିଛନ୍ତି। ଘୋଷଣାନାମାରେ ବହୁପାକ୍ଷୀୟ ଅନୁଷ୍ଠାନଗୁଡ଼ିକରେ ସଂସ୍କାର ପାଇଁ ଆହ୍ୱାନ ଦିଆଯାଇଛି। ବିଶେଷ କରି ଜାତିସଂଘ ସୁରକ୍ଷା ପରିଷଦ ବା ୟୁଏନଏସ୍‌ସିରେ ଢାଞ୍ଚାଗତ ପରିବର୍ତ୍ତନ ଆବଶ୍ୟକ ବୋଲି ଏଥିରେ କୁହାଯାଇଛି। ଏହାବାଦ ଆତଙ୍କବାଦକୁ ନେଇ ମଧ୍ୟ କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି ବ୍ରିକ୍ସ ସମୂହ। ସବୁ ପ୍ରକାର ଆତଙ୍କବାଦକୁ ଦୃଢ଼ ଭାବେ ନିନ୍ଦା କରିଛନ୍ତି ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ନେତା। ଏଥିସହ ଏକତରଫା ଯୁଦ୍ଧ ସୃଷ୍ଟିକାରୀ ପଦକ୍ଷେପକୁ ବି ଘୋଷଣାନାମାରେ ନିନ୍ଦା କରାଯାଇଛି। ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସାମରିକ ସଂଘର୍ଷ ମଧ୍ୟରେ ସମୁଦ୍ରପଥରେ ବାଣିଜ୍ୟିକ ଜାହାଜ ଚଳାଚଳ ଓ ନାବିକଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଘୋଷଣାପତ୍ରରେ ଥିବା ବିଷୟବସ୍ତୁରେ ସବୁ ରାଷ୍ଟ୍ର ଏକମତ ହୋଇଛନ୍ତି। ବ୍ରିକ୍ସ ଘୋଷଣାପତ୍ରରେ ୟୁଏନଏସ୍‌ସିର ସଂସ୍କାର ସମର୍ଥନ କରାଯାଇଛି। ଆଫ୍ରିକା, ଏସିଆ, ଲାଟିନ୍ ଆମେରିକା ଓ କାରିବିଆନ୍ ଅଞ୍ଚଳର ବିକାଶଶୀଳ ଦେଶଗୁଡ଼ିକୁ ଏହି ପରିଷଦରେ ଅଧିକ ପ୍ରତିନିଧିତ୍ୱ ଦେବାକୁ କୁହାଯାଇଛି। ୟୁଏନଏସ୍‌ସିର ସ୍ଥାୟୀ ସଦସ୍ୟ ଚାଇନା ଓ ରୁଷିଆ ମଧ୍ୟ ବ୍ରାଜିଲ୍ ଓ ଭାରତକୁ ◆◆ପୃଷ୍ଠା ୭

## କାଶ୍ମୀରରେ ଏନଆଇଏର ବଡ଼ ଅଭିଯାନ: ସାତଟି ସ୍ଥାନରେ ତଲାସ

ନୂଆଦିଲ୍ଲୀ,୧୨/୯ : ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଶନିବାର କାଶ୍ମୀରର ସାତଟି ଭିନ୍ନ ସ୍ଥାନରେ ତଲାସ ଚଳାଇଛି। ଅଧିକାରୀଙ୍କ ଅନୁଯାୟୀ,ଏହି ଅଭିଯାନ ସୀମାପାର ଆତଙ୍କବାଦୀ ଷଡ଼ଯନ୍ତ୍ରର ତଦନ୍ତର ଅଂଶ ଭାବରେ କରାଯାଇଥିଲା। ଅଧିକାରୀଙ୍କ ଅନୁଯାୟୀ, ଏନଆଇଏ ଦଳଗୁଡ଼ିକ କୁଲଗାମରେ ଦୁଇଟି, ବାନ୍ଦିପୋରାରେ ତିନୋଟି ଏବଂ ସୋପୋରରେ ଦୁଇଟି ସ୍ଥାନରେ ତଲାସ କରିଥିଲେ। ଏହି ଅଭିଯାନ ସମୟରେ, ସ୍ଥାନୀୟ ପୋଲିସ ଏବଂ ସୁରକ୍ଷା ବାହିନୀ ଏନଆଇଏ ଦଳଗୁଡ଼ିକୁ ଆବଶ୍ୟକ ସହାୟତା ପ୍ରଦାନ କରିଥିଲେ। ତଦନ୍ତରେ ପାକିସ୍ଥାନ ସ୍ଥିତ ଆତଙ୍କବାଦୀ ହ୍ୟାଣ୍ଡଲର ଏବଂ ସ୍ଥାନୀୟ ଓଭର-ଗ୍ରାଉଣ୍ଡ କର୍ମୀ (ଓଜିଡବ୍ଲୁଏସ)ଙ୍କ ନେଟୱାର୍କର ଭୂମିକା ତଦନ୍ତ କରୁଛି। ଏହି ବ୍ୟକ୍ତିମାନେ ସୀମା ପାରରୁ ଅନୁପ୍ରବେଶ କରୁଥିବା ଆତଙ୍କବାଦୀମାନଙ୍କୁ ଲଜିଷ୍ଟିକାଲ ଏବଂ ଅନ୍ୟାନ୍ୟ ସହାୟତା ଯୋଗାଇ ଦେଉଥିବା ସନ୍ଦେହ କରାଯାଉଛି। ତଦନ୍ତକାରୀ ସଂସ୍ଥା ଚେଷ୍ଟା କରୁଛି ଯେ ସ୍ଥାନୀୟ ସ୍ତରରେ ଆତଙ୍କବାଦୀମାନଙ୍କୁ କି ପ୍ରକାରର ସମର୍ଥନ ଯୋଗାଇ ଦିଆଯାଇଥିଲା ଏବଂ ଏହି ନେଟୱାର୍କରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କର କଣ ଭୂମିକା ରହିଛି। ଅଧିକାରୀ କହିଛନ୍ତି ଯେ ମାମଲାଟି ମୂଳତଃ ଶ୍ରୀନଗରର ଜାକୁରା ପୋଲିସ ଷ୍ଟେସନରେ ପଞ୍ଜିକୃତ ଏଫଆଇଆର ନମ୍ବର ୦୦୨୪/୨୦୨୬ ସହିତ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏନଆଇଏ ମାମଲାଟିକୁ ପୁନଃ ପଞ୍ଜିକରଣ କରି ଏହାକୁ ଆରସି-୦୨/୨୦୨୬/ଏନଆଇଏ/ଜମ୍ମୁ ଭାବରେ ପଞ୍ଜିକୃତ କରିଥିଲା। ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ, ୧୯୬୭ ର ଧାରା ୨୩, ଅସ୍ତ୍ରଶସ୍ତ୍ର ଆଇନ, ୧୯୫୯ ର ଧାରା ୭ ଏବଂ ୨୫ ଏବଂ ବିସ୍ଫୋରକ ପଦାର୍ଥ ଆଇନ, ୧୯୦୮ ର ଧାରା ୪ ଅନୁଯାୟୀ ଅଭିଯୋଗ ଦାଖଲ କରାଯାଇଛି।

## ଦୁର୍ନୀତି ଧରିବା ଲୋକ ହିଁ ଲାଞ୍ଚୁଆ

### ରାଉରକେଲା ଅବକାରୀ ଅଧୀକ୍ଷକ ଗିରଫ: ନଗଦ ୫ ଲକ୍ଷ ଜବତ ପରେ ମିଳିଲା ପୁଳା ପୁଳା ସଂପତ୍ତି



ରାଉରକେଲା, ୧୨/୯ (ନି.ପ୍ର): ରାଉରକେଲା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡ଼ଙ୍କୁ ଶନିବାର ଗିରଫ କରିଛି ଭିଜିଲାନ୍ସ। ଗତକାଲି ରାତିରେ ସେ ତାଙ୍କ ଘରକୁ ୫ ଲକ୍ଷ ଟଙ୍କା ପଠାଉଥିବା ଘଟଣାରେ ତାଙ୍କୁ ଗିରଫ କରାଯାଇଛି। ଏହି ଟଙ୍କା ସେ ବେଆଇନ ଭାବେ ସଂଗ୍ରହ କରିଥିବା ଭିଜିଲାନ୍ସ ପକ୍ଷରୁ ସନ୍ଦେହ କରାଯାଉଛି। ଗତକାଲି ରାତିରେ ଭିଜିଲାନ୍ସ ଟିମ୍ ରାଉରକେଲାର ଉଦିତନଗର ସ୍ଥିତ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସ୍କର୍ପିଓରୁ ଏହି ୫ ଲକ୍ଷ ଟଙ୍କା ଜବତ କରିଥିଲେ। ଅବକାରୀ ଅଧୀକ୍ଷକ ଶ୍ରୀ ବରାଡ଼ ସ୍ଥାନୀୟ ଏକ ମଦ ଦୋକାନର ଜଣେ ସେଲ୍ ?ସମ୍ୟାନଙ୍କ ହାତରେ ତାଙ୍କ ଘରକୁ ୫ ଲକ୍ଷ ଟଙ୍କା ପଠାଉଥିଲେ। ସେଲ୍ ?ସମ୍ୟାନ ଜଣଙ୍କ ସ୍କର୍ପିଓ ଗାଡ଼ିରେ ଉକ୍ତ ଟଙ୍କା ନେଇ ଯାଉଥିବା ବେଳେ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ବାହାରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ଯାଞ୍ଚ ବେଳେ ଗାଡ଼ି ଭିତରୁ ୫ ଲକ୍ଷ ଟଙ୍କା ମିଳିଥିଲା। ପଚରାଉଚରା କରାଯିବାରୁ ଏହି ଟଙ୍କା ଅବକାରୀ ଅଧୀକ୍ଷକ ଶ୍ରୀ ବରାଡ଼ ତାଙ୍କ ଘରକୁ ପଠାଉଥିବା ସେ କହିଥିଲେ। ଶ୍ରୀ ବରାଡ଼ ମଧ ଏହି କଥାକୁ ମାନିଥିଲେ। କିନ୍ତୁ ସେ ଏତେ ପରିମାଣରେ ଟଙ୍କା କେଉଁଠାରୁ ଓ କେଉଁ ଉଦ୍ଦେଶ୍ୟରେ ଆଣିଥିଲେ, ସେ ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଏହା ପରେ ଭିଜିଲାନ୍ସ ତାଙ୍କୁ ଅଟକ ରଖି ପଚରାଉଚରା କରିବା ସହିତ ତାଙ୍କର ରାଉରକେଲା ଓ ଭୁବନେଶ୍ୱର ସ୍ଥିତ ବାସଭବନ ଉପରେ ଏକକାଳୀନ ଚଢ଼ାଉ କରିଥିଲା। ◆◆ପୃଷ୍ଠା ୭

## ବର୍ଷାରେ ବେହାଲ ଦକ୍ଷିଣ ଓଡ଼ିଶା: ଅଧା ବୁଡ଼ିଲାଣି ମାଲକାନଗିରି



ଭୁବନେଶ୍ୱର, ୧୨/୯ (ନି.ପ୍ର): ଉତ୍ତର ଓଡ଼ିଶା ପରେ ଏବେ ଦକ୍ଷିଣ ଓଡ଼ିଶାକୁ ବେହାଲ୍ କରିଛି ବର୍ଷା। ବିଶେଷ କରି ମାଲକାନଗିରି ଜିଲ୍ଲାକୁ ବୁଡ଼ାଇ ଦେଇଛି ବିଦାୟୀ ମୌସୁମୀ। ଜିଲ୍ଲାର ଅଧିକାଂଶ ନଦୀ, ନାଳରେ ଉଛୁଳୁଛି ବନ୍ୟାପାଣି। ସବୁ ପୋଲ ଉପରେ ପାଣି ଚାଲୁଛି। ଫଳରେ ବ୍ୟାହତ ହୋଇଛି ସାଧାରଣ ଜୀବନଯାତ୍ରା। ସେପଟେ ଆସନ୍ତାକାଲି ପର୍ଯ୍ୟନ୍ତ ତମାମ ◆◆ପୃଷ୍ଠା ୭

## ଦୁବାଇରୁ ଆସିବ ୨.୪୩ଲକ୍ଷ କୋଟିର ନିବେଶ: ସୃଷ୍ଟି ହେବ ୯ ଲକ୍ଷ ନିଯୁକ୍ତି



ଭୁବନେଶ୍ୱର/ ନୂଆଦିଲ୍ଲୀ,୧୨/୯ : ଅନେକ ଆଶା ଓ ସମ୍ଭାବନାକୁ ନେଇ ୪ଦିନିଆ ୟୁଏଇ ଗସ୍ତରେ ଯାଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ତାଙ୍କ ଟିମ । ୨୪ଟି ବୁଝାମଣା, ୪୬ଟି ପ୍ରତ୍ୟକ୍ଷ ବୈଠକ, ୬ଟି ରାଉଣ୍ଡ ଟେବୁଲ ଆଲୋଚନା, ରୋଡ ଶୋରୁ ମିଳିଛି ଲକ୍ଷ ଲକ୍ଷ କୋଟି ଟଙ୍କା ନିବେଶ ପ୍ରସ୍ତାବ। ଶିଳ୍ପପତି, ବ୍ୟାବସାୟିକ ପ୍ରତିଷ୍ଠାନରୁ ମୋଟ ୨ ଲକ୍ଷ ୪୩ କୋଟି ଟଙ୍କାର ନିବେଶ ପ୍ରସ୍ତାବ ନେଇ ଓଡ଼ିଶା ଫେରୁଛନ୍ତି ମୋହନ ମାଝୀ। ଯାହା ଦ୍ୱାରା ସିଧାସଳଖ ଓଡ଼ିଶାରେ ୮ ଲକ୍ଷ ୯୫ହଜାର ୭୨୫ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ଆକଳନ କରଯାଇଛି । ମୋହନ ମାଝୀଙ୍କ ୨୭ ମାସ ସରକାର ଭିତରେ ଅନେକ ଶିଳ୍ପପତି ଓଡ଼ିଶା ଆସିଛନ୍ତି । ଅନେକ ନାମୀ ଦାମୀ ଓ ବିଶ୍ୱ ସ୍ତରୀୟ କମ୍ପାନୀ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଗତବର୍ଷ ଉତ୍କର୍ଷ ଓଡ଼ିଶାରେ ୧୪୫ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା । ଗ୍ରୀନ ଏନର୍ଜି, ମିନେରାଲ୍ସ, କେମିକାଲ୍ସ, ଆଇଟି ଏଣ୍ଡ ଟେକ୍ସଟାଇ ଭଳି ୨୦ଟି କ୍ଷେତ୍ରରେ ୧୬.୭୩ଲକ୍ଷ କୋଟିର ନିବେଶ ପାଇଁ ପ୍ରସ୍ତାବ ଆସିଥିଲା । ଯାହା ଦ୍ୱାରା ୧୨ ଲକ୍ଷ ୮୮ହଜାର ନିଯୁକ୍ତି ହେବ ବୋଲି କୁହାଯାଇଥିଲା । ସେଥିରୁ ୫୬ଟି ବୃହତ ପ୍ରକଳ୍ପର ଗ୍ରାଉଣ୍ଡ ବ୍ରେକିଂ ସରିଛି । ସେଥିରୁ ୧ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ହେଲେ ଅନେକ ବଡ଼ ବଡ଼ ପ୍ରକଳ୍ପ ଏମଓୟୁରେ ସୀମିତ ରହିଯାଇଛି । ଓଡ଼ିଶାରେ ବିଦେଶୀ କମ୍ପାନୀ ନିବେଶ ପାଇଁ ଆଗ୍ରହ ଦେଖାଉଛନ୍ତି, ଓଡ଼ିଶାରେ ଭରପୂର ସୁଯୋଗ ଥିବା କହୁଛନ୍ତି ସରକାର । ହେଲେ ଆସୁଥିବା ପ୍ରସ୍ତାବ କାର୍ଯ୍ୟକାରୀ କରିବା ବେଶ ଚ୍ୟାଲେଂଜ ।

## ପାର୍ବଣ ପୂର୍ବରୁ ମହଙ୍ଗା ମାଡ଼: ଫଳ ଓ ମିଠା ଦର ବଢ଼ିଲା



ଭୁବନେଶ୍ୱର, ୧୨/୯ (ନି.ପ୍ର): ପାର୍ବଣରେ ମହଙ୍ଗା ମାଡ଼ । ମିଠା ପରେ ଫଳ ବଜାରରେ ନିଆଁ । ଗୋଟେଦିନ ପରେ ଧରାବତରଣ କରିବେ ପ୍ରଭୁ ଗଜାନନ। ଏଥିପାଇଁ ଗାଁଠୁ ସହର ସବୁଠି ଉତ୍ସାହ। କିନ୍ତୁ ଏହି ଉତ୍ସାହକୁ ଫିକା କରି ଦେଉଛି ଦରଦାମ। ବଜାରରେ ଫଳ ଠାରୁ ଆରମ୍ଭ କରି ମିଠା ସବୁକିଛିର ଦାମ୍ ବଢ଼ିଛି। ◆◆ପୃଷ୍ଠା ୭

## ଓରାଙ୍ଗଉଟାନ ଉଦ୍ଧାର ମାମଲା: ମିଳିଲା ନୂଆ ସୁରାକ୍

ବାଲେଶ୍ୱର, ୧୨/୯ (ନି.ପ୍ର): ଓରାଙ୍ଗଉଟାନ ଉଦ୍ଧାର ମାମଲାକୁ ନେଇ ସାମ୍ନାକୁ ଆସିଲା ନୂଆ ସିସିଟିଭି ଭିଡିଓ। ଦୀଘାର ସନ୍ଦିଗ୍ଧ ହୋଟେଲ ସାମ୍ନାର ସିସିଟିଭିକୁ ନେଇ ବଢ଼ୁଛି ସସପେନ୍ସ । ଭିଡିଓରେ ଦୁଇଟି କାର ଆଗ ପଛ ହୋଇ ହୋଟେଲ ସାମ୍ନାରେ ଛିଡା ହୋଇଥିବାର ଦେଖିବାକୁ ମିଳିଛି । ହୋଟେଲ ସାମ୍ନାରେ ଗାଡି ରଖି କିଛି ଡିଲ ହେଉଥିବାର ସନ୍ଦେହ କରାଯାଉଛି । ଏପରିକି ଗାଡି ଭିତରୁ କିଛି ଲୋକ ବାହାରି ପରସ୍ପର ସହ କଥା ହେଉଥିବାର ଦେଖିବାକୁ ମିଳିଛି । ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ହୋଟେଲ ମାଲିକ ବାପପୁଅଙ୍କୁ ଖୋଜୁଛି ଏସଟିଏଫ୍ । ହୋଟେଲ ମ୍ୟାନେଜରଙ୍କ ସହିତ ତିନି ଜଣଙ୍କୁ ଧରି ଧରି ଏସଟିଏଫ ପଚରାଉଚରା କରୁଛି । ହୋଟେଲରେ ଏସଟିଏଫ ପହଞ୍ଚିବା ପରେ ହୋଟେଲ ମାଲିକ ଫୋନ ବନ୍ଦ କରି ଫେରାର ଅଛନ୍ତି । ଏହା ମଧ୍ୟରେ ତଦନ୍ତକାରୀଙ୍କ ହାତରେ ଲାଗିଛି ଆଉ ଏକ ସିସିଟିଭି ଫୁଟେଜ୍। ପୂର୍ବରୁ ବିଚିତ୍ରପୁର ନିକଟରୁ ସାମ୍ନାକୁ ଆସିଥିଲା ଏକ କଳା ଥାରର ସିସିଟିଭି ଫୁଟେଜ୍। ଏବେ ତଦନ୍ତକାରୀଙ୍କ ହାତରେ ଲାଗିଛି ଦୀଘାର ଆଉ ଏକ ସିସିଟିଭି ଫୁଟେଜ୍। ଫୁଟେଜ୍‌ରେ ରାତି ପ୍ରାୟ ୧୦ଟା ୫୬ ମିନିଟ୍ ସମୟରେ ଏକ କଳା ଥାର ହୋଟେଲ ନିକଟ ଦେଇ ଯାଉଥିବାର ଦେଖାଯାଉଛି। ଆଉ ବିଚିତ୍ରପୁର ନିକଟରେ ପୂର୍ବରୁ ମିଳିଥିବା ସିସିଟିଭି ଫୁଟେଜ୍‌ରେ ରାତି ପ୍ରାୟ ◆◆ପୃଷ୍ଠା ୭

## ହୁତିଙ୍କ କବ୍‌ଜାରେ ତେଲ ରାସ୍ତା: ଭାରତ ପାଇଁ ବଢ଼ିବ ବିପଦ




ନୂଆଦିଲ୍ଲୀ,୧୨/୯ : ପଶ୍ଚିମ ଏସିଆରେ ଯୁଦ୍ଧର ନିଆଁ ଏବେ ସମୁଦ୍ର ପଥକୁ ବି ବ୍ୟାପିବାର ଆଶଙ୍କା ରହିଛି । ବାବ୍-ଏଲ୍-ମନ୍ଦେବ୍ ଜଳପଥ ଉପରେ ହୁତି ବିଦ୍ରୋହୀଙ୍କ ଦବଦବା ବଢ଼ିବା ପରେ ଅନ୍ତର୍ଜାତୀୟ ତେଲ ଓ ବାଣିଜ୍ୟ ପରିବହନକୁ ନେଇ ଚିନ୍ତା ବଢ଼ିଛି । ଇରାନ ସମର୍ଥିତ ହୁତି ବାହିନୀ, ରଣନୈତିକ ଗୁରୁତ୍ୱ ଥିବା ପେରିମ୍ ଦ୍ୱୀପ ଉପରେ ନିୟନ୍ତ୍ରଣ ନେବାକୁ ଚେଷ୍ଟାକରୁଥିବାର ଖବର ଆସିଛି । ଏହି ଅଞ୍ଚଳ ଲୋହିତ ସାଗରକୁ ଆଦେନ୍ ଉପସାଗର ସହ ଯୋଡ଼ିଥିବା ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଚେକ୍‌ପଏଣ୍ଟ ଅଟେ । ଏହି ଜଳପଥରେ ଅସ୍ଥିରତା ବଢ଼ିଲେ ଏହାର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟରେ ସୀମିତ ରହିବ ନାହିଁ । ତେଲ ଟ୍ୟାଙ୍କର ଓ ଅନ୍ୟ ବାଣିଜ୍ୟିକ ଜାହାଜ ଏହି ରାସ୍ତାରେ ଯାତାୟାତ କରୁଥିବାରୁ ଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହେବାର ମଧ୍ୟ ଆଶଙ୍କା ରହିଛି । ବାବ୍-ଏଲ୍-ମନ୍ଦେବ୍‌ରେ ହୁତିଙ୍କ ନିୟନ୍ତ୍ରଣ ବଢ଼ିବା ସହ ବିଶ୍ୱ ତେଲ ବଜାରରେ ମଧ୍ୟ ଚାପ ବଢ଼ିଛି । ବ୍ରେଣ୍ଟ କ୍ରୁଡ୍ ତେଲ ଦର ୧୦୦ ଡଲାର ପାଖାପାଖି କିମ୍ବା ତା'ଠାରୁ ଅଧିକ ରହିଛି । ଏପଟେ ସାଉଦି ଆରବର ଇଷ୍ଟ-ୱେଷ୍ଟ ତେଲ ପାଇପଲାଇନ୍‌କୁ ଡ୍ରୋନ୍ ଆକ୍ରମଣ ପରେ ସାମୟିକ ଭାବେ ବନ୍ଦ କରାଯାଇଛି । ଏହି ପାଇପଲାଇନ୍ ପ୍ରତିଦିନ ପ୍ରାୟ ୪ରୁ ୫ ନିୟୁତ ବ୍ୟାରେଲ୍ ତେଲ ପରିବହନ କରିପାରେ । ତେଣୁ ହର୍ମୁଜ୍ ଓ ବାବ୍-ଏଲ୍-ମନ୍ଦେବ୍ ଭଳି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଏକାସାଙ୍ଗରେ ଚାପ ବଢ଼ିବା ବିଶ୍ୱ ଶକ୍ତି ବଜାର ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି । ସବୁଠାରୁ ବଡ଼ ପ୍ରଶ୍ନ ହେଉଛି-ଏହାର ପ୍ରଭାବ ଭାରତ ଉପରେ କେତେ ପଡ଼ିବ ବାବ୍-ଏଲ୍-ମନ୍ଦେବ୍ ଓ ଲୋହିତ ସାଗର ରୁଟ୍‌ରେ ବାଧା ସୃଷ୍ଟି ହେଲେ ମଧ୍ୟପ୍ରାଚ୍ୟରୁ ଭାରତକୁ ଆସୁଥିବା ତେଲ ଓ ଅନ୍ୟ ସାମଗ୍ରୀର ପରିବହନ ପ୍ରଭାବିତ ହୋଇପାରେ । ଜାହାଜଗୁଡ଼ିକୁ ଏହି ରୁଟ୍ ର ବିକଳ୍ପ ଦୀର୍ଘ ସମୁଦ୍ରପଥ ନେବାକୁ ପଡ଼ିଲେ ପରିବହନ ଖର୍ଚ୍ଚ ଓ ସମୟ ବଢ଼ିପାରେ ଯାହା ଫଳରେ ପରୋକ୍ଷ ପ୍ରଭାବ ଇନ୍ଧନ ଓ ଅନ୍ୟ ସାମଗ୍ରୀର ଦର ଉପରେ ପଡ଼ିବା ନେଇ ଆଶଙ୍କା ରହିଛି । ଅର୍ଥାତ୍, ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଏବେ ସମୁଦ୍ର ରାସ୍ତା ଦେଇ ଭାରତର ଅର୍ଥନୀତି ଓ ତେଲ ଯୋଗାଣ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ଆଗକୁ ବାବ୍-ଏଲ୍-ମନ୍ଦେବ୍‌ରେ ପରିସ୍ଥିତି କେତେ ଗମ୍ଭୀର ହେଉଛି, ତା' ଉପରେ ବିଶ୍ୱ ତେଲ ବଜାର ସହ ଭାରତର ଚିନ୍ତା ମଧ୍ୟ ନିର୍ଭର କରିବ ।

## ରାଷ୍ଟ୍ରପତି ମୁର୍ମୁଙ୍କୁ ଭେଟିଲେ ଇରାନ ରାଷ୍ଟ୍ରପତି ପେଜେସ୍କିଆନ୍

ନୂଆଦିଲ୍ଲୀ, ୧୨/୯: ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଗସ୍ତରେ ଆସିଥିବା ଇରାନ ରାଷ୍ଟ୍ରପତି ମାସୌଦ୍ ପେଜେସ୍କିଆନ୍ ଶନିବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହାପୂର୍ବରୁ ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନ ରାଷ୍ଟ୍ରପତି ହସନ୍ ରୁହାନୀଙ୍କୁ ଭେଟିଥିଲେ। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।ଏହାପୂର୍ବରୁ ଇରାନ ରାଷ୍ଟ୍ରପତିଙ୍କ ଝିଅ ଜାହ୍ରା ପେଜେସ୍କିଆନ୍ ତାଙ୍କ ସ୍ୱାମୀ ହସନ୍ ମାଜିଦିଙ୍କ ସହ ନୂଆଦିଲ୍ଲୀର ଜାତୀୟ ହସ୍ତଶିଳ୍ପ ସଂଗ୍ରହାଳୟରେ ଥିବା ଇଟା ବଜାର ପରିଦର୍ଶନ କରିଥିଲେ। ସେ ବ୍ରିକ୍ସ ସଦସ୍ୟ ଏବଂ ଅଂଶୀଦାର ଦେଶଗୁଡ଼ିକର କଳା, ହସ୍ତଶିଳ୍ପ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା ବିଭିନ୍ନ ସାମଗ୍ରୀ ଦେଖିଥିଲେ।

# ବନ୍ୟଜନ୍ତୁ ଦ୍ୱାରା କ୍ଷୟକ୍ଷତି ହେଉଥିବା ଚାଷର ସୁରକ୍ଷା ପାଇଁ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚର ଦାବିପତ୍ର

ନୀଳଗିରି,୧୨/୦୯ (ନି.ପ୍ର): କୁଲଡିହା ଅଭୟାରଣ୍ୟ ପାଖାପାଖି ଅଞ୍ଚଳର ଚାଷଜମି ଗୁଡିକୁ ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କ ଦ୍ୱାରା କ୍ଷୟକ୍ଷତି ହେଉଛି । ନିଜର ଚାଷଜମିକୁ ସୁରକ୍ଷା ପାଇଁ ଲୋକମାନେ ବନ୍ୟଜନ୍ତୁ ମାନଙ୍କୁ ବିଭିନ୍ନ ଉପାୟରେ ଘଉଡୁଛନ୍ତି । ଯେଉଁମାନେ ବିଶେଷକରି ହାତୀ ମାନଙ୍କୁ ଘଉଡ଼ିବାକୁ ଯାଉଛନ୍ତି, ସେମାନଙ୍କ ମଧ୍ୟରୁ ବହୁଲୋକ କୁଲଡିହା ରେଞ୍ଜରଙ୍କ ଦ୍ୱାରା ମୋକଦ୍ଦମାରେ ପଡୁଛନ୍ତି । ଯାହାକି ଲୋକମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ଏହାକୁ ପ୍ରତିବାଦକରି ଆଜି ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ କାଣ୍ଡଗରଡିହି କମିଟି ତରଫରୁ କୁଲଡିହା ଭାରାପ୍ରାପ୍ତ ରେଞ୍ଜର ସୌମ୍ୟରଞ୍ଜନ ମାଝୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଚାଷଜମିର ସୁରକ୍ଷାପାଇଁ ବନ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷାମଞ୍ଚର କିଛି ସାଥୀ ମାନଙ୍କୁ ନେଇ ଗୋଟିଏ କମିଟି ଗଠନ କରାଯାଇଛି । ଯେତେବେଳେ ହାତୀ ଚାଷଜମିକୁ ଆସିବ ସେ ସମୟରେ ଉକ୍ତ କମିଟି ତରଫରୁ କୁଲଡିହା ରେଞ୍ଜରଙ୍କୁ ଅବଗତ କରାଯିବ ।ତାପରେ କୁଲଡିହା ରେଞ୍ଜରଙ୍କ ଅଫିସ ତରଫରୁ ହାତୀ ଘଉଡ଼ିବା ପାଇଁ ପଦକ୍ଷେପ ନିଆଯିବ। ପଟ୍ଟା ଥିବା ଜମିକୁ ଯଦି ହାତୀ ନଷ୍ଟକରେ ସେମାନଙ୍କୁ କ୍ଷତିପୂରଣ ଦେବାପାଇଁ ରେଞ୍ଜର ପ୍ରତିଶ୍ରୁତି ଦେଇଛନ୍ତି । ଯଦି ଉକ୍ତ କାର୍ଯ୍ୟ କୁଲଡିହା ରେଞ୍ଜର ନକରନ୍ତି ତେବେ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚ ପକ୍ଷରୁ ରେଞ୍ଜର ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବବୋଲି ଚେତାବନୀ ଦିଆଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଯୋଗାନନ୍ଦ ଦାସ, ଅମରେନ୍ଦ୍ର ନାୟକ,ବ୍ରଜ ସିଂ, ନିନୀ ସିଂ,ବିଶୁ ସିଂ, କାଳୀଚରଣ ସିଂ,କାଳିଆ ପାତ୍ର ସମେତ ଶତାଧିକ ସାଥୀ ଉପସ୍ଥିତ ଥିବା ଦେଖାଯାଇଛି।

# ଆମୋନିୟମ ନାଇଟ୍ରେଟ୍ ଗ୍ୟାସିଫିକେସନ୍ ପ୍ଲାଂଟ ବିରୋଧରେ ଜନଜାଗରଣ ପାଇଁ ଲଖନପୁର ନାଗରିକ ପରିଷଦର ପ୍ରସ୍ତାବ

ଝାରସୁଗୁଡ଼ା,୧୨/୦୯ (ନି.ପ୍ର): ଲଖନପୁର ବ୍ଲକ୍ ସିଂହାରପୁରସ୍ଥିତ ଝାଡ଼େଶ୍ୱର ମନ୍ଦିର ପରିସରରେ ବ୍ଲକ୍ ନାଗରିକ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ରବୀନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନାଗରିକ ପରିଷଦର ସଭାପତି ପୀତାମ୍ବର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ସନତ ସିଂହ, ବରିଷ୍ଠ ସଦସ୍ୟ ପ୍ରସନ୍ନ ସିଂହ, ସାଲେକରାମ ନାୟକ, ମନୋଜ ଅଗ୍ରୱାଲ, ସନ୍ତୋଷ ବିଶ୍ୱାଳ, ବୀରେନ୍ଦ୍ର ସାହୁ, କୁନା ପ୍ରଧାନ, ସୋନୁ ସାହୁ ଓ ସୁରେନ୍ଦ୍ର ପଣ୍ଡାଙ୍କ ସମେତ ବ୍ଲକ୍ ର ୧, ୨ ଓ ୩ ନମ୍ବର ଜିଲ୍ଲା ପରିଷଦ ଜୋନ୍ ର ବହୁ ବୁଦ୍ଧିଜୀବୀ, ବରିଷ୍ଠ ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ବୈଠକରେ ବିଶେଷ କରି ପ୍ରସ୍ତାବିତ ଆମୋନିୟମ ନାଇଟ୍ରେଟ୍ ଗ୍ୟାସିଫିକେସନ୍ ପ୍ଲାଂଟକୁ ବିରୋଧ କରି ଲଖନପୁର ବ୍ଲକ୍ ଅଂଚଳରେ ବ୍ୟାପକ ଜନଜାଗରଣ ସୃଷ୍ଟି କରିବା ନେଇ ଆଲୋଚନା ହୋଇଥିଲା। ଏନେଇ ଏକ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା। ଏହି ଅବସରରେ ନାଗରିକ ପରିଷଦର ନୂତନ କମିଟି ଘୋଷଣା କରାଯାଇଥିଲା। ପୀତାମ୍ବର ମିଶ୍ର ସଭାପତି, ପ୍ରସନ୍ନ ସିଂହ କାର୍ଯ୍ୟକାରୀ ସଭାପତି, ଅଶୋକ ସାହୁ ଉପସଭାପତି, ଗୌତମ ପ୍ରଧାନ ଓ ସାଲେକରାମ ନାୟକ ସାଧାରଣ ସମ୍ପାଦକ, ସନ୍ତୋଷ ବିଶ୍ୱାଳ ସମ୍ପାଦକ ଏବଂ ରବୀନ୍ଦ୍ର ବିଶ୍ୱାଳ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ ସଭ୍ୟ ଭାବେ ଧୀରେନ୍ଦ୍ର ପଣ୍ଡା, ସଞ୍ଜୟ ବେହେରା, ବୀରେନ୍ଦ୍ର ସାହୁ, ତରଣୀସେନ ସାହୁ, ଭାସ୍କର ଗରଡ଼ିଆ, ବେଦବ୍ୟାସ ପ୍ରଧାନ, ଅକ୍ଷୟ ସେଠ, ସନ୍ତୋଷ ରୋହିଦାସ, ନୀଳାଚଳ ସା, ଲିଙ୍ଗରାଜ ବଢ଼େଇ, ଦୟାସାଗର କୁମୁରା, ଟିକଲାଲ ପ୍ରଧାନଙ୍କ ସମେତ ମୋଟ ୨୪ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସନତ ସିଂହ, ସୁରେନ୍ଦ୍ର ପଣ୍ଡା ଓ ମନୋଜ ଅଗ୍ରୱାଲ ଉପଦେଷ୍ଟା ଭାବେ ରହିଛନ୍ତି।

## ପିତଳ ମଣ୍ଡିରେ ରେକର୍ଡ ପରିମାଣ ଚାଷୀଙ୍କ ପଞ୍ଜିକରଣ

ଗଞ୍ଜାମ,୧୨/୦୯ (ନି.ପ୍ର): ଶେରଗଡ ବ୍ଲକ ପିତଳ ସମବାୟ ସମିତିରେ ଚଳିତ ବର୍ଷ ରେକର୍ଡ ସଂଖ୍ୟକ ଖରିଫ ଧାନ ଫସଲ ସଂଗ୍ରହ ପାଇଁ ଚାଷୀ ମଣ୍ଡିରେ ପଂଜିକରଣ କରିଛନ୍ତି । ଗତବର୍ଷ ଅପେକ୍ଷା ଚଳିତବର୍ଷ ପ୍ରାୟ ଶତାଧିକ ଚାଷୀ ପଂଜିକରଣ କରିଥିବା ସୂଚନା ମିଳିଛି । ଏହି ସମିତି ପକ୍ଷରୁ ଖରିଫ ଧାନ ଫସଲ ପାଇଁ ଚାଷୀ ମାନଙ୍କୁ ଗତକାଲି ଠାରୁ ରାସାୟନିକ ସାର ଉଚିତ ଦରରେ ବିକ୍ରି ତଥା ସୁସମ ବଣ୍ଟନ ସଂପାଦକ କୃଷ୍ଣ ଚନ୍ଦ୍ର ନାୟକଙ୍କ ତତ୍ୱାବଧାନରେ କରାଯାଉଥିବାରୁ ସ୍ଥାନୀୟ ଚାଷୀଙ୍କ ମହଲରେ ସନ୍ତୋଷ ପ୍ରକାଶ ପାଇଛି ।

# ସେଲ୍ ଆରଏସ୍‌ପିରେ ଆଗାମୀ ରାଜଭାଷା ପାକ୍ଷିକ ପାଳନ ପାଇଁ 'ହିନ୍ଦୀ ହାସ୍ୟ ବ୍ୟଙ୍ଗ କବିତା ପାଠ' ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ




ରାଉରକେଲା,୧୨/୦୯ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ରେ ଆଗାମୀ 'ରାଜଭାଷା ପଖୱାଡ଼ା' ପାଳନ ଅବସରରେ ଜନସମ୍ପର୍କ ଏବଂ ରାଜଭାଷା ବିଭାଗ ଦ୍ୱାରା ଅନେକ ପ୍ରତିଯୋଗିତା ଆୟୋଜନ କରାଯାଉଛି। ୯ ସେପ୍ଟେମ୍ବର ୯ ତାରିଖ ରେ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଠାରେ ଏକ ହିନ୍ଦୀ 'ହାସ୍ୟ ବ୍ୟଙ୍ଗ କବିତା ପାଠ' ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ମୋଟ ୧୭ ଜଣ ଅଂଶଗ୍ରହଣ କରି ହାସ୍ୟ ଓ ବ୍ୟଙ୍ଗାତ୍ମକ କବିତା ପାଠ କରିଥିଲେ।

ମହାପ୍ରବନ୍ଧକ (ନଗର ସିଭିଲ୍-ଜଳ ଯୋଗାଣ) ଶ୍ରୀ ଦେବଜିତ୍ ରାଭା ଏବଂ ମହାପ୍ରବନ୍ଧକ (ଏମ୍ଆରଡ଼ି) ଶ୍ରୀ ସନ୍ତୋଷ କୁମାର ଭୂୟାଁଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ଦ୍ୱାରା ପ୍ରତିଯୋଗୀଙ୍କର ମୂଲ୍ୟାୟନ କରାଯାଇଥିଲା। ମହାପ୍ରବନ୍ଧକ (ପିଆର) ତଥା ସିଓସି ଶ୍ରୀମତୀ ଅର୍ଚ୍ଚନା ଶତପଥୀ ପ୍ରାରମ୍ଭରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

ସେହିପରି, ସେପ୍ଟେମ୍ବର ୧୦ ତାରିଖ ରେ ଗୋପବନ୍ଧୁ ଅଡିଟୋରିୟମ୍‌ରେ ଏକ ଆଶୁ ବାକ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯେଉଁଥିରେ ବିଭିନ୍ନ ବିଭାଗର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ରାଜଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ କର୍ମଚାରୀଙ୍କ ମଧ୍ୟରେ ପ୍ରଭାବଶାଳୀ ଯୋଗାଯୋଗ ଦକ୍ଷତାକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ପ୍ରତିଯୋଗିତାର ବିଚାରକ ମଣ୍ଡଳୀରେ ମହାପ୍ରବନ୍ଧକ (ଆରସିଏଲ୍) ଶ୍ରୀ ଆର୍ କିରଣ ଏବଂ ମହାପ୍ରବନ୍ଧକ (ଏସ୍‌ଏସ୍‌ଏମ୍) ଶ୍ରୀ ଏମ୍ ପି ରାଜା ରାଓ ସାମିଲ ଥିଲେ। ଏହି ଅବସରରେ ମହାପ୍ରବନ୍ଧକ (ପିଆର) ତଥା ସିଓସି ଶ୍ରୀମତୀ ଅର୍ଚ୍ଚନା ଶତପଥୀ ମଧ୍ୟ ଉପସ୍ଥିତ ଥିଲେ।

ଜନସମ୍ପର୍କ ଏବଂ ରାଜଭାଷା ବିଭାଗର ଏକ କର୍ମଚାରୀ ଦଳଙ୍କ ସହଯୋଗରେ ଉପପ୍ରବନ୍ଧକ (ପିଆର) ଶ୍ରୀ ଅନିଲ କୁମାର ଝା ଏହି କାର୍ଯ୍ୟକ୍ରମଗୁଡ଼ିକୁ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ ଯେ ସେପ୍ଟେମ୍ବର ୨୯ ତାରିଖ ରେ ଗୋପବନ୍ଧୁ ଅଡିଟୋରିୟମ୍‌ରେ ଆୟୋଜିତ ହେବାକୁ ଥିବା ରାଜଭାଷା ପୁରସ୍କାର ସମାରୋହରେ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।

# ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ



ବୈଶିଙ୍ଗା ,୧୨/୦୯ (ନି.ପ୍ର): ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ପଞ୍ଚପଲ୍ଲି ଉଚ୍ଚ ବିଦ୍ୟାଳୟ ହତିପତୁକା ଠାରେ ବେତନଟୀ ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୪ ଟି ଜୋନ ରୁ ଚୟନ ହୋଇ ଆସିଥିବା ବାଳକ ଓ ବାଳିକା ବିଭାଗରୁ ୧୭ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ପ୍ରତିଯୋଗୀଙ୍କ ମଧ୍ୟରେ ଫୁଟବଲ୍, ଖୋ ଖୋ ଓ କବାଡି ଖେଳ ଅନୁଷ୍ଠିତ ହୋଇଥିଲା। ପଞ୍ଚପଲ୍ଲି ହାଇସ୍କୁଲ୍ ର ପ୍ରଧାନ ଶିକ୍ଷକ ସୁବ୍ରତ ରଂଜନ ଦୁର୍ଗାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉଦ୍ ଘାଟନୀ ଉତ୍ସବ ମୂଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦାନ କରି ପିଲା ମାନଙ୍କୁ କ୍ରୀଡ଼ା ର ଆବଶ୍ୟକତା ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତା ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିନୋଦ କୁମାର ସିଂ, ସ୍ୱତନ୍ତ୍ର ଅତିଥୀ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା, ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଏବିଇଓ ଅପର୍ଣ୍ଣା ସାହୁ, ଜିଲ୍ଲା ଓଷ୍ଟା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ଯୋଗ ଦେଇ ଥିବା ବେଳେ ବ୍ଲକ କ୍ରୀଡ଼ା ସମ୍ପାଦକ ସଞ୍ଜୟ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ, ଅବସର ପ୍ରାପ୍ତ ଖେଳ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ ଅବସର ପ୍ରାପ୍ତ ବରିଷ୍ଠ ଖେଳ ଶିକ୍ଷକ ହରିଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ୍ ର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗଦାନ କରିଥିଲେ। ଚୟନ ହୋଇଥିବା ଛାତ୍ର ଛାତ୍ରୀ ମାନେ ଆସନ୍ତା ୧୬ ତାରିଖ ଠାରୁ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଖେଲାରାମ ବିଦ୍ୟା ନିକେତନ ପରୁଲିଆ ଠାରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବେ ବୋଲି ଜଣା ପଡ଼ିଛି ।

# ଟାଙ୍ଗୀରୁ କଂଗ୍ରେସରେ ଯୋଗଦେଲେ ବହୁ ବିଶିଷ୍ଟ ବ୍ୟକ୍ତି

## ମିଶ୍ରଣ ପର୍ବରେ ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ଖୋର୍ଦ୍ଧା,୧୨/୦୯ (ନି.ପ୍ର): କଂଗ୍ରେସ ଦଳର ନୀତି, ଆଦର୍ଶ ଏବଂ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ବ୍ଲକ ଓ ଟାଙ୍ଗୀ ବିଜ୍ଞାପିତ ଅଞ୍ଚଳର କେତେକ ବିଶିଷ୍ଟ ବ୍ୟକ୍ତି କଂଗ୍ରେସରେ ଯୋଗଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ଏହି ଯୋଗଦାନ ହୋଇଥିଲା। କଂଗ୍ରେସରେ ସାମିଲ ହୋଇଥିବା ପ୍ରମୁଖ ବ୍ୟକ୍ତିମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ବେହେରା, ବରିଷ୍ଠ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ, ସାମାଜିକ କର୍ମୀ ତଥା ସାମ୍ବାଦିକ ମାନସ ଚନ୍ଦ୍ର ପଟ୍ଟନାୟକ ଏବଂ ଯୁବ ସଂଗଠକ ମନୋରଞ୍ଜନ ପ୍ରଧାନ ରହିଛନ୍ତି। ସେମାନେ କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଇଥିବା କୁହାଯାଇଛି।

ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ନୂତନ ଭାବେ ଦଳରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଟାଙ୍ଗୀ ଅଞ୍ଚଳରେ ଦଳର ସାଂଗଠନିକ ଭିତ୍ତିକୁ ଆହୁରି ମଜବୁତ କରିବା ଏବଂ ଆଗାମୀ ଦିନରେ ଦଳକୁ ତୃଣମୂଳସ୍ତରରେ ସକ୍ରିୟ କରିବା ଉପରେ ଏହି ଅବସରରେ ଆଲୋଚନା ହୋଇଥିଲା।

ତେବେ ଏହି ମିଶ୍ରଣ ପର୍ବରେ ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁଙ୍କ ଅନୁପସ୍ଥିତି ରାଜନୈତିକ ମହଲରେ ଚର୍ଚ୍ଚାର କାରଣ ହୋଇଛି। ନିକଟରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦିକା ଭାବେ ନିଯୁକ୍ତି ପାଇଥିବା ସୋନାଲି ସାହୁଙ୍କ ଭଳି ଜଣେ ଗୁରୁତ୍ୱପୂର୍ଣ୍ଣ ଦଳୀୟ ନେତ୍ରୀ ଏହି କାର୍ଯ୍ୟକ୍ରମରେ ନଥିବାକୁ ନେଇ ଦଳୀୟ ମହଲରେ ବିଭିନ୍ନ ଆଲୋଚନା ଆରମ୍ଭ ହୋଇଛି।

ସୋନାଲି ସାହୁଙ୍କୁ ଏହି କାର୍ଯ୍ୟକ୍ରମରେ ଅଣଦେଖା କରାଯାଇଥିଲା କି, ନା ଅନ୍ୟ କୌଣସି କାରଣରୁ ସେ ଯୋଗଦେଇପାରିନଥିଲେ—ତାହା ସ୍ପଷ୍ଟ ହୋଇନାହିଁ। ସେହିପରି ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋନାଲି ସାହୁଙ୍କ ଅନୁପସ୍ଥିତି ପଛରେ କୌଣସି ମତାନ୍ତର ରହିଛି କି ନାହିଁ, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏ ସମ୍ପର୍କରେ ସୋନାଲି ସାହୁ କିମ୍ବା ଜିଲ୍ଲା କଂଗ୍ରେସ ପକ୍ଷରୁ କୌଣସି ସ୍ପଷ୍ଟ ବିବୃତି ମିଳିନାହିଁ।

ମିଶ୍ରଣ ପର୍ବରେ ବରିଷ୍ଠ କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ଖୋର୍ଦ୍ଧା ନଗର କଂଗ୍ରେସ ସଭାପତି ରଞ୍ଜିତ ମହାପାତ୍ର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଶେଖ ସାଜିଦ, ଟାଙ୍ଗୀ ବ୍ଲକ କଂଗ୍ରେସ ସଭାପତି ଶିଶିର ପଟ୍ଟନାୟକ, କଂଗ୍ରେସ ନେତା ସନାତନ ବେହେରା, ସର୍ବେଶ୍ୱର ମଲ୍ଲିକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ଟାଙ୍ଗୀ ଏନ୍ ?ଏସିରେ କଂଗ୍ରେସ ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ଟାଙ୍ଗୀ ବ୍ଲକରେ ଦଳର ପୁରୁଣା ସାଂଗଠନିକ ଭିତ୍ତିକୁ ପୁନଃସ୍ଥାପିତ କରିବା ପାଇଁ ଦଳୀୟ ନେତାମାନେ ଆହ୍ୱାନ ଦେଇଥିଲେ। ନୂତନ ଭାବେ ଯୋଗଦେଇଥିବା ବ୍ୟକ୍ତିମାନଙ୍କ ସାମାଜିକ ଓ ସାଂଗଠନିକ ଅଭିଜ୍ଞତାକୁ ଦଳର ତୃଣମୂଳ ସଂଗଠନକୁ ମଜବୁତ କରିବାରେ ଉପଯୋଗ କରାଯିବ ବୋଲି ଦଳୀୟ ମହଲରେ ଆଶା ପ୍ରକାଶ ପାଇଛି।

ଏହି ନୂତନ ଯୋଗଦାନ ଟାଙ୍ଗୀ ଅଞ୍ଚଳରେ କଂଗ୍ରେସର ସାଂଗଠନିକ ଚିତ୍ରକୁ କେତେଦୂର ପ୍ରଭାବିତ କରିବ ଏବଂ ସୋନାଲି ସାହୁଙ୍କ ଅନୁପସ୍ଥିତିକୁ ନେଇ ଉଠିଥିବା ଚର୍ଚ୍ଚା ଆଗାମୀ ଦିନରେ କେଉଁ ରାଜନୈତିକ ଦିଗ ନେବ, ତାହା ଉପରେ ଏବେ ଦଳୀୟ କର୍ମୀ ଓ ସ୍ଥାନୀୟ ରାଜନୈତିକ ମହଲର ନଜର ରହିଛି।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ମୟୂରଭଞ୍ଜ ଗସ୍ତ

## ଜିଲ୍ଲାରେ ଶିଶୁ ଓ ମହିଳା ସୁରକ୍ଷା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ନେଇ ସମୀକ୍ଷା

ବାରିପଦା ,୧୨/୦୯ (ନି.ପ୍ର): ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ମୟୂରଭଞ୍ଜ ଜିଲ୍ଲାରେ ଶିଶୁମାନଙ୍କ ସୁରକ୍ଷା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସ୍ଥିତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଓ ସଦସ୍ୟା କସ୍ତୁରୀ ମିଶ୍ର ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ୩ଟି ସବ-ଡିଭିଜନ ର ୧୨ରୁ ଅଧିକ ବ୍ଲକ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ଅଧିକାରୀ, ଏଡିଏମ ଏବଂ ସିଡିଏମଓଙ୍କ ଉପସ୍ଥିତିରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଜିଲ୍ଲାର ପ୍ରତ୍ୟେକ ଶିଶୁ ଯେପରି ଉପଯୁକ୍ତ ଶିକ୍ଷା ପାଇପାରିବେ, ବାଲ୍ୟ ବିବାହ ଏବଂ ଶିଶୁ ଶ୍ରମ ସମ୍ପୂର୍ଣ୍ଣ ବନ୍ଦ ହେବ ଏବଂ ପ୍ରତ୍ୟେକ ପିଲା ପୁଷ୍ଟିକର ଖାଦ୍ୟ ପାଇପାରିବେ, ସେନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ତେବେ ପରିଦର୍ଶନ ବେଳେ ସ୍କୁଲ ଓ ହୋଷ୍ଟେଲ ମାନଙ୍କରେ ବିଭିନ୍ନ ପ୍ରକାରର ଅବ୍ୟବସ୍ଥା ଓ ଅନିୟମିତତା ଦେଖି ଅସନ୍ତୁଷ୍ଟ ପ୍ରକାଶ କରିବା ସହ ଅଧିକାରୀ ମାନଙ୍କୁ ତାଗିଦ କରିଛନ୍ତି ଅଧ୍ୟକ୍ଷା। ଏସ.ସି-ଏସ.ଟି ସ୍କୁଲ, ପି.ଏମ.ଶ୍ରୀ ସ୍କୁଲ ଏବଂ ଅନ୍ୟାନ୍ୟ ବିଦ୍ୟାଳୟ ଗୁଡ଼ିକର ପରିଦର୍ଶନ ସମୟରେ ପିଲାମାନଙ୍କ ଶୌଚାଳୟ, ରୋଷେଇ ଶାଳା ଏବଂ କୋଠାବାଡ଼ି ଭଳି ଅନେକ ଭିତ୍ତିଭୂମିଗତ ଅସୁବିଧା ଓ ଅବ୍ୟବସ୍ଥା ନଜରକୁ ଆସିଛି। ଏସବୁ ସମସ୍ୟାର ସମାଧାନ ପାଇଁ ପି.ଏ.ଆଇ.ଟି.ଡି.ଏ ଏବଂ ଜିଲ୍ଲା ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନବାଡ଼ି କେନ୍ଦ୍ର, ଟି.ଏଚ.ଆର. କେନ୍ଦ୍ର ଏବଂ ହସ୍ପିଟାଲଗୁଡ଼ିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ପେଡ଼ିଆଟ୍ରିକ ସେବାରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ହସ୍ପିଟାଲଗୁଡ଼ିକ ଛୋଟ ପଡୁଥିବାରୁ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଆଲୋଚନା ହୋଇଛି। ପ୍ରାୟ ୧୯ଟି ଟି.ଏଚ.ଆର. କେନ୍ଦ୍ରର ଭେରିଫିକେସନ କରାଯାଇ ପୁଷ୍ଟିକର ଖାଦ୍ୟର ମାନ ଯାଞ୍ଚ ପାଇଁ କୁହାଯାଇଛି। ହଷ୍ଟେଲ ଗୁଡ଼ିକରେ ରହୁଥିବା ପିଲାମାନଙ୍କ ପାଇଁ କାଉନସେଲର ରହିବା ଅତ୍ୟନ୍ତ ଜରୁରୀ ବୋଲି କମିଶନ ମତ ଦେଇଛନ୍ତି। ବିଭାଗୀୟ ଅଧିକାରୀ ଏବଂ ଡାଇରେକ୍ଟରଙ୍କ ସହ ଫୋନରେ ଆଲୋଚନା କରାଯାଇ ଆଗାମୀ ଦିନରେ ଏହାର ସମାଧାନ କରାଯିବ। ସ୍କୁଲରୁ ପାଠପଢ଼େଇ ଛାଡୁଥିବା ପିଲାମାନଙ୍କୁ ପୁନର୍ବାର ବିଦ୍ୟାଳୟକୁ ଆଣିବା ପାଇଁ ଗଠିତ କମିଟିକୁ ଅଧିକ କଡ଼ାକଡ଼ି ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ମୟୂରଭଞ୍ଜକୁ ଏକ ଶିଶୁ ଶ୍ରମମୁକ୍ତ ଏବଂ ବାଲ୍ୟବିବାହ ମୁକ୍ତ ଜିଲ୍ଲା କରିବା ସହିତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସୁଦୃଢ଼ କରିବା ପାଇଁ ପ୍ରଶାସନ ଏବଂ ଆୟୋଗ ପକ୍ଷରୁ ମିଳିତ ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି ଅଧ୍ୟକ୍ଷା ଶ୍ରୀମତୀ ପାତ୍ର।

# ଜନସେବା ଓ ସଂସଦୀୟ ଉତ୍କର୍ଷର ସ୍ୱୀକୃତି: ସାଂସଦ ରତ୍ନ-୨୦୨୬ ସମ୍ମାନରେ ସମ୍ମାନିତ ହେଲେ ସପ୍ତଗିରି ଶଙ୍କର ଉଲାକା

ଜୟପୁର,୧୨/୦୯ (ନି.ପ୍ର): କୋରାପୁଟ ଲୋକସଭା ସାଂସଦ ଶ୍ରୀ ସପ୍ତଗିରି ଶଙ୍କର ଉଲାକା ଗ୍ରାମୀଣ ବିକାଶ ଓ ପଂଚାୟତିରାଜ ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ ଭାବେ କମିଟିର ଉତ୍କୃଷ୍ଟ ସଂସଦୀୟ କାର୍ଯ୍ୟଦକ୍ଷତା ପାଇଁ ସମ୍ମାନଜନକ 'ସାଂସଦ ରତ୍ନ ପୁରସ୍କାର ୨୦୨୬' ଗ୍ରହଣ କରିଛନ୍ତି। ୯ ସେପ୍ଟେମ୍ବର ୨୦୨୬ରେ ନୂଆଦିଲ୍ଲୀଠାରେ ଆୟୋଜିତ ୧୬ତମ ସାଂସଦ ରତ୍ନ ପୁରସ୍କାର ସମାରୋହରେ ଶ୍ରୀ ଉଲାକା ଏହି ସମ୍ମାନ ଗ୍ରହଣ କରିଥିଲେ। ଚଳିତ ବର୍ଷ ଉତ୍କୃଷ୍ଟ ସଂସଦୀୟ କାର୍ଯ୍ୟଦକ୍ଷତା ପାଇଁ ସମ୍ମାନିତ ହୋଇଥିବା ଚାରିଟି ସଂସଦୀୟ କମିଟି ମଧ୍ୟରେ ଗ୍ରାମୀଣ ବିକାଶ ଓ ପଂଚାୟତିରାଜ ସ୍ଥାୟୀ କମିଟି ଅନ୍ୟତମ। ଶ୍ରୀ ଉଲାକାଙ୍କ ଅଧ୍ୟକ୍ଷତାରେ ଏହି କମିଟି ସଂସଦୀୟ ଯାଂଚ ଓ ନିରୀକ୍ଷଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ରେକର୍ଡ ବଜାୟ ରଖିଛି। ୧୮ତମ ଲୋକସଭା କାର୍ଯ୍ୟକାଳରେ କମିଟି ଏପର୍ଯ୍ୟନ୍ତ ସଂସଦରେ ୪୧ଟି ରିପୋର୍ଟ ଉପସ୍ଥାପନ କରିଛି। ଏହି ରିପୋର୍ଟଗୁଡ଼ିକରେ ଗ୍ରାମୀଣ ବିକାଶ, ପଂଚାୟତିରାଜ, ଗ୍ରାମୀଣ ନିଯୁକ୍ତି ଓ ଜୀବିକା, ଗ୍ରାମୀଣ ସଡ଼କ, ଜମି ପରିଚାଳନା, ଆଦିବାସୀ ଅଧିକାର ଏବଂ ତୃଣମୂଳସ୍ତରୀୟ ଗଣତନ୍ତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ଥାନ ପାଇଛି। ପୁରସ୍କାର ଗ୍ରହଣ ପରେ ନିଜର କୃତଜ୍ଞତା ଜଣାଇ ଶ୍ରୀ ଉଲାକା କହିଛନ୍ତି ଯେ "ଗ୍ରାମୀଣ ବିକାଶ ଓ ପଂଚାୟତିରାଜ ସ୍ଥାୟୀ କମିଟିର ଅଧ୍ୟକ୍ଷ ଭାବେ 'ସାଂସଦ ରତ୍ନ ପୁରସ୍କାର ୨୦୨୬' ଗ୍ରହଣ କରି ମୁଁ ଅତ୍ୟନ୍ତ ଗୌରବାନ୍ୱିତ। ଏହି ସମ୍ମାନ କେବଳ ମୋର ବ୍ୟକ୍ତିଗତ ସଫଳତା ନୁହେଁ; ଏହା କମିଟିର ସମସ୍ତ ସଦସ୍ୟଙ୍କ ସାମୂହିକ ପରିଶ୍ରମ, ନିଷ୍ଠା ଓ ଅବଦାନର ସ୍ୱୀକୃତି। ଏଥିପାଇଁ ମୁଁ କମିଟିର ସମସ୍ତ ସଦସ୍ୟ, ଲୋକସଭା ସଚିବାଳୟର ଅଧିକାରୀ ଓ କର୍ମଚାରୀ, ତଥା ସମ୍ପୃକ୍ତ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକୁ ସେମାନଙ୍କର ସହଯୋଗ ପାଇଁ ଆନ୍ତରିକ ଧନ୍ୟବାଦ ଜଣାଉଛି ।ସର୍ବୋପରି, ଏହି ସମ୍ମାନକୁ ମୁଁ ମୋର ପ୍ରିୟ କୋରାପୁଟବାସୀଙ୍କୁ ସମର୍ପିତ କରୁଛି। ସେମାନଙ୍କର ଭଲପାଇବା, ବିଶ୍ୱାସ ଓ ଆଶୀର୍ବାଦ ମୋର ସାର୍ବଜନୀନ ଜୀବନର ସବୁଠାରୁ ବଡ଼ ପ୍ରେରଣା। କୋରାପୁଟର ଲୋକଙ୍କ ସ୍ୱରକୁ ସଂସଦରେ ଉଠାଇବା ଏବଂ ସେମାନଙ୍କର ଅଧିକାର, ସମ୍ମାନ ଓ ଉନ୍ନତି ପାଇଁ ନିରନ୍ତର କାର୍ଯ୍ୟ କରିବା ମୋର ଦାୟିତ୍ୱ। ଜଣେ ସାଂସଦ ଭାବେ ମୁଁ ପାଉଥିବା ପ୍ରତ୍ୟେକ ସମ୍ମାନ ମୋତେ ଆହୁରି ଅଧିକ ଦାୟିତ୍ୱବାନ ଓ ଜନସେବା ପ୍ରତି ସମର୍ପିତ ହେବାକୁ ପ୍ରେରଣା ଦିଏ।

# ନୀଳଗିରି ବ୍ଲକ କେ.ପି ଲାଖରାଜ ଗ୍ରାମ ପଂଚାୟତର ନୂତନ କଂଗ୍ରେସ କମିଟି ଗଠିତ



ନୀଳଗିରି,୧୨/୦୯ (ନି.ପ୍ର): ନୀଳଗିରି ବ୍ଲକ କେ.ପି.ଲାଖରାଜ ଗ୍ରାମ ପଂଚାୟତରେ ବହୁଦିନ ଧରି କଂଗ୍ରେସ କମିଟି ନଥିବା ସ୍ଥଳେ ବର୍ତ୍ତମାନର ବ୍ଲକ କଂଗ୍ରେସ ସଭାପତି ଶ୍ରୀ ତପନ କୁମାର ରାଉତଙ୍କ ନେତୃତ୍ୱ ରେ ଗତ ୯ ତାରିଖରେ ନୂତନ କଂଗ୍ରେସ କମିଟି ଗଠନ କରାଯାଇଛି । ଉକ୍ତ କମିଟିରେ ସମସ୍ତଙ୍କ ସହମତି କ୍ରମେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ମହାପାତ୍ରଙ୍କୁ ସଭାପତି , ସମ୍ପାଦକ ଚିନ୍ମୟ କୁମାର ମହାପାତ୍ର, ଡେବିଡ କୁମାର ବାରିକ ଉପସଭାପତି , ସହସମ୍ପାଦକ ଭାବେ ରୋହିତ କୁମାର ପାତ୍ର, ସହ ସମ୍ପାଦକ ବିଦ୍ୟାଧର ମଳିକ, ସାଗର ଦାସ ଏବଂ କୋଷାଧ୍ୟକ୍ଷ ରୂପେ ପୂର୍ବତନ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସନେତା ଜୀବନାନନ୍ଦ ଦେବଗୋସ୍ୱାମୀଙ୍କୁ ସର୍ବ ସହମତି କ୍ରମେ ଚୟନ କରାଯାଇଛି ।ଉକ୍ତ ପଂଚାୟତରେ ମୋଟ ୩୧ଜଣ ସଦସ୍ୟଙ୍କୁ ନେଇ କମିଟି ଗଠନ କରାଯାଇଥିବା ବେଳେ କଂଗ୍ରେସ ବରିଷ୍ଠ ନେତୃତ୍ୱ ଙ୍କୁ ନେଇ ଏକ ଉପଦେଷ୍ଟା କମିଟି ମଧ୍ୟ ଗଠନ କରାଯାଇଛି । ଏହି ଉପଦେଷ୍ଟା କମିଟି ବୃନ୍ଦ ହେଲେ ପୂର୍ବତନ ନୀଳଗିରି ଯୁବକଂଗ୍ରେସ ସଭାପତି ତଥା ପୂର୍ବତନ ସମିତି ସଭ୍ୟ ମନୋରଞ୍ଜନ ଲେଙ୍କା, ବରିଷ୍ଠ କଂଗ୍ରେସ ନେତା ହେମନ୍ତ ବିଶ୍ୱାଳ,ବରିଷ୍ଠ କଂଗ୍ରେସ ନେତା କଟି ମହାରଣା,ପୂର୍ବତନ ସରପଞ୍ଚ ଶଶୀକାନ୍ତ ସିଂ, ପୂର୍ବତନ ସମିତି ସଭ୍ୟ ଶ୍ରୀକାନ୍ତ ସିଂ,ଓ କଂଗ୍ରେସ ମହିଳା ନେତ୍ରୀ ଶ୍ରୀମତୀ ରାକ୍ଷୀ ହେମ୍ବ୍ରମ। ଉକ୍ତ କମିଟି ଗଠନ ପରେ ବ୍ଲକ ସଭାପତି ଶ୍ରୀ ରାଉତ ସମସ୍ତ ଙ୍କୁ ତୃଣ ମୂଳ ସ୍ତର ରୁ ସଂଗଠନ କୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ ।ଦୃନୀତି ମୁକ୍ତ ସ୍ୱଚ୍ଛ ଶାସନ କେବଳ କଂଗ୍ରେସ ହିଁ ଦେବ ବୋଲି ପରିପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ରାମକୃଷ୍ଣ ଜେନା,ମହିଳା କଂଗ୍ରେସ ନେତ୍ରୀ ବୀଣା ପାତ୍ର, ବ୍ଲକ ଉପସଭାପତି ଶ୍ରୀ ସୁରେନ୍ଦ୍ର ଦାସ ପ୍ରମୁଖ କଂଗ୍ରେସ ଦଳ ଉଠିଲେ ଦେଶ ର ଉନ୍ନତି ହେବ ବୋଲି କହିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୩ ସେପ୍ଟେମ୍ବର ୨୦୨୬
email :
rabibarachayan2015@gmail.com

# ରବିବାର ଚୟନ



......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



## ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

### ୪୪ ଆନନ୍ଦ (ଖ)

୨. ତାଙ୍କୁ ବୁଦ୍ଧଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଖାଦ୍ୟ ଦିଆଯିବା ଉଚିତ ନୁହେଁ।

୩. ସେ ବୁଦ୍ଧଙ୍କ ସୁଗନ୍ଧିତ କକ୍ଷରେ ଶୋଇବା ଉଚିତ ନୁହେଁ।

୪. ନିମନ୍ତ୍ରଣ ପାଇ ବୁଦ୍ଧଙ୍କ ସହିତ ଭିକ୍ଷାଗ୍ରହଣ କରିବାକୁ ତାଙ୍କୁ କୁହାଯାଇପାରିବ ନାହିଁ।

୫. ତାଙ୍କ ଦ୍ୱାରା ପ୍ରାପ୍ତ ନିମନ୍ତ୍ରଣଗୁଡ଼ିକ ପ୍ରତି ବୁଦ୍ଧ ସମ୍ମତି ଦେବା ଉଚିତ।

୬. ବୁଦ୍ଧଙ୍କୁ ଦର୍ଶନ କରିବାକୁ ଦୂରଦୂରାନ୍ତରରୁ ଆସୁଥିବା ପରିଦର୍ଶକଙ୍କ ସହ ପରିଚୟ କରାଇବା ପାଇଁ ବୁଦ୍ଧ ତାଙ୍କୁ ଅନୁମତି ଦେବା ଉଚିତ।

୭. ଯେତେବେଳେ ତାଙ୍କର କୌଣସି ସନ୍ଦେହ ନଥାଏ, ସେତେବେଳେ ତାଙ୍କୁ ସ୍ପଷ୍ଟୀକରଣ ପାଇଁ ବୁଦ୍ଧଙ୍କ ସହିତ ପରାମର୍ଶ କରିବାକୁ ଅନୁମତି ଦିଆଯିବା ଉଚିତ।

୮. ବୁଦ୍ଧ ତାଙ୍କ ଅନୁପସ୍ଥିତିରେ ପ୍ରଦତ୍ତ ପ୍ରବଚନଗୁଡ଼ିକୁ ତାଙ୍କୁ ପୁନରାବୃତ୍ତି କରିବା ଉଚିତ।

ବୁଦ୍ଧ ଏହି ଆଠଟି ସର୍ତ୍ତକୁ ସମ୍ମତି ଦେବା ପରେ ପୂଜ୍ୟ ଆନନ୍ଦ ପଚିଶ ବର୍ଷ ପର୍ଯ୍ୟନ୍ତ ବୁଦ୍ଧଙ୍କ ପ୍ରମୁଖ ସେବକ ରହିଥିଲେ।

ପରମପୂଜ୍ୟ ଆନନ୍ଦ ରାଜା ଶୁଦ୍ଧୋଦନଙ୍କ ସାନଭାଇଙ୍କ ପୁତ୍ର ଥିଲେ। ତେଣୁ ସେ ବୁଦ୍ଧଙ୍କର ଥିଲେ ସମ୍ପର୍କୀୟ ଭାଇ। ସେ ବୁଦ୍ଧଙ୍କ ଉପଦେଶ ପ୍ରାପ୍ତିର ଦ୍ୱିତୀୟ ବର୍ଷରେ ଭିକ୍ଷୁସଂଘରେ ପ୍ରବେଶ କରିଥିଲେ। ଏହାର ଅଳ୍ପଦିନ ପରେ ପରମପୂଜ୍ୟ ପୁନ୍ନାମନ୍ତାନିପୁତ୍ତ ଦ୍ୱାରା ପ୍ରଦତ୍ତ ଉପଦେଶ ଶୁଣି ସେ ସନ୍ଥତ୍ୱର ପ୍ରଥମ ପର୍ଯ୍ୟାୟ (ସୋତାପତ୍ତି) ପ୍ରାପ୍ତ କଲେ।



ବୁଦ୍ଧଙ୍କ ବ୍ୟକ୍ତିଗତ ପରିଚାରକ ହେବାଦିନଠାରୁ ସେ ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ଭକ୍ତି ଏବଂ ଯତ୍ନର ସହିତ ଗୁରୁଙ୍କର ସେବା କରିଥିଲେ। ଦିନରାତି ସେ ଗୁରୁଙ୍କ ସେବା କରିଥିଲେ। ରାତିରେ ସେ ବୁଦ୍ଧ ବିଶ୍ରାମସ୍ଥଳର ଚାରିପଟେ ପହରା ଦେଉଥିଲେ, ଯେମିତି ତାଙ୍କର ନିଦରେ ବ୍ୟାଘାତ ସୃଷ୍ଟି ନହେଉ।

ଶିଷ୍ୟମାନଙ୍କୁ ପଦବୀ ପ୍ରଦାନ କରିବା ସମୟରେ ବୁଦ୍ଧ ପୂଜ୍ୟ ଆନନ୍ଦଙ୍କୁ ବିଦ୍ୱାନ, ସଚେତନ, ସୁସଂସ୍କୃତ ଓ ଦୃଢ଼ ସଂକଳ୍ପବଦ୍ଧ ଭିକ୍ଷୁମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବୋଲି ମାନ୍ୟତା ଦେଇଥିଲେ। ଭିକ୍ଷୁଣୀସଂଘ ସ୍ଥାପନ ଓ ଆନନ୍ଦ ବୋଧିବୃକ୍ଷ ରୋପଣ କ୍ଷେତ୍ରରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଥିଲା, ଯାହା ଆଜି ମଧ୍ୟ ଜେତବନ ମଠ ନିକଟରେ ବଞ୍ଚିରହିଛି। ଯଦିଓ ପୂଜ୍ୟ ଆନନ୍ଦଙ୍କୁ ବୁଦ୍ଧଙ୍କ ପ୍ରତ୍ୟେକ ଉପଦେଶ ଶୁଣିବାର ଦୁର୍ଲ୍ଲଭ ସୌଭାଗ୍ୟ ମିଳିଥିଲା, ତଥାପି ବି ବୁଦ୍ଧଙ୍କ ଦେହାନ୍ତ ପରେ ସେ ଅର୍ହତ (ଆରହନ୍ତ) ପଦବୀ ପାଇ ନଥିଲେ।

ପରମପୂଜ୍ୟ ଆନନ୍ଦ ଏକଶହ କୋଡ଼ିଏ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ।

(କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ମିନିଗଳ୍ପ-୨୧

### ମାମଲା (ପ)

ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ



ପୃଷ୍ଟି ମଉସା ଭାରି ନିୟତିଆ ମଣିଷ। କାହାର ଖାଇବାର ନାଇଁ କି ଧାରିବାର ନାଇଁ।ଚେହେରା ଶଙ୍ଖସଫେଦ। ଖୋରଧା ଛ'ହାତି କଟିକି ଓ ଚାରିହାତି କାନ୍ଧକୁ ଢେର୍ । ବଦାଭ୍ୟାସ ପାଖ ମାଡନ୍ତିନି। ଭାରି ସଫାସୁତର। କାମ ସବୁ ବୋରବୋରି ନିକ। ଦିହ ମନ ସବୁବେଳେ ଧୂଆ ମୁଗ ଅରୁଆଚାଉଳ। ମାଉସୀ ବି ଆରେକ । ଦିହିଁକି ଦିହେଁ ବଗବଗୁଲୀ। ଖଟଣିଆ ଦି'ପରାଣୀ। ମାଉସୀ ବି ଧୋବଫରଫର, ସଫାସୁତର, ଚାନ୍ଦମୁହାଁ ଟୁକୁଲିଟିଏ ।। କଥା ସବୁ ଯୋଡିଙ୍କର ଠୋସଠାସ। ଗଛରୁ ପଡିଲା ମଲା। ମାର ମସୁର କିଛି ନାହିଁ ମନରେ। କାହାକୁ ଆକଟିବାର ନାହିଁ କି ମାଲିସି ନାହିଁ। ସବୁବେଳେ ଗତରରେ ମନ। ଭାଗବଖୁରା, ଚାଷଜମି, ଗାଈଗୋରୁ ମିହନତରେ ମାଣକ ପୂରେ। ଘରକୁ ଦାନା ଆସେ। ତିନିପୁଅବି ସେଇଥିରେ ପାଠ ପଢନ୍ତି। ବଡ଼ପୁଅ ଅବିକଳ ବାପ ମା' ପରି । ବେଶଭୂଷା, ମାନମିହନତ ସବୁଥିରେ ମାତବରି। ଯାହା ନାଁ ଅବିଜାକୁ ଗଉଁଆ କରିଦିଅନ୍ତି ଖଡି ଧରାଇ। ଖବିସା ଖଚଡଙ୍କୁ ଦିଅଁଘର ଦେଖାନ୍ତି। ଘରବାରି କାଚକାଞ୍ଚନ। ଭାତ କୁଢେଇ ଖାଇବ। ପିଆରା ପିଜୁଳିଠୁ ଜାମୁରୋଳ, ଗୋଲାପଜାମ, ସପେଟା, ବେଦନା, ବିଲାତିକଇଁଆ, କନ୍ଦମୂଳ, ଗୋଲାଲୁ ବେଲ, ସଜନା, ବାତାପି, ହଳଦୀ, ସାରୁ, ଅଦା ଆଦି ହରେକରକମ ଫଳ ପନିପରିବା ବାରିବିଲରେ। ଅପରାଜିତା, ମାଳତୀ, ହେନା, ମଲ୍ଲୀ, ନାଗଚମ୍ପା, ଅଶୋକ, କୁରୁବଲ୍ଲୀ, କନିଅର, ତରାଟ, ଝୁଲୁମନ୍ଦାର, ପେଚ୍ଛିମନ୍ଦାର, ନାଲିମନ୍ଦାର ଭଳି ନାନାଜାତି ସୁଢଳ ତଥା ବାସନାଫୁଲ ଚମକୁଥାଏ ଚହଟୁଥାଏ ଚତୁର୍ଦ୍ଦିଗରେ। ଆହା ! ସତେ ବା କଣ୍ୱମୁନିଙ୍କ ଉଟଜ ଅଥବା ସରଗର ନନ୍ଦନବନ !

ଗୋସେଇଁ ଘର କାଳିଗାଈ ବଡ଼ ହୁରୁମା। ଖରାଦିନିଆ ଧାନକଟା ପରେ ଗୋରୁଛାଡ଼ ନାଗରା ବାଜିଲା।ଗୋରୁପଲ ଚରାଚରି ହୋଇ ଖୋଜ ବଢେଇ ବଢେଇ ଗହୀର ପରେ ଗହୀର ଟପି ମାଡି ଚାଲିଲେ ଅମଡାମଡା । ସଞ୍ଜ ହେଲା। ସମସ୍ତେ ଫେରିଲେ। କାଳିଗାଈ କାହିଁ ? ଗୋସେଇଁ, ବଡ଼ଗୋସେଇଁ ଆ ଆ ହୋଇ କୁହାଟି ଚାଲିଲେ। ଖେଦିଗଲେ ଗହୀରକୁ ଗହୀର। ସୋରଶବଦ କିଛି ନାହିଁ। ମନକୁ ପାପ ଛୁଇଁଲା। କଂସେଇ ନେଇନାହାନ୍ତି ତ ?

ନିୟମ ଅନୁସାରେ ଗୋସେଇଁ ରହିଲେ ଦେଢ଼ଦିନ ଓପାସ। ଘରମୁରବୀ ଗୋଧନ ନମିଳିବା ଯାଏ ଅନ୍ନଜଳ ଛୁଇଁବନି। ତା 'ପରଦିନ ଦିନ ତିନିଟାକୁ ଏଡେ ହୁରୁମାଗାଈ ଗଳାରେ ଗାମୁଛା ପକେଇ ଗୋସେଇଁଙ୍କ ଦାଣ୍ଡରେ ହାଜର ହେଲେ ପୃଷ୍ଟି ମଉସା। ଗୋସେଇଁ ବଡ଼ଗୋସେଇଁ ଗଦଗଦ ହୋଇଗଲେ। ଧୂଧୂ ଖରା। ଜଳମୁନ୍ଦିଏ ବି ନେଲେନି ମଉସା। ଇଲୋ ବୋପା ! ବିପ୍ରଙ୍କୁ ଗୁରୁଙ୍କୁ ଦାନ କରାଯାଏ। ପାଣି ଛୁଇଁଲେ ଋଣ ବଢିବ। ମହାପାତକ !

ପୃଷ୍ଟିମଉସାଙ୍କ ତିନିପୁଅ ପାରିବାର। ମଝିଆ ପଶୁଚିକିତ୍ସକ। ସାନ ଭେଷଜ ନିଦାନ ପ୍ରସ୍ତୁତକାରୀ। ହେତୁକାର ହେଲା ପରେ ବଡ଼ପୁଅ ରଖିଲେ ମଉସାଙ୍କୁ। ମାଉସୀଙ୍କୁ ଆନ ଦୁଇଜଣ। କି କଷ୍ଟ ସତରେ ! ତଥାପି ବଡ଼ପୁଅ ବୋଉ ବୋଉ କହି ଲୁଚେଇକି ଦବାନବା କରନ୍ତି ସାନପୁଅ ଘରକୁ ଯାଇ।

ମଉସା ବାଧିକି ପଡିଲେ। ଅଖଳପାଣି। ଅଣଓସାରି ପକାପିଣ୍ଡାରେ ସପ ପକେଇ ପଡିଥାନ୍ତି। ତିନିପୁଅ, ବୋହୂ ପାଟିକୁ ଚାମଚେ ଚାମଚେ ବେଦନା ପାଣି, ନିରିମାଇଲ ଦଉଥାନ୍ତି। ଉପରକୁ ଆଁ'ଟା ମେଲି ପଡିଥାନ୍ତି ମଉସା। ପାଖକୁ ଆସିଲେ ଦେଖିବାକୁ ଚମ୍ପାଫୁଲିଆ ମାଉସୀ। ମଗୁଶିର ଗୁରୁବାର। ଦୁଇ ଲକ୍ଷ୍ମୀପାଦରେ ଅଳତା ନାଇଥାନ୍ତି ମାଉସୀ। ବୁଢାକୁ ଦେଖି ଦି'ଆଖିରୁ ତତଲା ଲୁହ ଦି'ଧାର ନିଗିଡି ଗଲା। ପିଣ୍ଡାପାହାଚ ତଳକୁ ଖସିଲେ। ଉପରକୁ ଅନେଇଲେ। ସୂରୁଯ ମାହାପୁରୁ ଉହାଡିଲେଣି। ପଛିମପଟ କେଡେ ଚହଟୁଚି ପାଟଳବନରେ। ଆହା !

ମଥାରେ ମାଉସୀର ଜଳୁଚି କେଡେ ମଥାଏ ସିନ୍ଦୂର।

ମାଉସୀ ପାଟି ଖନି ମାରି ଗଲା। ଟୁପୁଟୁପୁ ହୋଇ ବଡ଼ପୁଅକୁ ଡାକିଲେ: ଗନ୍ଧିଆରେ !ମୋ ପାଇଁ ଏଇ ଅଗଣାରେ ସପଟେ ବିଛେଇ ଦେଲୁ। ମତେ କାଇଁ ଅକଳିଆ ଲାଗୁଚି ?

ଏମିତି କଥା ବୁଢ଼ୀ ତୁଣ୍ଡରୁ ଆଜିଯାଏ କେହି ଶୁଣି ନଥିଲେ। ବୁଢୀ ଜରରେ କମ୍ପୁଥବ ପଛେ କାହାକୁ ତା'କାମ କରିବାକୁ ଦବନାହିଁ। ବୁଢୀ ତ ଆଜି କେଡେ ଆଣ୍ଟରେ ନଡିଆପତର ଦୁହୁଁଥେଲା। ପୋଣ୍ଟୁଅ ବାନ୍ଧି ଭାଡିକୁ ଆଉଜଉ ଥେଲା। କଣ ହେଲା ତା'ର ?

ବୁଢ଼ୀ ଉପର ମୁହାଁ ହୋଇ ସପରେ ଶୋଇ ଅନେଇଲା ବୁଡନ୍ତା ଦିଅଁଙ୍କୁ। ହାତ ଯୋଡିଲା। ଅହିଅ ନାଗରାରେ ଗଲା ମାଉସୀ। ସେ ଯିବାର ପରଦିନ ବୁଢା ବସିଲା ଝାଡିଝୁଡି ହୋଇ।

♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ, (ମୋ) ୯୭୭୬୫୪୬୧୩୦

## କବିତା...

### ଜେନ୍ ଜି - ୧

ବୃନ୍ଦାବନ ଦାସ



ଗୋଟେ ଉଦ୍ଦାମତା ହିଁ
ଆଗକୁ ପାଦ ବଢାଏ ସ୍ୱପ୍ନର ଅଞ୍ଜନ
ଆଖିରେ ମାଖି
ବାଘ ପାଟିରୁ
ହାତପୂରେଇ ଝାମ୍ପି ଆଣିବାର
ବିରଳ ସାହସ ମନରେ ବାନ୍ଧେ ।

ଏତେ ସ୍ୱର୍ଣକାତର ଯେ
ତା' ପ୍ରବଣତା ନିକଟରେ ଝଡ ହାର୍‌ମାନେ
ଆଗକୁ ଆଗକୁ ବଢେ
ଚାହିଁବାକୁ ଆଗ୍ରହ ନଥାଏ
ପଛ ରହି ଯାଉଥାଏ ଅନେକ ଦୂରରେ
ସେ ଡରେନି କି ହାରିବାର କଥା
କେବେ ବି ଉଙ୍କି ମାରେନି ତା' ମନରେ ।

ତାରୁଣ୍ୟର ଆଭା
ସ୍ୱତଃ ଫୁଟି ଉଠିଲେ ମୁହଁରେ
କେବେ କେବେ ସେ ବିଦ୍ରୋହୀ ହୁଏ
ସ୍ଥିତାବସ୍ଥାର ଅବଗୁଣକୁ ହଟେଇବା ପାଇଁ
ତା' ମନରେ ନିଆଁ ଜଳେ
ସେ ଜିଦ୍ କରେ
ରକ୍ଷେ, ଭୋକିଲା ରହେ
ଜିଦତ୍ତ ପୂରଣ ନ ହେଲା ଯାଏଁ ଅଡିବସେ ।

ସେ ଗଢି ହେଉଥାଏ ଶ୍ରଦ୍ଧାରେ ପ୍ରେମରେ
ଚାଲେ ସଠିକ୍ ରାସ୍ତାରେ ଉଚିତ୍ ମାର୍ଗଦର୍ଶନରେ
ହାତବାରିସି ହୋଇ କା'ର
ଯଦି କେବେ ଅସରପା ସାଜେ
ସେ କାଟେ ଦଂଶନ କରେ ।

ଦେଖିଛ କି ଅସରପାକୁ !
ଲୁଚିଥାଏ
କେଉଁ ଫଟାକାନ୍ଥ ସନ୍ଧିରେ କି ଆଲୁଅଠୁ ଦୂର
ଆସବାବ ଆଢୁଆଳ
ଅନ୍ଧାରି ଆବର୍ଜନାରେ
ଲୁଚିଲୁଚି ଖାଦ୍ୟ ଲୁଟେ କ୍ଷତ ଚୁମେ
ଆଲୁଅକୁ ଡରି ଦିନରେ ଉଭାନ୍ ହୁଏ ।

ଜେନ୍ ଜି କେବେ ଅସରପା ନୁହେଁ
ସେ ଛନ୍ଦରହିତ ଜୀବନର
ଉର୍ଦ୍ଧ୍ୱ ଉଡାଣମୁଖି ଚପଳ ପକ୍ଷୀଟିଏ
ତା' ମନରେ ବିଶ୍ୱାସ ଭରି
ତାକୁ ଗଢିବାକୁ ବିଶ୍ୱକର୍ମା ଲୋଡା ।

ସେ ଗଢିପାରେ ଭାଙ୍ଗି ବି ପାରେ
ଉଷାର ପ୍ରଥମ କାକଳି ହୋଇ
ନୂତନ ସୂର୍ଯ୍ୟୋଦୟକୁ ସ୍ୱାଗତ କରେ

ପ୍ରଶ୍ନର ଘେର ଭିତରୁ
ଦୃଢ ମୁଠା ହୋଇ ସେ ଉଭାହୋଇ ପାରେ
ସେ ଏକ ସଶକ୍ତ ସମୟର ସ୍ୱର
ସେ ଆରମ୍ଭର ହିଁ ଆରମ୍ଭ
ସକାଳ ପରି ଏକ ସମ୍ଭାବନା ବି ।

ଈଶ୍ୱର , ପ୍ଲଟ୍ ନଂ - ୬୫/୨
୨ୟ ମହଲା
( ଷ୍ଟାର ହେଲଥ ଇନସୁରାନ୍ସ ଅଫିସ୍ ନିକଟ )
କପାଳେଶ୍ୱର, କେନ୍ଦ୍ରାପଡା - ୭୫୪୨୫୦
ମୋ - ୯୭୭୭୮୪୩୦୩୧୭

### ଦୁଃଖଗୀତ

ପୂର୍ଣ୍ଣଚନ୍ଦ୍ର ମହାରଣା



ନିରୋଳା ରେ
ଲିପୁଥିଲା ବେଳେ

ପୁରୁଣା ଅଙ୍ଗେ ନିଭାକଥା
ଘାସଫୁଲର ହିନସ୍ତା !!

କାହାର ବା
ପଡ଼ିଚି ଯେ ଗରଜ
ଅଣ୍ଟି ପଡେଇବ
ଦୁଃଖ ଖୁଣ୍ଟିନବ !!

ସଭିଏଁ ତ ତରତର
ଶୁଣିବାକୁ ବିକଳ ବିଭୋର
ବେଶୀ ବେଶୀ ସୁଖ ଗୀତ !!

ଥାଉ ମୋର ହେଇ
ନିଜର ଆପଣାର ହେଇ
ପ୍ରିୟ ପରମ ମିତ୍ର !!

ଯାହାକୁ ଆଡ଼ କରି ଦେଲେବି
ମତେ ଛାଡ଼ି ଯିବାକୁ ନାରାଜ !!

♥ ଗ୍ରା/ପୋ:-ବାଳକାଟୀ
ଜି:-ଖୋର୍ଦ୍ଧା -୭୫୨୧୦୦
ମୋ:-୯୯୩୭୭୭୭୬୫୨

### ପାଉଁଜିର ପାଣ୍ଡୁଲିପି-୩୨

ବିପିନ ମହାନ୍ତି

#### ପରାସ୍ତ ପ୍ରେମିକ



ମରଣ ତୁ ଯଦି ନିଶିଥେ ଆସିବୁ ନିରାଶା ହେବାଟା ସାର
ପ୍ରେୟସୀର ବାହୁ ବନ୍ଧନେ ବନ୍ଧା ଏ ରାତିକ ଜୀବନ ମୋର
ଭୋଗିନି ସେ' ରାତି ଭୋଗିବାକୁ କହି ବରଟେ ମାଗିବ ତୋତେ
ମନ ଭରିଗଲେ ଫେରେଇ ଦେବ ସେ' ଗୋଟାପଣେ ନେଇ ମୋତେ।

'ତଥାସ୍ତୁ' କହି ତୁ ରମଣୀକୁ ପ୍ରାଣ ଫେରାଇବୁ ଜନ୍ତୁରାଣ
ନାରୀ ଆଗ ପରା ମରଣ ତ ଛାର ଅସହାୟ ନାରାୟଣ
ଇଚ୍ଛାର ଈଶ୍ୱରୀ ନଶ୍ୱର ଏ ଦେହ ଭୋଗିବ ସେ ବାରବାର
ରାତି ପରେ ରାତି ଯାଉଥିବ ବିତି ମନ ନ ଭରିବ ତା'ର।

ସରି ସାରିଥିବ ରାତିର ଆସର କାନେ ମୋ' କହିବ ଡାକି
ଆର ରାତି ପାଇଁ ଚୁମାରୁ ଚେନାଏ ଥାଉ ପ୍ରିୟତମ ବାକି
ଏମିତିକିଏ ସେ' ଭୋଗିଛି ପ୍ରେମକୁ ରାତିକେ ଦେଇଛି ସାରି
କେମିତି ଜୀବନ ଫେରେଇବି କହ ମରଣ ତୁ' ଯାଆ ଫେରି।

ପ୍ରେମ ତ ଅଧରେ ଅଧୁରା ଆଧାର ଦିବ୍ୟ ଅସନ୍ତୋଷଟିଏ
କେତେ ମରିବାର ପରେ ପରା ପ୍ରେମ ନୂତନ ଜନମ ନିଏ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ହତ୍ୟା କରିବାର ଉପାୟ

ଅନ୍ତର୍ଯ୍ୟାମୀ ମିଶ୍ର



କ୍ଷୀରରେ, ଭାତରେ, ବିଶ୍ୱାସରେ, ନିଶ୍ୱାସରେ
ଦେଲି ତାକୁ ବିଷ
ହେଲେ ସେ ମଲାନାହିଁ...

ଧୁ ଧୁ ଖରାରେ ଛିଡାକଲି
ସିଝିଲାନି, ସୁଖିଲାନି ଦେହ
ତାତିଲାନି ପାଦ...
ଝୋ ଝୋ ବର୍ଷାରେ ଭିଜେଇଲି ତାକୁ
ହେଲାନାହିଁ ଥଣ୍ଡା ଜ୍ୱର ସର୍ଦ୍ଦି କାଶ
ଧୋଇଲାନି ଅତୀତର ଦାଗ...

ଥୁରୁ ଥୁରୁ ଶୀତରେ
ଫିଙ୍ଗିଦେଲି ନଈକୁ
ଭାବିଲି ମୁଁ ଥରି ଥରି ଯିବ ମରି
ଓଲଟା ଘଟିଲା ମୋ ସାଥେ
କଇଁ ସହ ସାଥୀ ହୋଇ ଚାହିଁଲା ସେ ଜହ୍ନକୁ...

ଫରଦେ ଫରଦେ ଚିରି ପୁହେଁଇଲି ତାକୁ ଚୁଲିରେ
ଫରଦେ ଫରଦେ ଚିରି ଭସେଇଲି ତାକୁ ପାଣିରେ
ଫରଦେ ଫରଦେ ଚିରି ଦେଇଦେଲି ଘୃଣା ମୁହଁରେ
ଫରଦେ ଫରଦେ ଚିରି ଉଡେଇଲି ତାକୁ ବାଆରେ
ଫରଦେ ଫରଦେ ଚିରି ଶୂନ କଲି ତାକୁ ତା ଭିତରେ
ତଥାପି ସେ ମଲାନାହିଁ
ଓଲଟି ଭିଡ଼ି ଧରିଲା ମୋତେ ତାର ବାହୁରେ...

ତାକୁ ହତ୍ୟା କରିବାର ଯେତକ ଉପାୟ
ହେଲା ମୋର ନିରୁପାୟ
ଏଥର ଭାବୁଛି ନିଜେ ମୁଁ ନିଜର କରିଦେବି ହତ୍ୟା
ଦେଖିବା ତାକୁ ବଞ୍ଚେଇବ କୋଉ ବିଧାତା କି ଦଇବ
ହାଏରେ କପାଳ ମୋର
ବିଧାତା କହୁଛି ଅଜର ଅମର ମୋର ହୃଦୟ... ।

♥ ସା- ବେଲସାଉଁଳିଆ, ବ୍ଲକ୍- ବାସୁଦେବପୁର, ଜି- ଭଦ୍ରକ

### ମନବୋଧ

ବିକେଶ ସାହୁ



ସବୁକିଛି ପରେ ବି
ଜୀବନ ନିଜପାଇଁ ବାଟ ଖୋଜିନେବ
ନିଜପାଇଁ ବାଟ ବାଛିନେବ ।

ମନେରଖ, ତୋର ସ୍ଥିତି-ଦୁଃସ୍ଥିତି,
ହସ-କାନ୍ଦ,
ରାଗ-ଅଭିମାନ, ଈର୍ଷା-ଦ୍ୱେଷର
ମୂଲ୍ୟ କିଛି ନ ଥିଲା କେବେ,
କି ଆଗାମୀ କାଲିକି ବି ନ ଥିବ ।

ସବୁ ଏଠି ଗତାନୁଗତିକ,
ତୋର ଅଭିପ୍ସିତ ଇଚ୍ଛାମାନଙ୍କର ଭାଗ୍ୟ
ପୂର୍ବ ନିର୍ଦ୍ଧାରିତ,
ସମୟ ଚାଲିଛି, ଚାଲିଥିବ
ବେଗବାନ ନଈ ପରି;
ଯାହା ଆଗରେ
ଯେତେ ବଡ଼ ପ୍ରତିବନ୍ଧକ ଆସିଲେ ସୁଦ୍ଧା
ସେ ରହିଯିବନି କେବେ;
ହୁଏତ ତା'ର ପଥରୋଧ ହୋଇପାରେ
କିଛିକାଳ
କିନ୍ତୁ, ସେ ନିଜ ପାଇଁ ପଥ ଖୋଜି
ପୁଣି ବହିଯିବ ।

ଯଦି ଆବଶ୍ୟକ ପଡ଼େ
କରାଳ ରୂପ ଧରି ସବୁକିଛିକୁ
ଖଣିକେ ଧ୍ୱସ୍ତ-ବିଧ୍ୱସ୍ତ
କରିଦେଇପାରେ,
ମହାଧ୍ୱଂସ ରଚିଦେଇ ପାରେ,
ପରିଣତି ଯାହା ହେଲେ
କ'ଣ ବା ଯାଏ ଆସେ ତା'ର ।

ଜୀବନ ବି ଠିକ୍ ସେମିତି,
ସେ ଖାତିର କରେନି କାହାରିକି,
ଚିରସ୍ରୋତା ନଈ ପରି ତା'ର ଚିରନ୍ତନ ପ୍ରବାହ,
ଅପ୍ରତିରୋଧ ତା'ର ଗତି;
ତୋର ଚାହିଁବା ଅବା ନ ଚାହିଁବାରେ
କାହାକୁ କ'ଣ ବା ଫରକ ପଡ଼ିବ ଯେ,

ବୃଥା ଖାଲି ଯାହା ତୋର
ଚତୁର୍ଦ୍ଦିଗେ ଘୋଟିଥିବା
ସ୍ୱୀକୃତ ଅନ୍ଧତ୍ୱରୁ ଜାତ ଅହଂ,
ଆଉ ଯହିଁରେ ଆବୃତ୍ତ ତୋର ଚେତନା,
ତୋର ଚୈତନ୍ୟ,
ସର୍ବୋପରି
ତୋର କ୍ଷୁଦ୍ରାପିକ୍ଷୁଦ୍ର ଚରାଚର ।

♥ ଓଡ଼ିଆ ଅଧ୍ୟାପକ,
ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ନୟାଗଡ଼
ମୋ: ୯୩୩୭୧୬୬୧୭୨

### ସକାଳ

ସୁଜିତ କୁମାର ମିଶ୍ର



ସକାଳ ତୁମେ ତ ଅୟୁତ ଅତୁଟ ଆଶାର ସକଳ ଧାରା,
ସୁନେଲୀ କିରଣ ଛୁଆଁରେ ତୁମର ସ୍ୱପ୍ନଭରା ସସାଗରା ।
ସକାଳ ତୁମେ ତ ଆପଣାପଣର ସୋରିଷ ଫୁଲର କ୍ଷେତ,
ମମତା ନଈର ଗୀତି କବିତାରେ ମହାସୁଖ ନିନାଦିତ ।

ସକାଳ ତୁମେ ତ ସୁଷମା ଭରା ସେ ସବୁଜିମା ପାଟଶାଢ଼ୀ,
ଯେଉଁ ରଙ୍ଗର ମୋହରେ ଜୀବନ ଜୀଇଁଛି ପ୍ରେମିକ ପରି ।
ସକାଳ ତୁମେ ତ ଶ୍ରାବଣ ଧାରାରେ ସୁଖ ଐଶ୍ୱର୍ଯ୍ୟର ଚିଠି,
ଉଦାସୀ ପ୍ରାଣ ସେ ତୁମରି ଛୁଆଁରେ ଉଲ୍ଲସିତ ଭାବକୋଠି।

ସକାଳ ତୁମେ ତ କିଶୋରୀ ମନର ସପନ କଜଳ ଆଖି,
ତୁମ ଶାନ୍ତ୍ୱନାର ଚନ୍ଦନରେ ସିଏ ତାତିକୁ ପାରଇ ମାଖି ।
ସକାଳ ତୁମେ ତ ସର୍ଜନାର ବେଳ ସଞ୍ଜ ସନ୍ତାପ ଭୁଲି,
ଚମକରେ ତୁମ ବିଚ୍ଛୁରିତ ହୁଏ ହୃଦଖୋଲି ଚୋରାବାଲି ।

ସକାଳ ତୁମେ ତ ପକ୍ଷୀର କୂଜନ ରାଗରେ ସରାଗ ସାଥୀ,
ପହିଲି ରାଗର ଲାଳିତ୍ୟରେ ତୁମ ପାହୁଥାଏ କଳାରାତି ।
ଈଈଈଈଈଈଈଈ

♥ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

# ମଣିଷ ଜୀବନର ଭଲ- ମନ୍ଦ, ଗତି- ପ୍ରଗତିର ପ୍ରତିଫଳନ ହେଲା ସାହିତ୍ୟ : ଝରଣା ପଟ୍ଟନାୟକ

**ଡ. ଝରଣା ପଟ୍ଟନାୟକ** ସାଂପ୍ରତିକ ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ ଏକାଧାରରେ ଜଣେ ସଫଳ କଥାକାର ଓ ସଂଗଠକ । ନିଜ ଲେଖାରେ ସମାଜରେ ଅବହେଳିତମାନଙ୍କର ସ୍ଥିତି ଓ ଦୁସ୍ଥିତିର ଚିତ୍ର ଆଙ୍କି ସେ ତିଆରି କରିଛନ୍ତି ନିଜର ପରିଚୟ । ପଢିଥିବା ବହିମାନଙ୍କ ଭିତରୁ ସାଉଁଟି ଥିବା ଦର୍ଶନ, ଦୁଃଖ, ଯନ୍ତ୍ରଣା, ଆନନ୍ଦ ଉଲ୍ଲାସ ନେଇ ଯେଉଁ ଅନୁଭୂତି ତାଙ୍କ ଭିତରେ ସ୍ୱତନ୍ତ୍ର ଭାବ ସୃଷ୍ଟି କରିଥିଲା, ତାକୁ ନେଇ ଶାଣିତ କରିଛନ୍ତି ସେ ତାଙ୍କ କଲମକୁ । "ଅସ୍ତିତ୍ୱବାଦର ଚେତନାକୁ ସମର୍ଥ କଥାବସ୍ତୁ ଭାବରେ ଗ୍ରହଣ କଲେ ହିଁ ସୃଷ୍ଟି ସଫଳ ହେବ " ବୋଲି କହୁଥିବା ଏହି ଲେଖିକାଙ୍କ ସହ ଏଥରର ଆଳାପ...

**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**



■ **ଆପଣ ଏକାଧାରରେ ଜଣେ ଗାଳ୍ପିକ ଓ ସାହିତ୍ୟ ସଂଗଠକ । କିପରି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ବଡ଼ସହରରୁ ଗାଁକୁ ଆସିବାକୁ ପଡ଼ିଲା । ସାତବର୍ଷ ଚାଲୁଥାଏ । ଷ୍ଟେସନର କୋଳାହଳ, କୋଇଲା ଇଂଜିନ୍‌ର ଧୂଆଁ ଲୁଟି ନେଇଥିଲା କୋମଳ ମାନସିକତାକୁ । ହିନ୍ଦି ଭାଷୀ ଅଂଚଳରେ ଆରମ୍ଭ ହୋଇଥିଲା ଶୈଶବ । ବାପା ରେଳବାଇ କର୍ମଚାରୀ ଥିଲେ । ତାଙ୍କରି ବିସ୍ତାରିତ ଦୂରଦୃଷ୍ଟି ମୋତେ ମଣିଷ ହେବାରେ ସାହାଯ୍ୟ କଲା । ଆମ ସମସ୍ତଙ୍କୁ ସେ ଗାଁକୁ ପଠେଇ ଦେଲେ । ପୁରୀ ଜିଲ୍ଲାର ଦୟାନଦୀ କୂଳ ପାଖର ଗାଁଟିଏ । ଡିମିରି, ପୋ-କଣାସ । ଦୁଇଦିନ ରେଳଯାତ୍ରା ପରେ ଓହ୍ଲେଇଲୁ ଡେଲାଙ୍ଗ ଷ୍ଟେସନରେ । ଗାଁ, ତା'ର ସ୍ଥିର ତା'ର ବାଟ ଘାଟ, ଘର ଦ୍ୱାର ବିଷୟରେ ସାମାନ୍ୟତମ ଧାରଣା ବି ନଥିଲା ମୋର । ଶଗଡ଼ରେ ବସି ଗାଁକୁ ଆସିଲା ବେଳେ କେବେ ନଦେଖିଥିବା ଦୃଶ୍ୟ ମୋତେ ଚମକୃତ କଲା । ମାଟି ରାସ୍ତାରେ ଦୁଇ କଡ଼ ଗଛରେ ଭର୍ତ୍ତି । ଆହୁରି ଦୂରକୁ ଦୃଷ୍ଟି ଫିଙ୍ଗିଲି । ଆତ୍ମହରା ହେଲି । ଚାରିଆଡ଼ ଖାଲି ଜାଗା । ତଳେ ମାଟି । ଉପରେ ଆକାଶ । ବଡ଼ ଭଉଣୀକୁ ପଚାରିଲି, ଏଠି କ'ଣ ଖାଲି ପଡ଼ିଆରେ ଲୋକ ରହନ୍ତି ? ହେତ୍ ବୋକୀ । ସେଗୁଡ଼ା ଧାନବିଲ । ଛୋଟ ପିଲାଟିଏ ଥିଲି । ଆତ୍ମବିସ୍ମୃତ ହେଲି । ମନ ଭାବନାରେ ଭରିଗଲା । ଅପାକୁ କହିଲି, ଆମ ଗାଁ ଏତେ ସୁନ୍ଦର । ଆମେ ଏତେଦିନ ଯାଏଁ କାହିଁକି ସେଠି ପଡ଼ି ରହିଥିଲେ ? ସେ ହସିଲା । ମନ ମୋର ଭରି ହୋଇଥିଲା ପ୍ରଶ୍ନରେ । ପଚାରିଲି 'ନଈଟା ଘରକୁ କେତେବାଟ ?' ଅପା କହିଲା ଡାକେ ବାଟ' । ବିହ୍ୱଳ ମୁଁ । ଗାଁରେ ଶଗଡ଼ରୁ ଓହ୍ଲେଇ ୟାଡ଼େ ସାଡ଼େ ଅନେଇ ଅନେଇ ପହଞ୍ଚିଗଲି ନଈ ପାଖରେ । ଖରାଦିନରେ ନଈ । ବାଲି ଭର୍ତ୍ତି ନଈ ପଠା । ଜାଗା, ଦି'ଜାଗା ସିଆର କାଟି ବୋହି ଚାଲିଥିଲା ପାଣି । ଆଗକୁ ଅନେଇଲି । ମାଳମାଳ ଡଙ୍ଗା । ମନରେ ମୋର ତଡିତ୍ । ନଈ ଭର୍ତ୍ତି ହୋଇଗଲେ ଡଙ୍ଗାରେ ବସିବି । ପୁଲକ ଭରା ସ୍ରୋତଟେ ଭସେଇବାକୁ ଆରମ୍ଭ କଲା ମୋ ମନକୁ । ମୋର ସୃଷ୍ଟି ଜଗତରେ ଆଦ୍ୟ ସ୍ଫୁରଣ 'ଏଠି ସବୁ ସୁନ୍ଦର' । ନିଜେ ନିଜେ କହି ହେଲି, ଗାଁ ଘରେ ଜନ୍ମ ନହୋଇ କାହିଁକି ସହରରେ ଜନ୍ମହେଲି । ଆହୁରି ଆଗରୁ ବୁଝିଥାଆନ୍ତି, ଦେଖି ଥାଆନ୍ତି ସୁନ୍ଦରତମ ଆପଣାର ମାଟିକୁ । ଆଠବର୍ଷ ବୟସରେ ତୃତୀୟ ଶ୍ରେଣୀରେ ପଢ଼ିଲା ବେଳେ ବ୍ରଜସାର୍ ଧରେଇ ଦେଇଥିଲେ ହାତରେ ତକଲି । ସୂତା କାଟିଲା ବେଳେ ଗାଉଥିଲି 'କେଡ଼େ ସୁନ୍ଦର ଦିଶୁ ଆରେ ତକଲି ମୋର' । ମୋର ସୃଜନର ଆଦ୍ୟସ୍ଫୁରଣ ଆମ ଗାଁରେ ହିଁ ହୋଇଥିଲା ।

■ **ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ?**

■■ ଏଇ ପ୍ରଶ୍ନଟିର ଉତ୍ତର ଲେଖିବା ବେଳେ ମୋ ଚେତନାରେ ଖେଳି ଯାଉଛି ଭିନ୍ନ ଏକ ତନ୍ମୟ ଭାବ । ବର୍ଷା ଦିନରେ ଫୁଲୁଥିବା ଦୟାନଦୀ, ଘାଇ ହୋଇ ଗାଁ ଦାଣ୍ଡରେ ଲହଡ଼ି ଭାଙ୍ଗୁଥିବା ନଈ ପାଣି ଆଉ ବର୍ଷାଧୁଆ ଫୁଲର ପଟୁଆର । ନଈ ଫୁଲିବା ଅନ୍ୟ ପାଇଁ ବିପଦ ନେଇ ଆସିଲେ ବି ମୁଁ ଝର୍କାବାଟେ ମୁଡ଼ି ଚୋବଉ ଚୋବଉ ଦେଖି ଚାଲିଥିଲି ସେ ଦୃଶ୍ୟକୁ । ବିମୋହିତ ହେଉଥିଲି । ପ୍ରକାଶ କରିବାର ମାଧ୍ୟମ ପାଉନଥିଲି । ମୋର ସାରସ୍ୱତ ପ୍ରେରଣା କଥା ଯଦି ଚର୍ଚ୍ଚାକୁ ଆଣିବି ତା' ହେଲେ ସମସ୍ତଙ୍କ ଦୃଷ୍ଟିକୁ ଆଣିବି ମୋ ବାପାଙ୍କର ସାନଭାଇ ପ୍ରାଣନାଥ ପଟ୍ଟନାୟକଙ୍କୁ । ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାରେ ଚାଷୀ ଆନ୍ଦୋଳନର ପ୍ରବକ୍ତା ଆଉ ଆସନ୍ତାକାଲିର ସାହିତ୍ୟ ବିଷୟରେ ପ୍ରବନ୍ଧ ଲେଖୁଥିବା ମୋ ଦାଦା ମୋତେ ଉତ୍ସାହିତ କରୁଥିଲେ । ସମଗ୍ର ସୃଷ୍ଟି ଯେ ମଣିଷ ପାଇଁ ମହାଶକ୍ତିର ଉତ୍ସ ସେ କଥାକୁ ବିସ୍ତୃତ ଭାବେ ଆମ ଭାଇ ଭଉଣୀଙ୍କ ଆଗରେ ଆଲୋଚନା କରୁଥିଲେ । ଷାଠିଏ ଦଶକର ତୁଙ୍ଗ ଲେଖକ ଭାଗବତୀ ପାଣିଗ୍ରାହୀ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ବୈକୁଣ୍ଠ ପଟ୍ଟନାୟକ, ରାଧାମୋହନ ଗଡ଼ନାୟକ, ରବି ସିଂଙ୍କ ଦ୍ୱାରା ଲିଖିତ ବହି ଆଣି ଆମକୁ ଦେଖାଉଥିଲେ । ମୁଁ ଯେହେତୁ ଆମ ଅଂଚଳର ନିମ୍ନ ପ୍ରାଇମେରୀ ସ୍କୁଲର ପ୍ରଥମ ବୃତ୍ତିଧାରୀ ଛାତ୍ରୀ ଓ ପୁରୀ ଜିଲ୍ଲାରେ ପ୍ରଥମ ହୋଇଥିଲି ମୋ ପ୍ରତି ଦାଦାଙ୍କର ଅତୁଟ ସ୍ନେହ ଥିଲା । ଦାଦାଙ୍କର ଝିଅ ନଥିଲେ । ମୂଳରୁ ମୁଁ ସେ ଘରେ ଭାଇମାନଙ୍କର ଭଉଣୀ । କିଶୋର ବୟସରେ କାହ୍ନୁଚରଣ ମହାନ୍ତିଙ୍କର ନଭେଲ୍ ଲୁଚେଇ କରି ପଢୁଥିଲି । ଷଷ୍ଠ ଶ୍ରେଣୀରେ ପଢ଼ିଲା ବେଳେ ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସ ମତେ ବାଉଳା କରିଥିଲା । ବହିମାନଙ୍କରୁ ସାଉଁଟୁ ଥିଲି ଦର୍ଶନ, ଦୁଃଖ, ଯନ୍ତ୍ରଣା, ଆନନ୍ଦ ଉଲ୍ଲାସ ନେଇ ଯେଉଁ ଅନୁଭୂତି ମୋ ଭିତରେ ସ୍ୱତନ୍ତ୍ର ଭାବ ସୃଷ୍ଟି କରିଥିଲା ସେ ମୋତେ ଭାବୁକ କରିଥିଲା । କଣାସ ମି.ଇ ସ୍କୁଲରେ ତିନିବର୍ଷ ପଢ଼ିଥିଲି । ଆମର ହେଡ୍‌ମାଷ୍ଟର ଥିଲେ ଫକୀରମୋହନ ହରିଚନ୍ଦନ, ସେ ସମୟର ଖ୍ୟାତି ଲାଭ କରିଥିବା ଗାୟକ । ଭଲ ପାଠ ପଢୁଥିଲି ବୋଲି ତାଙ୍କର ନିକଟସ୍ଥ ହୋଇଥିଲି । ମୋ ଭିତରେ କଳା ସାହିତ୍ୟ ପ୍ରତି ଆଗ୍ରହ ବଢ଼େଇ ଥିଲେ ହରିଚନ୍ଦନ ସାର୍ । ମୋର ପ୍ରେରଣା ସ୍ରୋତ ଏକ ସମତଳ ଦେଇ ଗତି କରୁଥିଲା । ମୁଁ ମୋର ପ୍ରଥମ କବିତା 'ବସନ୍ତ ଆସିଛି' ପ୍ରଜାତନ୍ତ୍ରର ମୀନା ବଜାର ପୃଷ୍ଠାକୁ ପଠେଇଥିଲି । ତାହା ପ୍ରକାଶିତ ହୋଇଥିଲା ।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି । କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଆପଣଙ୍କର ଏ ଯାତ୍ରା ।**

■■ ମୋର ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶ । ସେ ଏକ ବିଚିତ୍ର ଯୋଗାଯୋଗ । ସ୍କୁଲରେ ପଢୁଥିଲି । ହେଡ୍ ମିଷ୍ଟ୍ରେସ୍ ନବମ ଶ୍ରେଣୀରେ ଇଂରାଜୀ କ୍ଲାସ ନେଉଥିଲେ ଆମର । କ୍ଲାସରେ ପଶୁ ପଶୁ କହିଲେ, 'କୁଳବୃଦ୍ଧ ମଧୁସୂଦନ ଦାସଙ୍କ ବିଷୟରେ ଛାତ୍ରଛାତ୍ରୀଙ୍କ ଭିତରେ ପ୍ରବନ୍ଧ ପ୍ରତିଯୋଗିତା, ସାରା ଓଡ଼ିଶା ପାଇଁ ଏ ପ୍ରତିଯୋଗିତା । କିଏ ଭାଗନେବ ?' ମୁଁ ହାତ ଟେକିଲି । ଲେଡି ଲୁଇସ୍ ଗାର୍ଲସ୍ ସ୍କୁଲ ହେଡ୍ ମିଷ୍ଟ୍ରେସ୍ ଜ୍ଞାନଦା ଦିଦିଙ୍କ ଉତ୍ସାହ ମୋତେ ସୃଜନ ପାଇଁ ପ୍ରେରଣା ଦେଲା । ପ୍ରତିଯୋଗିତାରେ ଭାଗ ନେଲି । ସ୍ୱର୍ଣ୍ଣପଦକ ପାଇଲି । ମୋର ପ୍ରଥମ ବିଜୟ ମୋର ସୃଜନ ଆବେଗର ଉତ୍ସ । ଗଂଗାଧର ମେହେର କଲେଜର ଛାତ୍ରୀ ଥିଲି । ଇଂରାଜୀ ଅନର୍ସ ନେଇ ପଢୁଥିଲି । ଓଡ଼ିଆ ସାହିତ୍ୟରେ ପ୍ରଥମରୁ ରୁଚିଥିଲା । କିଶୋର ବୟସରୁ ଓଡ଼ିଶାର ବଡ଼ବଡ଼ ଔପନ୍ୟାସିକ, ଗାଳ୍ପିକଙ୍କର ବହିପଢ଼ି ସାରିଥିଲି । ଓଡ଼ିଆ ପଢ଼ଉଥିବା ସାର୍ ଥିଲେ ଅସିତ କବି, ବିନୋଦ ନାୟକ, କ୍ଷେତ୍ରବାସୀ ନାୟକ । ରବିବାର ସକାଳ ମୋ ପାଇଁ ମହତ୍ତ୍ୱପୂର୍ଣ୍ଣ ଥିଲା । ଉଦୟନ ସାହିତ୍ୟ ସଂସଦ ଗଢ଼ିଥିଲୁ । ତଳକ୍ଲାସ ଉପର କ୍ଲାସ ସାହିତ୍ୟ ଅନୁରାଗୀ ଛାତ୍ରଙ୍କ ସହିତ ମୁଁ ଏକୁଟିଆ ଝିଅଟିଏ । ଗୋପାଳକୃଷ୍ଣ ରଥ, ପୂର୍ଣ୍ଣାନନ୍ଦ ଦାନୀ, ପ୍ରଫୁଲ ତ୍ରିପାଠୀ, ଅଭୟ ପାଢ଼ୀ ଓ ସାର୍ ମାନଙ୍କ ଉପସ୍ଥିତିରେ କବିତା ପଢ଼ିବା ମୋତେ ସଂକୁଚିତ କରୁଥିଲା । ସେମାନେ ସିନିଅର ଥିଲେ । ଓଡ଼ିଆ ସାହିତ୍ୟ ପ୍ରାଙ୍ଗଣରେ ମୋର ଚଲାବୁଲା ସେଇଠୁ ଆରମ୍ଭ ହୋଇଥିଲା । ଆସନ୍ତାକାଲି, ଝଂକାର ଓ ପ୍ରଜାତନ୍ତ୍ର ସାହିତ୍ୟ ପୃଷ୍ଠାରେ ମୋର ଲେଖା ବାହାରିଥିଲା । ନିର୍ଦ୍ଦିଷ୍ଟ ଲକ୍ଷ୍ୟ, ସେ ପୁଣି ସାହିତ୍ୟକୁ ନେଇ ସେମିତି କିଛି ନଥିଲା ମୋର । ଆଦର୍ଶକୁ ଯଦି ଆମେ ଚର୍ଚ୍ଚାକୁ ଆଣିବା ତେବେ ମୁଁ କହିବି ମୋ ଭିତରେ ମାନବବାଦର ଚେତନା ମୋ ପରିବାରରୁ ହିଁ ଆସିଥିଲା । ବର୍ତ୍ତମାନ ସୁଦ୍ଧା ମୋର ଦଶଟି ଗଳ୍ପ ପୁସ୍ତକ, ପାଞ୍ଚଟି ଉପନ୍ୟାସ, ଗୋଟିଏ କବିତା ପୁସ୍ତକ ଓ ବଙ୍ଗଳା, ଇଂରାଜୀରେ ଅନୁବାଦ ପୁସ୍ତକ ପ୍ରକାଶିତ ହୋଇଛି । ମୋର ଗଳ୍ପ, ଉପନ୍ୟାସର ସବୁ ଚରିତ୍ର ମୋର ପ୍ରିୟ । ସେମାନଙ୍କୁ ପରିପୂର୍ଣ୍ଣତାର ଦିଗ୍‌ବଳୟ ଆଡକୁ ଟାଣି ନେବା ମୋ ଲେଖନୀର ଧର୍ମ । କାହାପାଇଁ ଅନ୍ଧକାର ତ କାହାପାଇଁ ଜହ୍ନରାତି । ସମାଜରେ ଆତଯାତ କରୁଥିବା ତଳଶ୍ରେଣୀର ମଣିଷ ସବୁବେଳେ ହାବୁଡ଼ୁ ଥାଆନ୍ତି ଅସହାୟତାକୁ । ତାଙ୍କମାନଙ୍କର ଚଲାବାଟରେ ରୋକ୍ ଲଗାନ୍ତି ଉଚ୍ଚବର୍ଗର ମାନ୍‌ଧାତାମାନେ । ଛଳନା ପ୍ରଲୋଭନରେ ଭାସି ଶେଷରେ ଭେଟନ୍ତି ପୁଂଜିଭୂତ ହତାଶାକୁ । ସ୍ୱାଧୀନତା ଜାହିର କରିବାର ଅଧିକାର ଦିଆଯାଇ ନଥାଏ ସେମାନଙ୍କୁ । ସେଇ ଚରିତ୍ରମାନେ ମୋର ଲେଖନୀକୁ ଋଦ୍ଧିମନ୍ତ କରିଛନ୍ତି ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତିପାଇବାର ମାର୍ଗ କେବଳ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ତାହା ହିଁ ସମ୍ଭବ । 'ଜେନ୍‌ଜି' ଯୁଗରେ ସାହିତ୍ୟର ପ୍ରଭାବ ଦୁର୍ବଳ ନିଶ୍ଚୟ । ପାଠକର ଚାହିଦା ଅନୁସାରେ ଗଳ୍ପ, କବିତାର ଆକାର ଛୋଟ କରିବାକୁ ହେଉଛି । ଏବେ ସାହିତ୍ୟ ଗଭୀର ଚିନ୍ତନକୁ ନେଇ ବିକଶିତ ହେବାର ପଥ ହରେଇବାକୁ ବସିଲାଣି । ତଥାପି ବଜାର ଚାଲିଛି । ଲେଖକର ମାନସିକ ଶକ୍ତି, ସୂକ୍ଷ୍ମ ଓ ସ୍ଥୁଳ ସ୍ତର ପାର କରି ନୂଆ ଦିଗନ୍ତ ଆଡ଼କୁ ଅଗ୍ରସର ହେଲେ ସାହିତ୍ୟ ବଂଚିବ । ପାଠକ ପୁରୁଣା ଭିତରେ ଘାଣ୍ଟି ଘୋସାରି ହେବେ ନାହିଁ ।

■ **ଲେଖକ ହେବା ପଛରେ ସାମାଜିକ ପରିଚୟ ବା ସ୍ୱୀକୃତି ବ୍ୟତୀତ ଆଉ ସବୁ କଣ କାରଣ ଥାଏ ? ଏବେକାର ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ଲେଖକମାନଙ୍କ ପାଇଁ ପାଠକ ହେଲେ ସ୍ୱୀକୃତି ଦାତା । ସାହିତ୍ୟ ଚାକଚକ୍ୟ ନହୋଇ ଶାଣିତହେବା ଦରକାର । ଲେଖକର ଚେତନାରେ ଗାମ୍ଭୀର୍ଯ୍ୟ ରହିବା ଦରକାର । ପାଠକମାନଙ୍କର ରୁଚି ବୋଧ ହେବା ଦରକାର । ସବୁ ବର୍ଗର ଲୋକ ସେମାନଙ୍କର ଜୀବନ ଯାପନ ଓ ସେମାନଙ୍କର ଭାବୋଚ୍ଛ୍ୱାସକୁ ରୂପ ଦେବା ପାଇଁ ଲେଖକ ଭିତରେ ପ୍ରଚୁର ଅନୁଭବର ଆବଶ୍ୟକତା ରହିଛି । ଦେଶର ସ୍ୱାଧୀନତା ପାଇଁ ଲଢ଼େଇ, ଉତ୍ସର୍ଗୀକୃତ ଜୀବନର କର୍ମଧାରାକୁ ମହା ବିପ୍ଳବ ଆଡ଼କୁ ଟାଣି ନେଉଥିଲା ସାହିତ୍ୟ । ସେତେବେଳର ଗୀତ ଗାୟନ ସଂଗ୍ରାମୀଙ୍କୁ ବଳ ଯୋଗାଉଥିଲା । ନୂଆ ପିଢ଼ିର ଲେଖକଙ୍କ ଲେଖାରେ ଅଭିଜ୍ଞତାର ପରିପ୍ରକାଶ କମ୍ । ମୌଳିକ ଚିନ୍ତାଧାରା ଦ୍ୱାରା ସୃଷ୍ଟି ଲେଖା ସବୁ ସମୟରେ ବଳିଷ୍ଠ । ଯାହା ସୁସ୍ଥ ଅନୁଭବକୁ ପରିପ୍ରକାଶ କରେ । ଏବର ସ୍ରଷ୍ଟାଙ୍କର ଆଖିରେ ପଡୁନାହିଁ ଗାନ୍ଧୀବାଦୀ ଉତ୍ସର୍ଗୀକୃତ ଜୀବନ ଗାଥା, ନଜରକୁ ଆସୁନାହିଁ, ବାଟରେ, ଘାଟରେ ମଠରେ ମନ୍ଦିରରେ ଶ୍ମଶାନରେ, ଟନେଲ ଭିତରେ ଚାପା ପଡ଼ିଥିବା ମଣିଷଙ୍କର ଅନ୍ତଃସ୍ୱର । ଯଦିବି ଅଛି ତାହାର ବ୍ୟାଖ୍ୟା ଉପର ଠାଉରିଆ । ସ୍ମୃତି ପଟରେ ଲାଖି ରହିବା ପରି ପ୍ରକାଶ ଶୈଳୀର ଅଭାବ ଦେଖା ଯାଉଛି ଲେଖାମାନଙ୍କର ।

■ **ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?**

■■ ଯଦି କବିତା କଥା ଚର୍ଚ୍ଚାକୁ ଆଣିବା କବିତା ଭିତରେ ଖୋଜିବାକୁ ହେବ ଅର୍ନ୍ତଚେତନା । କବିର ମାର୍ମିକ ଅନୁଭବ । ବିଷୟବସ୍ତୁକୁ ସନ୍ତୁଳନ କରିବାରେ ପାରଦର୍ଶିତା । ଯାହା ପାଠକମାନଙ୍କ ଚେତନାକୁ ପ୍ରଭାବିତ କରିବ ତାହାହିଁ ଶ୍ରେଷ୍ଠ ବିଷୟବସ୍ତୁ । ଉପନ୍ୟାସ ଆଉ ଗଳ୍ପର ଚରିତ୍ରମାନେ ପ୍ରାୟ ଜଣାପଡ଼ନ୍ତି ନୀତିଭ୍ରଷ୍ଟ । ଅସ୍ତିତ୍ୱବାଦ ଉପରେ ଆଧାରିତ ଚରିତ୍ରମାନଙ୍କୁ ଆଖି ଆଗକୁ ଆଣିବା ବେଳେ ପାଠକ ଅନୁଭବ କରେ ସେମାନଙ୍କର ଅସହାୟତା, ଅନିଭୋଗ ଓ ପରାହତ ସୈନିକର ଯନ୍ତ୍ରଣା । ତେଣୁ ଅସ୍ତିତ୍ୱବାଦର ଚେତନାକୁ ସମର୍ଥ କଥାବସ୍ତୁ ଭାବରେ ଗ୍ରହଣ କଲେ ହିଁ ସୃଷ୍ଟି ସଫଳ ହେବ । ନିଜ ଲେଖା ନିଜେ ପଢ଼ି ସାରିବା ପରେ ଯଦି ଆତ୍ମ ସନ୍ତୋଷ ପାଇଲା ଲେଖକ ତା' ହେଲେ ତାହା ପାଠକକୁ ମଧ ସନ୍ତୁଷ୍ଟ କରିବ । ନିଚ୍ଛକ ଅନୁଭୂତି ଓ ବାସ୍ତବତାକୁ ରୂପ ଦେବା ହିଁ ସାହିତ୍ୟିକର ଧର୍ମ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ଜଣେ ଲେଖକ ପାଇଁ ପୁରସ୍କାର ଗୁରୁତ୍ୱ ନିଶ୍ଚୟ ରହିଛି । ହତାଶାର ଦାରୁଣ ନିଦାଘ ଯେତେବେଳେ ଚାଂଛି ପକଉଥାଏ ଲେଖକଟିଏକୁ, ସେତେବେଳେ ପୁରସ୍କାରଟିଏ ହିଁ ତା' ପାଇଁ ଆଶ୍ୱସ୍ତିର ପ୍ରଲେପ । ପାଠକମାନଙ୍କର ଲେଖା ପ୍ରତି ଆଦର ଲେଖକ କୋଉଠୁ କୋଉଠି ପହଞ୍ଚେଇ ଦିଏ । ସଜୀବ, ନିର୍ଜୀବ ଏ ପୃଥିବୀର ସଫଳ ରୂପାୟନ ଜଣେ ସତ୍ୟନିଷ୍ଠ ଲେଖକ । ଶୂନ୍ୟତା ଭିତରେ କୋଡ଼ିକଚାଡ଼ି ହୋଇ ନିଜର ଧୈର୍ଯ୍ୟବଳରେ ଯେତେବେଳେ ସେ ପୂର୍ଣ୍ଣତାକୁ ଆବିଷ୍କାର କରେ ତା' ନିଜ ଲେଖାରେ, ସେତେବେଳେ ସେ ସମସ୍ତଙ୍କର ମନଛୁଏଁ । ମଣିଷ ଜୀବନର ଭଲ ମନ୍ଦ ଗତି ପ୍ରଗତିର ପ୍ରତିଫଳନ ହେଲା ସାହିତ୍ୟ । ସାହିତ୍ୟ ସମାଜ ଉପରେ ପ୍ରଭାବ ପକାଏ । ଜୀବନ ଜିଇଁବାକୁ ପ୍ରେରଣା ଯୋଗାଏ । ପାଠକର ରୁଚିକୁ ନେଇ ଚଳନ୍ତି ସାହିତ୍ୟର ଅଗ୍ରଗତି । ତରୁଣ ଓ ନବୀନ ଲେଖକଙ୍କର ପ୍ରତିଭା ଅକଳ୍ପନୀୟ । ସେମାନେ ଯୁଗ ଯୁଗର ସମସ୍ୟା ନେଇ କଲମ ଚଳେଇବେ । ଶସ୍ତା ଲୋକପ୍ରିୟତାଠାରୁ ଦୂରରେ ରହି ବାସ୍ତବତାର ଚରାଭୂଇଁକୁ ଓହ୍ଲେଇ ଚରିତ୍ରର ସ୍ୱପ୍ନ ଓ ସମ୍ଭାବନାକୁ ଦିଗ୍‌ବଳୟ ଛୁଆଁଇବାର ଶପଥ ନେବେ ।

■ **ଅଳ୍ପରେ ଝରଣା ପଟ୍ଟନାୟକ**



ଜନ୍ମ- ୦୭-୧୨-୧୯୪୬
ପିତା - ସ୍ୱର୍ଗତ ଉଦୟନାଥ ପଟ୍ଟନାୟକ
ମା'- ସ୍ୱର୍ଗତା ସୌଦାମିନୀ ପଟ୍ଟନାୟକ
ସ୍ୱାମୀ - ସଚ୍ଚିଦାନନ୍ଦ ମହାନ୍ତି
ଜନ୍ମସ୍ଥାନ- ଡିମିରି, ପୁରୀ
ଠିକଣା - କୁଆଁସ, ଭଦ୍ରକ
(ମୋ) ୯୪୩୭୫୪୪୦୪୫

**ପ୍ରକାଶିତ ପୁସ୍ତକ**

(ଗଳ୍ପ)
୧-ଆଖପାଖ ଚାରିପାଖ
୨ - କେତେକଥା
୩- ଗଳ୍ପ ଝରଣା
୪- ଆଗକୁ ସକାଳ
୫- ଭାବର ଅତିଥିମାନେ
୬- ଥିବି ନଥିବି
୭- ସ୍ମୃତି ଖଳାରେ ଜୀବନ
ସମେତ ୧୦ଟି ଗଳ୍ପ ସଂକଳନ

ଉପନ୍ୟାସ
୧- ହରିବୋଲିଆ
୨- ଲମ୍ବା ଚଉଡା ବାଟ



ସ୍ମୃତି ଅପାଶୋରା : ନିଜ ପରିବାର ସହ ଲେଖିକା...




ନିଜ ଆତ୍ମୀୟ ସ୍ୱଜନଙ୍କ ସହ ଲେଖିକା ଝରଣା ପଟ୍ଟନାୟକ...







ସ୍ମୃତି ଅପାଶୋରା : ସାହିତ୍ୟ ସଭାରେ ଲେଖିକା...

# ଧାରାବାହିକ ଅନୁବାଦ ଉପନ୍ୟାସ

**ହିନ୍ଦୀ ମୂଳ- ସରୋଜ କୌଶିକ**
**ଅନୁବାଦ- ନମିତା ପାଇକରାୟ**



# ପୂର୍ଣ୍ଣମିଦମ୍



ହିନ୍ଦୀ ସାହିତ୍ୟର ଏକ ବହୁ ଚର୍ଚ୍ଚିତା କଥାଶିଳ୍ପୀ ସରୋଜ କୌଶିକ । ତାଙ୍କର ଜନ୍ମ ୦୬ ଅକ୍ଟୋବର ୧୯୪୦ରେ ଫିରୋଜପୁର ପଞ୍ଜାବ ଅଖଣ୍ଡ ଭାରତରେ ହୋଇଥିଲା । 'ସେ କରାଚୀ, ବମ୍ବେ, କଲିକତାରୁ ଶିକ୍ଷା ଲାଭ କରିଛନ୍ତି । ସମାଜସେବା, ସଂଗୀତ ଏବଂ ପଢ଼ା ଲେଖାରେ ରୁଚି, ମା'ଠାରୁ ପ୍ରଭାବିତ ହୋଇଛନ୍ତି । ବାପାଙ୍କଠାରୁ ସେ ପାଇଛନ୍ତି ନିର୍ଲିପ୍ତତା । ବର୍ତ୍ତମାନ ସୁଦ୍ଧା ତାଙ୍କ ଲେଖନୀ ଚଳଚଞ୍ଚଳ । ତାଙ୍କ ରଚିତ 'ପୂର୍ଣ୍ଣମିଦମ୍'ଉପନ୍ୟାସଟି ତାଙ୍କର ହିନ୍ଦୀ ସାହିତ୍ୟ ଜଗତରେ ବହୁ ଚର୍ଚ୍ଚିତ ଉପନ୍ୟାସ ।

ନମିତା ପାଇକରାୟଙ୍କ ଦ୍ୱାରା ଅନୁଦିତ 'ପୂର୍ଣ୍ଣମିଦମ୍' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୪

(ପୂର୍ବ ପ୍ରକାଶିତ ଉତ୍ତାରୁ)

କାମ ପ୍ରତି ବିରୁର ଲଗନ ଲାଗିଗଲା। ଧ୍ୟାନର ସହ କାମ କରି ଉନ୍ନତି ଆଡ଼କୁ ଗତି କଲା । ପ୍ରୁଫ ରିଡିଙ୍ଗର କାମଥିଲା । ଆରମ୍ଭରୁ ସେ ଇତି ଠାରୁ ସବୁ ପ୍ରକାର ପରାମର୍ଶ ନେଲା। ପୁଣି ସେ ନିଜେ ନିଜେ କାମ କରିବାକୁ ଲାଗିଲା। ଗୋଟିଏ ଧାରାବାହିକ ଉପନ୍ୟାସ ଉପରେ ବିରୁର ଧ୍ୟାନ ଦେଖି ତା' ସାଙ୍ଗ ଅତିଶ କହିଲା, 'ଥଣ୍ଡା ରୁହ । ଇଏ ମାଡାମ ଦୟାବତୀ, ମାନେ ମାଡାମ ବିଭାଙ୍କର ଉପନ୍ୟାସ । ଯିଏ ଏ ସମ୍ବାଦପତ୍ରକୁ ଚଳଉଛନ୍ତି। ଯିଏ ଲେଖିକି ଦେଇଛନ୍ତି, ଏଥିରେ ବେଶୀ ପ୍ରୁଫ ରିଡିଙ୍ଗ ଦରକାର ନାହିଁ ।

ଏତେ ନାମକରା ମହିଳା, ପଢ଼ାଲେଖା ମହିଳାଙ୍କୁ 'ଭୂତ ଲେଖକ'ର କଣ ଦରକାର ଥିଲା ? ତାଙ୍କ ବ୍ୟକ୍ତିତ୍ୱ କଣ ଗୋଟେ ଛଳନା ?

'କିନ୍ତୁ ଅତିଶ, ବିଭାଜୀଙ୍କର ଅନେକ ପୁସ୍ତକ ପ୍ରକାଶିତ ହୋଇସାରିଛି । ଗୋଟିଏ ପୁସ୍ତକ ପୁରସ୍କୃତ ହୋଇସାରିଛି । ପୁନଶ୍ଚ ନାରୀବାଦୀ, କେତେ ଅଧିବେଶନରେ ସୁନ୍ଦର ବକ୍ତବ୍ୟ ରଖୁଥିବା ଜଣାଶୁଣା ମହିଳା ସେ।' ବିରୁ ତାଙ୍କର ପ୍ରଶଂସା କରିବାକୁ ଲାଗିଲା ।

'ରୁହ ରୁହ ଭୁଲ କଥା । ଫାଲତୁ କଥା । ସ୍ତ୍ରୀ ଆରକ୍ଷଣର କଥା କୁହନ୍ତି, ନୈତିକ ଦୃଷ୍ଟି କୋଣର କଥା କୁହନ୍ତି । କିନ୍ତୁ କାମ କରନ୍ତି ସଂପୂର୍ଣ୍ଣ ଅନୈତିକ । ଆରେ ବିରୁ ସୋସାଇଟିର ଏ ମହିଳାମାନେ ଯେତେ କଲେ ସେତେ କମ୍ । ନାଁର ଭୋକ ଏମାନଙ୍କର କେବେ ଶାନ୍ତ ପଡ଼େନି ।'

ଅତିଶ କଥା ଶୁଣି ବିରୁ ଆଶ୍ଚର୍ଯ୍ୟ ହୋଇ କହିଲା, 'ତୁମେ ଏ ସବୁ ଏତେ ବିଶ୍ୱାସର ସହ କେମିତି କହି ପାରୁଛ ?'

'ବିରୁ ସମସ୍ତେ ଜାଣନ୍ତି, କହିବାକୁ କାହାର ସାହସ ନାହିଁ । ସବୁ ପ୍ରକାର ବ୍ୟବସାୟ ଏ କରେ। ସଂପର୍କର ବ୍ୟବସାୟ, ଦେହ ବ୍ୟବସାୟ, ଲୋକଙ୍କୁ କିଣିବା ବ୍ୟବସାୟ ।

ବିରୁ ଆଶ୍ଚର୍ଯ୍ୟରେ ପଚାରିଲା, 'କଣ କହୁଛ ? ଏ ସାରା ବ୍ୟବସାୟ ତୁମକୁ କେମିତି ଜଣା ?'

'ଲଜ୍ଜାର କଥା ସାଙ୍ଗ । ଶୁଣିଲେ ମଥାନତ ହୋଇଯିବ ସରମରେ । ମୋ ପଡ଼ିଶା ଘର ଝିଅ ବିଭାଜୀଙ୍କ ଦପ୍ତରରେ କାମ କରୁଥିଲା । ସେ କାନ୍ଦି କାନ୍ଦି କହିଥିଲା, କେମିତି ବାହାନାରେ ତାକୁ ହୋଟେଲରେ ବିଦେଶୀ ଗ୍ରାହକଙ୍କ କୋଠରୀକୁ ପଠା ଯାଉଥିଲା । ଝିଅର ବୟସ ମାତ୍ର ପନ୍ଦର ବର୍ଷ ଥିଲା । ତା' ବଦଳରେ ମାଡାମଙ୍କୁ ମିଳିଥିଲା ବଡ଼ ଅର୍ଡର, ବୁଝିଲ ।'

ଅତିଶ କହୁ କହୁ ତା' ଚେହେରା ଘୃଣାରେ କୁଞ୍ଚିତ ହୋଇଗଲା ଏବଂ ବିରୁ ବି ବିରୋଧ ପ୍ରକଟ କରି ସେ ଧାରାବାହିକକୁ ସେଇଠି ବନ୍ଦ କରିଦେଲା। ସଂପାଦକଙ୍କ ପାଖରେ କଥା ପହଞ୍ଚିଲା। ସେ ବିରୁକୁ ଡକାଇ ଅଶ୍ରାବ୍ୟ ଭାଷାରେ ଗାଳି କଲେ । କହିଲେ ପୁଣି କାମ ଆରମ୍ଭ କର ଯେଉଁଠୁ ଛାଡ଼ିଛ । ନଚେତ ଇସ୍ତଫା ଦେଇଦିଅ ।

ସନ୍ଧ୍ୟାରେ ଘରକୁ ଫେରିଲା ବେଳକୁ, ମଥାରେ ଅପମାନ ଓ ଉପେକ୍ଷାର ବୋଝ ଥିଲା। ଇସ୍ତଫା ଦେଇ ଆସିଥିଲା । ଇତି ଶୁଣିଲା ମାତ୍ରେ ବିରକ୍ତ ହେଲା, 'ତୁମେ ମୂର୍ଖ, ତୁମେ ଜାଣିଛ ନା ସେ ମହିଳା ଏ ସମ୍ବାଦପତ୍ରର ସର୍ବେସର୍ବା ଅଟନ୍ତି । ତା' ପରେ ବି ତୁମେ ଧାରାବାହିକ ବନ୍ଦ କରିଦେଲା । ଏ ସହର ଅଟେ ବିରୁ, ଏଠାରେ ମୂଲ୍ୟବୋଧର କିଛି ମାନେ ନାହିଁ । ଯାହା ହେଲା ହେଲା । ଠିକ୍ ଅଛିକାଲି ସୌଗାତ ଦାଙ୍କ ସହ କଥା ହୁଏ । ସେ ନିଶ୍ଚୟ ତୁମ ପାଇଁ କିଛି ଯୋଗାଡ଼ କରିବେ । ବିପ୍ଳବୀ ମଣିଷ ଜଣେ। ପ୍ରାୟ କହନ୍ତି ସେ କଳାକୁ କଳା କହିବା ଭୁଲ ନୁହେଁ। କିନ୍ତୁ ତେନ୍ତୁଳି ଖଟାକୁ ମିଠା କହିବା ଭୁଲ ଅଟେ । ଏବେ ତୁମେ ଦୁହେଁ ଏକାଠି ହୋଇ ସତ୍ୟର ଧାରାରେ କଟ କି ଅନ୍ୟକୁ ସତ୍ୟର ଧାରରେ କାଟ ।'

ବିରୁ ଯେଉଁଦିନ ସୌଗତ ଦା'ଙ୍କ ଘରେ ପହଞ୍ଚିଥିଲା, ସେଦିନ ପାଗ ଭୟଙ୍କର ଥିଲା । ଶ୍ରାବଣର ଘନଘଟା ବର୍ଷା । ଚତୁର୍ଦ୍ଦିଗରେ ବାଦଲ ଭରି ରହିଥିଲା । ବିରୁ ସୌଗତ ଦା'ଙ୍କ ଘରେ ପହଞ୍ଚି ଥିଲା । ଖୁସି ବହୁତ ଖୁସି, ସୌଗତ ଦାଙ୍କ ପାଖରେ କାମ ମିଳି ଯାଇଥିଲା ।

ଦୁଇଜଣ ଯାକ ଆଦର୍ଶବାଦୀ । ଏକା ସହ କାମ କରିବାକୁ ଲାଗିଲେ । ଜଣେ ସହରୀ ପଦ୍ଧତିରେ ପରିଚିତ । ଆଉ ଜଣେ ଗାଁର ସଂସ୍କାରକୁ ଛାଡ଼ିବା ପାଇଁ ପ୍ରସ୍ତୁତ ନୁହେଁ । କାମ ଚାପରେ ଜଣା ପଡ଼ିଲାନି ଜନ୍ମାଷ୍ଟମୀ ଏତେ ପାଖରେ ପହଞ୍ଚିଲାଣି । ବାପାଙ୍କ ପାଖେ ସଂକଳ୍ପ କରିଥିଲା ବିରୁ ରାଧାଙ୍କ ମୂର୍ତ୍ତି ଗଢ଼ିବାକୁ, ମନେ ପଡ଼ିଗଲା । ଇତିକୁ ଯିବା କଥା ଜଣାଇଲା ପରେ, ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା, 'ତୁମକୁ ମୂର୍ତ୍ତି ବି ଗଢ଼ି ଆସେ ?'

ବିରୁ ହସିଲା, 'କୁମ୍ଭାର ପୁଅ ମୂର୍ତ୍ତି ଗଢ଼ି ଜାଣିବନି ତ କଣ ନୋଟ ଛପା ଜାଣିବ ?'

ଇତି ବିରୁର ବ୍ୟକ୍ତିତ୍ୱକୁ ବୁଝିବାକୁ ଚେଷ୍ଟା କଲା । କିଛି ପତ୍ତା ପାଇଲା ନାହିଁ । ବିରୁ ସୌଗତଦା'ଙ୍କ ଦପ୍ତରରେ କାମ ସାରି ତାଙ୍କ ଘରକୁ ଯାଏ ବେଳେବେଳେ । ସୌଗତ'ଦା କିଛି କାମ କରାନ୍ତି, ତା' ପରେ ତାକୁ ଅନେକ କଥା ଅତୀତର, କିଛି କାହାଣୀ ପରି ଶୁଣାନ୍ତି । ତାକୁ ଏ ସବୁ ଜାତକ କଥା ପରି ଲାଗେ । ଗୋଟିଏ ଦିନ କହୁଥିଲେ, 'ଇଷ୍ଟ ଇଣ୍ଡିଆ କମ୍ପାନୀ ସ୍ଥାପିତ ହୋଇଥିଲା, ଅଫିମ ଚାଷ ଆରମ୍ଭ କରିବା ପାଇଁ।

ଚୀନକୁ ପଠାଇବା ପାଇଁ । ଚୀନର ଲୋକମାନେ ମଦପିଉ ନଥିଲେ । କିନ୍ତୁ ଅଫିମର ବହୁତ ସୌଖୀନ ଥିଲେ । ଚୀନକୁ ଅଫିମ ପଠାଇଲା ପରେ, ବନ୍ଦର ମିଳିଲା, କଲିକତା ବନ୍ଦର । ସେଠି ସବୁ ଅନୈତିକ କାମ ଚାଲିଲା। ସେ ସବୁ କାମର ଖବର ସୌଗତ'ଦା ସବୁ ସମ୍ବାଦପତ୍ରକୁ ପଠାଇଲେ । କୃଷକଙ୍କ ଚିନ୍ତା, ସେମାନଙ୍କ ମୃତ୍ୟୁର କାରଣ ସବୁ ଲେଖି କରି ପଠାଇଲେ । କିନ୍ତୁ ଇଂରେଜ ତଥା ରାଜା ମହାରାଜାଙ୍କ ହାତରେ ଥିଲା ସବୁ ସମ୍ବାଦପତ୍ର । ତାଙ୍କରି ସ୍ୱାର୍ଥରେ ଚାଲୁଥିଲା । ସବୁ ସମ୍ବାଦପତ୍ର ଏବଂ ସବୁ ଦୁଷ୍କର୍ମ କରିବାରେ ଏଇମାନଙ୍କ ହାତ ଥିଲା । ଏବେ ତ ଦେଖୁଛ ସବୁ ମିଡିଆ ଚାନେଲ ବିକ୍ରି ହୋଇଯାଉଛି । ସେତେବେଳେ ବି ସେୟା ହେଉଥିଲା । ଖାଲି ଆରୋପ ପ୍ରତ୍ୟାରୋପ ନିରର୍ଥକ ଯୁକ୍ତି ପ୍ରସାରିତ ହେବାରେ ଲାଗିଛି । ଏ ସବୁ ଅନେକ କାଳରୁ ଅଛି ରହିବ ମଧ୍ୟ । ସାରା ବିଶ୍ୱର ଏ ସମସ୍ୟା।

ସୌଗତ'ଦା କଣ କହିବା ପାଇଁ ଚାହୁଁଥିଲେ। ଗୋଟିଏ ଝିଅ ଦୌଡ଼ି ଦୌଡ଼ି ତାଙ୍କ କୋଠରୀକୁ ପଶି ଆସିଲା । 'ବୁଝିଲ କାକା ।' ସେତିକି ବେଳେ ବିରୁ ଉପରେ ତା'ର ନଜର ପଡ଼ିଲା । ସେଇଠି ସେ ଠିଆ ହୋଇଗଲା । ଆଶ୍ଚର୍ଯ୍ୟ ହୋଇ ପଚାରିଲା, ବିରୁ ତୁମେ କଲିକତାରେ ? ପୁଣି ସୌଗତ କାକାଙ୍କ ପାଖରେ ? ହେ ଭଗବାନ, ତୁମେ କଲିକତାରେ ଅଛ ମୋତେ ଜଣା ନାହିଁ ? ବାପାଙ୍କୁ ବି ଜଣା ନାହିଁ ।'

ଗୌରା ସାମ୍ନାରେ କିଛି କହିବା ପୂର୍ବରୁ ସୌଗତ'ଦା କଥା ରଖି କଥା କହିଲେ, 'ଗୌରା ତୁ ଏ ପୁଅକୁ କୋଉଠି ଚିହ୍ନିଲୁ ? ପରିଚୟ ଅଛି। ଠିକ ଅଛି, ଜାଣିଛୁ କେଡ଼େ ମେଧାବୀ ପିଲା ଇଏ। ବାହାର ପିଲାଙ୍କୁ ତ ବୁଦ୍ଧି ଶିଖେଇ ଦେବ କିନ୍ତୁ ନିଜ ଅନ୍ତରର ମୂଲ୍ୟବୋଧକୁ କେବେ ବି ବୁଝାମଣା କରିବାକୁ ଦେବନି । ଦଳିତର ମାଟି, କିନ୍ତୁ ସହରର କଚଡ଼ା ସହ କେବେ ମିଶିବନି । ମିଶିବାକୁ ଚାହିଁବନି । ତୁ ତୋ ବାପାଙ୍କୁ କହି ଗୋଟିଏ ପ୍ରକାଶନ ସଂସ୍ଥା କିଣି ଦେ ଏବଂ ଯାକୁ ଦେଇ ଦେ । ପରିଶ୍ରମୀ ଅଛି । ଠିକ୍ ଚୁଲାଇବ। ମୁଁ ଜାମିନି ରହିବି, ଗ୍ୟାରେଣ୍ଟି ଦଉଛି ।

ସୌଗତ'ଦାଙ୍କ ମୁହଁରୁ ଅଭିମାନ ବାରି ହୋଇ ଯାଉଥିଲା । ବିରୁ ପ୍ରତି ସ୍ନେହରେ ଓତଃପ୍ରୋତଃ। ବିରୁର ପରିଶ୍ରମ ସୌଗତ'ଦାଙ୍କ ହୃଦୟ ଜିତି ସାରିଥିଲା । ତା'ର ସ୍ୱଭାବ ପାଇଁ ସେ ସୌଗତ'ଦାଙ୍କ ଘରେ ଜଣେ ଆପଣାର ମଣିଷ ହୋଇ ସାରିଥିଲା । ଗ୍ୟାରେଣ୍ଟି ତ ବହୁତ ଦୂର କଥା, ଆଜି କାଲି କେହି କାହା ପାଇଁ ସୁପାରିସ ବି କରିବାକୁ ଚାହାଁନ୍ତିନି ।

କାକା ଚିନ୍ତା କରନି । ବ୍ୟସ୍ତ ହୁଅନି । ଆପଣଙ୍କ ଗ୍ୟାରେଣ୍ଟି, ଯାର ପରିଶ୍ରମ । ବାସ୍ ଭାବ ପ୍ରକାଶନ ସଂସ୍ଥା ହାତରେ ।

ସୌଗତ'ଦା କହିଲେ, 'ଶୂକର ବୃତ୍ତି ଅଛି ଯାର ।'

'ସେ କଣ ?'

ଯିଏ ନାକ ସିଧା ଚାଲେ ତାକୁ 'ଶୂକର ବୃତ୍ତି' କୁହାଯାଏ ।

ଗାଁରେ ଜନ୍ମାଷ୍ଟମୀ । ରାଧାଙ୍କ ମୂର୍ତ୍ତିକୁ ପୂର୍ଣ୍ଣ ସାଜସଜ୍ଜା ସହିତ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲିଥିଲା । ରିଚା ରାଧାଙ୍କ ମୂର୍ତ୍ତି ଆଗରେ ଗୀତ ଗୋବିନ୍ଦର, ଗୋଟିଏ ପରେ ଗୋଟିଏ ଗୀତ ଗାଇ ଚାଲିଥିଲା ।

'ହେ ବିରହ ବିଦଗ୍ଧ ଦୀନା' ପୁଣି

'ବିରହରେ ପ୍ରେମ ଭାରି'

ଏଭଳି ଭାବ ବିଭୋର ଗୀତ ଶୁଣି ଭକ୍ତ ମାନଙ୍କର ଆଖି ଛଳଛଳ ହୋଇ ଯାଉଥିଲା ।

ରାଧାଙ୍କ ଅତୃପ୍ତତା ଯେମିତି ଗାଉଥିଲା । ବିରହର ଯନ୍ତ୍ରଣାରେ ଅଧର କ୍ଷତାକ୍ତ ହେଲାଣି । ତଥାପି ସମସ୍ତେ କହୁଛନ୍ତି ରାଧା ହରି ତୋର । 'ପୀଡ଼ା ଭରା କଟାକ୍ଷ ଶୁଣି ଯେମିତି କୃଷ୍ଣ କହୁଥିଲେ ରାଧାଙ୍କ କାନରେ ହେ ଚାରୁଶୀଳା ମୋତେ କ୍ଷମା କର । 'ଅଦ୍‌ଭୂତ । ଜୟଦେବ ରସିକ ଶବ୍ଦର ପ୍ରୟୋଗ କରି ମଧ ଗାରିମାର ପବିତ୍ରତାକୁ ଖଣ୍ଡିତ କରି ନାହାଁନ୍ତି ।

ନିଜ କୋଠରୀରେ ରିଚା ଭାବୁଥିଲା । ସେ ଜୟଦେବଙ୍କ ଗୀତ ଗୋବିନ୍ଦ ଗାଉଥିଲା ନାଁ ରାଧାକୃଷ୍ଣଙ୍କ ସାମ୍ନାରେ ତା'ର ଆତ୍ମ ଭାବନାକୁ ଅନୁବାଦ କରୁଥିଲା । ତା'ର ଆତ୍ମ ସମ୍ପନ୍ନତା ଏବଂ ଆତ୍ମ ସମ୍ମାନ ତାକୁ ମୁଖର ହେବା ପାଇଁ ଆଜ୍ଞା ଦେଉ ନଥିଲା । ତା'ର ବିରହ ଦୃଷ୍ଟିଭଙ୍ଗୀକୁ ଟୁକ୍‌ଟୁକୀର ଖଣ୍ଡି କାଶ ଭଙ୍ଗ କରିଦେଲା ।

'ଆରେ ତୁ କେତେବେଳେ ଆସିଲୁ ?' ଚୋର ଧରାପଡ଼ିବାର ବାଚଳତା ଥିଲା ।

'ମୁଁ କେତେବେଳେ ଆସିଲି ତା'ର ଚିନ୍ତା ଛାଡ଼ । ଆଗକୁ ଯେଉଁ ଚିନ୍ତାର ବିଷୟ ଆସୁଛି, ତାକୁ ଚିନ୍ତନ କର ।'

'ଅର୍ଥ କଣ ?' ଆଶ୍ଚର୍ଯ୍ୟ ହୋଇ ରିଚା ପଚାରିଲା ।

'ଅର୍ଥ ? ରାଧାଙ୍କ ମୂର୍ତ୍ତିକୁ ଦେଖିଲୁ ?' ଟୁକଟୁକୀ ପଚାରିଲି ।

'ଇସ୍, ପ୍ରଣାମ ତ କରିଥିଲି- ଏତେ ସାଜସଜ୍ଜାରେ ଠିକ୍ ସେ ଦେଖି ପାରିଲିନି । ଗୀତ ଗାଉ ଗାଉ ସଂଗୀତରେ ହଜିଗଲି । ରାଧାଙ୍କ ମୂର୍ତ୍ତି ଆଡକୁ ଆଉ ଚାହିଁ ପାରିନି । କଣ ହେଲା ? ସିଧା ସିଧା କହନା ?'

ରିଚା ଆଦେଶ ଦେବା ସ୍ୱରରେ କହିଲା ।

'ରାଧାଙ୍କ ମୁହଁର ଆକୃତି ପୁରାପୁରି ତୋ ମୁହଁ ସହ ମେଳ ଖାଉଛି । ଯେମିତି ତୁ ସଶରୀରେ ସେଠି ବସିଛୁ । ଟୁକଟୁକୀର ସ୍ୱରରେ ତେଜ ଥିଲା।

'ଏ ଟୁକୁଟୁକୀ ତୁ ଭଲ କହୁଛୁ । ବିରୁଠୁ କଥା କହିବା ଶିଖି ଗଲୁଣି । ମୋ ଚେହେରା କଣ ରାଧାଙ୍କ ପରି ? ସତ କହୁଛୁ,

ହଁ ତୁ ମିଛ ବି କାହିଁକି କହିବୁ ?

ରିଚା ଗୋଟିଏ କାଗଜରେ କିଛି ଲେଖିଲା ଏବଂ ଟୁକ୍ ଟୁକୀ ହାତରେ ଦେଇ ବିରୁକୁ ଦେବାକୁ କହିଲା । ଏବଂ କାହାକୁ ଯେମିତି ଖବର ନହୁଏ। ଯାଉ ଯାଉ ଟୁକ୍‌ଟୁକୀ କହି ଦେଇଗଲା ଯେ, ଗୌରା ଆସି ନାହିଁ । ବିରୁ ପାଇଁ ଗୌରା ପ୍ରକାଶନ ସଂସ୍ଥା କିଣିଛି ।

(କ୍ରମଶଃ)

♥ ଭୁବନେଶ୍ୱର
(ମୋ): ୯୮୬୧୩୮୫୦୪୬

# ସୋସିଆଲ ଇମେଜ୍

## ମନସିଜ୍ ଦାସ



ସୋସିଆଲ ଇମେଜ ବ୍ୟବସ୍ଥାରେ ଭଲ ଭାବେ ଜଣେ ଲୋକଙ୍କୁ ଚିହ୍ନନ୍ତୁ। ସମାଜରେ ବିଭିନ୍ନ ପ୍ରକାର ଲୋକ ରହିଥାନ୍ତି। ସେମାନଙ୍କ ମଧ୍ୟରୁ ସମସ୍ତେ ଆମ ପାଇଁ ଭରସାଯୋଗ୍ୟ ହୋଇପାରିବେ ନାହିଁ। ତେଣୁ ଲୋକଙ୍କୁ ଚିହ୍ନି ସେମାନଙ୍କ ସହ ମିଶିବା ଦରକାର। କାହିଁକି ନା କେତେକ ଆପଣଙ୍କ କଥାର ଭୁଲ ପ୍ରୟୋଗକରି ଅସୁବିଧା ସୃଷ୍ଟି କରିବା ପାଇଁ ଚାହିଁଥାନ୍ତି। କେହି କେହି ନିଜ ସ୍ୱାର୍ଥ ସାଧନ ପାଇଁ ବା ଅନ୍ୟ ମାନଙ୍କ ସ୍ୱାର୍ଥ ପରିପୂରଣ ପାଇଁ ଆପଣଙ୍କ ସହିତ ଛଳନାପୂର୍ଣ୍ଣ ସମ୍ପର୍କ ଆରମ୍ଭ କରିପାରନ୍ତି। ତେଣୁ ଯେଉଁମାନେ ଆପଣଙ୍କର ଭରସାଯୋଗ୍ୟ ହୋଇଥିବେ ସେହି ମାନଙ୍କ ଆଗରେ ବ୍ୟକ୍ତିଗତ କଥା କହି ଆପଣ ନିଜ ସମସ୍ୟାକୁ ଶେୟାର କରିପାରିବେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୀମା ସ୍ଥିର କରନ୍ତୁ। ଆମେ ସମସ୍ତେ ଆମ ନିଜ ପାଇଁ ଏକ ବ୍ୟକ୍ତିଗତ ପରିସୀମା ସୃଷ୍ଟି କରିବା ଦରକାର। ସେହି ଅନୁସାରେ କେଉଁ ସବୁ କଥା ବିଷୟରେ ଆଦୌ ବାହାର ଲୋକଙ୍କ ସହ ଶେୟାର କରିବେ ନାହିଁ ସେକଥା ବିଚାର କରନ୍ତୁ। ଆପଣ ଚାହୁଁ ନଥିବା ପ୍ରସଙ୍ଗରେ ଆଦୌ ଆଲୋଚନା କରନ୍ତୁ ନାହିଁ। କେହି ସେନେଇ କିଛି କଥା ହେବାକୁ ଚାହିଁଲେ ବି ଚତୁରତାର ସହ ଆଡ଼େଇ ଯିବାକୁ ହେବ। ସର୍ବପ୍ରଥମେ ପ୍ରତିକ୍ରିୟା ବୁଝନ୍ତୁ । ଆପଣ କଥା ହେବା ସମୟରେ ଶୁଣୁଥିବା ଲୋକଙ୍କର ପ୍ରତିକ୍ରିୟା ଲକ୍ଷ୍ୟ କରନ୍ତୁ। ସେମାନଙ୍କ କଥା ଓ ବ୍ୟବହାରରୁ ହିଁ ଆପଣ ସବୁ କଥା ବୁଝିପାରିବେ। ବେଳେ ବେଳେ ଲୋକେ ହଠାତ୍ କିଛି ନକହି ପରେ ପ୍ରତିକ୍ରିୟା ପ୍ରକାଶ କରନ୍ତି। ସେଭଳି ଲୋକଙ୍କ ସହ ଯଥାସମ୍ଭବ କମ କଥା ହୁଅନ୍ତୁ। ତେଣୁ ଅନ୍ୟମାନଙ୍କ କଥାରୁ ଯଦି ଆପଣ କିଛି ନକାରାତ୍ମକ ମନୋଭାବର ଆଭାସ ପାଇବେ ତାହେଲେ ସତର୍କ ହୋଇଯାଆନ୍ତୁ। ନିଜେ ତେଣୁ ମାପିଚୁପି କଥା ହୁଅନ୍ତୁ। ଫଳରେ କୌଣସି ସମ୍ପର୍କ ନଷ୍ଟ ହେବନାହିଁ କିମ୍ବା ଭାବମୂର୍ତ୍ତି ବି ଖରାପ ହେବନାହିଁ। ବର୍ତ୍ତମାନର ଯୁଗ ଏଆଇର ସମୟରେ ପହଞ୍ଚିଲାଣି। ବର୍ତ୍ତମାନର ସମୟ ବି ଯାହା ନିଜ ଇମେଜକୁ ନେଇ ସତର୍କ ଓ ସଚେତନ ରହିବା ଅତ୍ୟନ୍ତ ଜରୁରୀ। ଚାଲି ଚଳନ ଠାରୁ କଥାବାର୍ତ୍ତା, ପୋଷାକ ପତ୍ର ଠାରୁ ଖାଦ୍ୟପେୟ ଏସବୁକୁ ଦୃଷ୍ଟି ଦେବା ଜରୁରୀ। କଥାବାର୍ତ୍ତାରୁ ଜଣଙ୍କ ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ। ତେବେ ଅତ୍ୟଧିକ ଭାବପ୍ରବଣତା ଓ ଗପିବା ସ୍ୱଭାବ ସହ ସବୁ କଥା ଶେୟାର କରିବା ଅନେକ କ୍ଷେତ୍ରରେ କ୍ଷତିକାରକ ଓ ବିବାଦୀୟ ହୋଇଥାଏ। କମ କଥା କହିବା ଓ ଅଧିକ ଶୁଣିବା ଏକ ଭଲ ଅଭ୍ୟାସ। ଘର ହେଉ କି ବାହାର ସମ୍ପର୍କର ଏକ ସୀମା ନିର୍ଦ୍ଧାରଣ କରନ୍ତୁ। ସମୟ ପାଇଲେ ପ୍ରକୃତି କୋଳରେ ନିଜ ପରିବାର ଲୋକଙ୍କୁ ନେଇ କିମ୍ବା ଏକାନ୍ତରେ କିଛି ନିରୋଳା ଉପଲବ୍ଧି ଓ ଅନୁଭବକୁ କିଛି ପଚାରନ୍ତୁ ଆଉ କିଛି ଶୁଣନ୍ତୁ। ଆପଣ ନିଜ ସୋସିଆଲ ଇମେଜର ସବୁ ପ୍ରଶ୍ନ ଓ ଉତ୍ତର ସେଇଠି ହିଁ ପାଇଯିବେ।

ଏଣୁତେଣୁ କଥା ହେବା ଆଉ ବ୍ୟକ୍ତିଗତ କଥା କହିବା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ। ଏକଥା ହୃଦୟଙ୍ଗମ କରିବା ଦରକାର। ସମସ୍ତଙ୍କୁ ସବୁକଥା କହିଦେଲେ ବେଳେବେଳେ ଅପ୍ରୀତିକର ସମସ୍ୟା ସୃଷ୍ଟି ହୁଏ, ଯାହାଫଳରେ ନିଜ ସୋସିଆଲ ଇମେଜ ବି ଖରାପ ହୋଇଥାଏ। ତେଣୁ ଓଭର ଶେୟାରିଂ ପ୍ରକୃତିକୁ ନିୟନ୍ତ୍ରଣ କରିବା ଦରକାର। ଅଫିସରେ ହେଉ କି ଘରେ କିଛି ଲୋକଙ୍କର ଯେପରି ପେଟ ଭିତରେ କଥା କିଛି ରହିନଥାଏ ଅର୍ଥାତ୍ ଅନେକ କିଛି କଥା କହିଦିଅନ୍ତି। କିନ୍ତୁ କେତେକଙ୍କର ଓଭର ଶେୟାରିଂ ଗୁଣ ପାଇଁ ଭବିଷ୍ୟତରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଥିପାଇଁ ହୁଏତ ନିଜ ସୋସିଆଲ ଇମେଜ ବି ଖରାପ ହୋଇଥାଏ।

କହୁ କହୁ ଅନେକ କଥା ମନକୁ ବାହାରିଆସେ। ବେଳେ ବେଳେ କଥାବର୍ତ୍ତା ହେବା ସମୟରେ ଆମେ ଏମିତି ସବୁ କଥା କହିଦେଉ ଯାହା ବାହାର ଲୋକଙ୍କ ଆଗରେ କହିବା ଠିକ ନୁହେଁ। କିନ୍ତୁ ଥରେ କଥା ବାହାରିଗଲେ ଆଉ ଫେରେନାହିଁ। କଥାରେ ନାହିଁ - 'ମୁହଁରୁ ବାହାରିଥିବା ଶବ୍ଦ ଆଉ ତୁଣିରୁ ବାହାରିଥିବା ଶର'। ତେଣୁ ଶୁଣିବା ଲୋକେ କେଉଁ କଥାକୁ କେମିତି ଗ୍ରହଣ କରିବେ ସେକଥା ଜାଣିବା ନିହାତି ଦରକାର। ସେଥିପାଇଁ ତ ସମସ୍ତଙ୍କ ସହ କଥା ହେବା ସମୟରେ ନିଜ ବିଷୟରେ ସବୁ କଥା କହିବା ଠିକ ନୁହେଁ। ଅନେକଙ୍କର ଭ୍ରାନ୍ତଧାରଣା ରହିଥାଏ କି ଏଭଳି ଗୁଣ ଥିଲେ ସୋସିଆଲ ଇମେଜ ଭଲ ରହିବ ଓ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଲୋକେ ଅଧିକରୁ ଅଧିକ ଭଲ ପାଇବେ। ମାତ୍ର ଏହା ଆଦୌ ଠିକ ନୁହେଁ। ଏହି ଗୁଣ ଯୋଗୁଁ ବ୍ୟକ୍ତିତ୍ୱ ହରାଇବା ଆଶଙ୍କା ରହିଥାଏ। ତେଣୁ ଲୋକଙ୍କୁ ବୁଝିବା ଓ ସମ୍ପର୍କ ବଜାୟ ରଖିବା ନିମନ୍ତେ ମନଖୋଲା କଥାବାର୍ତ୍ତା ବଦଳରେ କାହା ସହିତ କିଭଳି କଥା ହେବାକୁ ପଡ଼ିବ ଜାଣିବା ଦରକାର। ଏକ ପ୍ରକାର ନିଜ ଆଚାର ବ୍ୟବହାରରେ ସ୍ୱଳ୍ପ କାଳୀନ ସମୟ ପାଇଁ ହେଉ 'ବ୍ରେକ୍' ରଖନ୍ତୁ। କଥାବାର୍ତ୍ତା ସମୟରେ ଯେତେ ବେଳେ ବି ଅନୁଭବ କରୁଛନ୍ତି କି ଅଧିକ ହୋଇଯାଉଛି ସେହି ସମୟରେ ହିଁ ବ୍ରେକ କରିବା ଦରକାର। ବେଳେ ବେଳେ ମନର ବି ଏକ ଲଗାମ ରହିଥାଏ। ତେଣୁ କିଛି ସମୟ ଗପିବା ପରେ ହୃଦବୋଧ ହୋଇଥାଏ କି ଏସବୁ କଥା ବାହାରେ ଗପିବା ଠିକ ନୁହେଁ। ପ୍ରତ୍ୟେକଙ୍କ କିଛି ଏକାନ୍ତ ବ୍ୟକ୍ତିଗତ ଓ ପାରିବାରିକ ସମସ୍ୟା ରହିଥାଏ ଯାହାକୁ ସାର୍ବଜନୀନ କରିହୁଏ ନାହିଁ। ତେଣୁ ଏସବୁ ବିଷୟରେ ସମସ୍ତଙ୍କ ଆଗରେ କହିବାବେଳେ ମନକୁ ଯଦି ଠିକ ଲାଗୁ ନଥାଏ ସେହି ମୁହୂର୍ତ୍ତରେ କହିବା ବନ୍ଦ କରି ଦିଅନ୍ତୁ। ଏହାବାଦ ଯଦି ଭୁଲରେ କିଛି କଥା ପାଟିରୁ ବାହାରି ଯାଇଛି, ତେବେ ତୁରନ୍ତ କଥା ବଦଳାଇ ଅନ୍ୟମନସ୍କ କରାଇ ଦିଅନ୍ତୁ।

♥ ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା

# ପୁଞ୍ଜି ନଥାଇ ବେପାର



## ସନ୍ତୋଷ ମିଶ୍ର

ସୂର୍ଯ୍ୟକାନ୍ତ ସରକାରୀ ସ୍କୁଲର ଶିକ୍ଷକ। ସକାଳେ ଟିଉସନ୍ ସାରି ସାଢ଼େ ୯ ଟାରେ ସ୍କୁଲ ବାହାରିଲ। ସ୍ତ୍ରୀ ହେମାଙ୍ଗିନୀ ପଚାରିଲା - ଆରେ ଆଜି ଏତେ ସହଳ ଯେ ! ବାଇକରେ ମାତ୍ର ୧୦ ମିନିଟର ରାସ୍ତା ! ଖାଇସାରିଲା ପରେ ବିଶ୍ରାମ ନନେଇ ସ୍କୁଲ ଯିବାକୁ ବାହାରିଲଣି। କଥା କଣ । ସୂର୍ଯ୍ୟକାନ୍ତ ଅଧା ହସି କହିଲା - ଆଜି ପରା ସ୍କୁଲରେ ମିଟିଂ। ଆମର ଦାବି ପୂରଣ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ମିଟିଂ ପରେ ଘରକୁ ଫେରିବା ଡେରି ହେବ। ତେଣୁ ମୋତେ ଅପେକ୍ଷା ନକରି ସେଣ୍ଟ ଜୋନ୍ ପବ୍ଲିକ ସ୍କୁଲରୁ ପିଲାମାନଙ୍କୁ ନେଇ ଆସିବ।

ତାପରେ ତରତର ହୋଇ ବାଇକ୍ ଷ୍ଟାର୍ଟ କଲା ସୂର୍ଯ୍ୟକାନ୍ତ। ହେମାଙ୍ଗିନୀକୁ ସ୍ୱାମୀର ହାବଭାବ କିଛିଟା ଅଲଗା ଲାଗୁଥିଲେ ବି ସେ ଚୁପଚାପ୍ ଘର ଭିତରକୁ ଚାଲିଗଲା । ସେପଟେ ସୂର୍ଯ୍ୟକାନ୍ତ ଭାବୁଥିଲା - କନକ ଦିଦି ଆଗ ଛକରେ ଥିବାକଥା। ଯଦି ସେ ନୁଙ୍ଗୁରା ହିନ୍ଦୀ ମାଷ୍ଟ୍ର ତାକୁ ନେଇ ଯାଇଥିବ ତାହେଲେ କଥା ସରିଲା !! ଛକରେ ପହଞ୍ଚି ଦେଖିଲା କନକ ଡ୍ରେସ ପିନ୍ଧି ତାଙ୍କୁ ଅପେକ୍ଷା କରିଚି। ଲାଗିଲା ଯେମିତି କୋଟି ନିଧି ପାଇଗଲା !! କନକ ଯିବା ଆସିବା ବେଳେ ଡ୍ରେସ୍ ପିନ୍ଧେ। ମାତ୍ର ସ୍କୁଲରେ ୟୁନିଫର୍ମ ଶାଢ଼ୀ। ଦୁଇ ପଟରେ ଗୋଡ଼ ରଖି ସୂର୍ଯ୍ୟକାନ୍ତ ପଛରେ ବସିଲା କନକ। ରସିକିଆ ଢଙ୍ଗରେ କହିଲା ସୂର୍ଯ୍ୟକାନ୍ତ - ଟିକେ ପାଖକୁ ଲାଗି ଆସ ମ। ଉତ୍ତରା ପବନରେ ଦେହ ଶୀତେଇ ଉଠୁଛି। ଭାରି କଷ୍ଟ ଲାଗୁଛି। କୃତ୍ରିମ ବିରକ୍ତି ଭାବ ଦେଖାଇ କନକ କହିଲା - ଘରେ ଦିବ୍ୟ ସୁନ୍ଦରୀ ସ୍ତ୍ରୀ...ଏମିତି ଡହଳ ବିକଳ ହଉଚ କାହିଁକି।

ସ୍କୁଲରେ ପହଞ୍ଚି କନକ ଡ୍ରେସ୍ ଚେଞ୍ଜ୍ କରି ଶାଢୀ ପିନ୍ଧି ଅଫିସ୍ ରୁମକୁ ଆସିଲା। ସୂର୍ଯ୍ୟକାନ୍ତ କହିଲା - ପାଉଣାଟା ଆଜି ମିଳିବ ନା କାଲି। ସ୍ମିତ ହସି କନକ କହିଲା - ଏବେ ସବୁ ଷ୍ଟାଫ୍ ଆସିଯିବେ। ତମେ ବାକି ଖାତାରେ ଲେଖିଦିଅ। ସୁବିଧା ସୁଯୋଗ ଦେଖି ପାଉଣା ନେଇଯିବ।

ସେଦିନ ବୈଠକରେ ସଙ୍ଘର ବିଭିନ୍ନ ଦାବି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ବନ୍ଧରେ ଆଲୋଚନା କରାଗଲା। ପ୍ରଥମେ ବ୍ଲକ୍ ଅଫିସ୍ ସାମ୍ନାରେ ସପ୍ତାହେ କାଳ ଧାରଣା। ଦାବି ପୂରଣ ନହେଲେ ସମୂହ ଛୁଟି। ସ୍କୁଲରେ ତାଲା ଝୁଲିବ। ସୂର୍ଯ୍ୟକାନ୍ତ କିନ୍ତୁ ଧାରଣା କିମ୍ବା ସ୍କୁଲଛୁଟି ସପକ୍ଷରେ ନଥିଲା। ସେ ଚାହୁଁଥିଲା କନକଦିଦି ସହିତ ନିୟମିତ ସ୍କୁଲ ଆସିବାପାଇଁ। ଆଗକୁ ପୁଣି ଗୁରୁ ଦିବସ। ପିଲା ମାନଙ୍କର ଦାମୀ ଉପହାର। ସେଦିନ ଖାଲି ଲାଭ ହିଁ ଲାଭ।

ସ୍କୁଲ୍ ଛୁଟିପରେ ଡ୍ରେସ୍ ପିନ୍ଧି ବାଇକ୍ ପଛରେ ଦୁଇ ପଟକୁ ଗୋଡ଼ ରଖି ବସିଲା କନକ। ସୂର୍ଯ୍ୟକାନ୍ତ କହିଲା - ଧାରଣାରେ ବସିଲେ କିମ୍ବା ଛୁଟିରେ ଗଲେ ବିଚରା ଗରିବ ପିଲାଗୁଡାଙ୍କର ପାଠପଢା କ୍ଷତିଗ୍ରସ୍ତ ହେବ। ହେଲେ କଣ ଆଉ କରାଯିବ । କନକ କହିଲା - ଆମ ସମସ୍ତଙ୍କର ପିଲାମାନେ ତ ଇଂଲିଶ ମିଡିୟମ୍ ସ୍କୁଲରେ ପଢୁଛନ୍ତି। କାହାରି କିଛି ଅସୁବିଧା ହେବନି। କେତେଜଣ ସରକାରୀ ଚାକିରିଆ ତାଙ୍କ ପିଲାମାନଙ୍କୁ ସରକାରୀ ସ୍କୁଲରେ ପଢ଼ାଉଛନ୍ତି କହିଲ। ସୂର୍ଯ୍ୟକାନ୍ତ କହିଲା - କାହିଁକି ପଢାଉ ନାହାନ୍ତି। ସରକାରୀ ସ୍କୁଲରେ ଯାହାତ ପାଠ ପଢା ହଉଚି। ଅଧିକାଂଶ ସମୟ ଷ୍ଟ୍ରାଇକ.. ତାଲାବନ୍ଦ। ତାଛଡା ଗ୍ରୀଷ୍ମ ଛୁଟି, ଧାନକଟା ଛୁଟି ସମେତ ବିଭିନ୍ନ ପର୍ବ ପର୍ବାଣୀର ଛୁଟି ବାଦ ଦେଲେ କାର୍ଯ୍ୟକାରୀ ଦିବସ ବା କେତେ.. ସେଥିରେ ପୁଣି କୋଟା ମାଧ୍ୟମରେ ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀ। ସପ୍ତମ ଶ୍ରେଣୀ ପଢୁଥିବା ପିଲା ଫଳା ପଣିକା ସଠିକ ଭାବେ କହି ପାରୁନାହାନ୍ତି । ଓଡ଼ିଆରେ ଦସ୍ତଖତ ବି କରିପାରୁ ନାହାନ୍ତି। ଇଂରାଜୀ କଥା ଛାଡ଼ । ନବମ, ଦଶମ ଶ୍ରେଣୀ ପିଲା ମାନଙ୍କର ଇଂରାଜୀରେ ପ୍ରାଥମିକ ସ୍ତରୀୟ ଜ୍ଞାନ ମଧ୍ୟ ନାହିଁ। ପୁଣି କେତେକ ଚରିତ୍ରହୀନ ଶିକ୍ଷକ ବିଭିନ୍ନ ପ୍ରଲୋଭନ ଦେଖାଇ ଛାତ୍ରୀମାନଙ୍କ ସହିତ ଯୌନ ସମ୍ପର୍କ ରଖି ସେମାନଙ୍କୁ ଗର୍ଭବତୀ କରିବାକୁ ତତ୍ପର । ସେଥିପାଇଁ ତ ପ୍ରାୟ ସମସ୍ତ ଶିକ୍ଷିତ, ଚାକିରିଆ, ଧନୀକ ପରିବାରର ପିଲାମାନେ ସରକାରୀ ସ୍କୁଲରେ ନପଢ଼ି ଇଂଲିଶ ମିଡିଅମ ସ୍କୁଲରେ ପଢୁଛନ୍ତି। ତମେ ତ ଜାଣ ଆମେ ପାଉଥିବା ଦରମାର ଏକ ଚତୁର୍ଥାଂଶ ଇଂରାଜୀ ମିଡିଅମ ସ୍କୁଲର ଶିକ୍ଷକ ମାନେ ପାଉ ନାହାଁନ୍ତି। ତଥାପି ଆମ ସରକାରୀ ସ୍କୁଲର ଶିକ୍ଷକ ମାନେ ଦରମା ବୃଦ୍ଧି ପାଇଁ ଧାରଣାରେ ବସୁଛନ୍ତି, ଅନଶନ କରୁଛନ୍ତି। କାହିଁ ଇଂରାଜୀ ସ୍କୁଲର ଶିକ୍ଷକ ମାନେ ତ ସେମିତି କରୁ ନାହାନ୍ତି...ତାଙ୍କ ସ୍କୁଲରେ କେବେ ହେଲେ ତ ତାଲା ଝୁଲୁ ନାହିଁ। ଆମ ସ୍କୁଲରେ ଉପସ୍ଥାନ ବୃଦ୍ଧି ନିମନ୍ତେ ସରକାର ମଧ୍ୟାହ୍ନଭୋଜନ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରିଛନ୍ତି। ସେଥିରୁ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବେ ଆମେ ତ ଲାଭବାନ ହେଉଚୁ। ପ୍ରତିମାସ ଭାଗରେ ଯାହା ଡାଲି, ଚାଉଳ, ଅଣ୍ଡା ଇତ୍ୟାଦି ମିଳୁଛି.. ଘରର ଆବଶ୍ୟକତା ତ କିଛି ପରିମାଣରେ ମେଣ୍ଟି ଯାଉଚି। ପୁଣି ଟିଉସନ୍ ଭଳି ବିନା ପୁଞ୍ଜିରେ ଲାଭଜନକ ବେପାର କରିବାର ସୁଯୋଗ ପାଉଛୁ। ଚିନ୍ତା କଲ ଦେଖି ସରକାର ଯଦି ଶିକ୍ଷା ବ୍ୟବସ୍ଥାକୁ ଘରୋଇକରଣ କରନ୍ତି ତାହେଲେ ଆମ ଅବସ୍ଥା କଣ ହେବ ! କନକ କେବଳ ଏତିକି କହିଲା - ହଁ , ସତ କଥା।

କନକକୁ ଛକରେ ଛାଡି ଘରେ ପହଞ୍ଚିଲା ସୂର୍ଯ୍ୟକାନ୍ତ। ହେମାଙ୍ଗିନୀ ତାକୁ ପାଛୋଟି ନେଇ କହିଲା - ଆସ ଆଗେ ଟିଭିରେ ଖବର ଶୁଣିବା। ତାପରେ ଖାଇବା। ସୂର୍ଯ୍ୟକାନ୍ତ କହିଲା - କଣ ଏମିତି ଖବର ଅଛି। ହେମାଙ୍ଗିନୀ ଗଦଗଦ ହୋଇ କହିଲା - କାଲିଠାରୁ ଦାବି ପୂରଣ ନିମନ୍ତେ ଶିକ୍ଷକମାନଙ୍କର ଗଣ ଆନ୍ଦୋଳନ। ଆବଶ୍ୟକ ହେଲେ ସପ୍ତାହେ ପରେ ତାଲାବନ୍ଦ। ବାସ୍ ଏଥର ଦେହ ଖରାପ ବାହାନା କରି ଘରେ ବସି ଆରାମ କର..ସରକାରୀ ଚାକିରୀ !! ଘରେ ବସି ଦରମା ପାଇବ। ସକାଳେ ସନ୍ଧ୍ୟାରେ ଟିଉସନ କଲେ ଆମେ ବେଶ୍ ଆରାମରେ ଚଳି ପାରିବା। ନିରୁତ୍ସାହିତ ସୂର୍ଯ୍ୟକାନ୍ତ ବିରସ କଣ୍ଠରେ କହିଲା - ହଁମ ସେଥିରେ କଣ ଅଛି। ମୋ ବେପାର ଭଲ ତ ମୁଁ ଭଲ। ହଁ..ଆଜି ରାତିରେ ସ୍ପେସାଲ୍ ଆଇଟମ କଣ। ହେମାଙ୍ଗିନୀ କହିଲେ - ପଖାଳ, ମାଛଭଜା ଆଉ ମାଛ ପତୁଆ, ତମର ପ୍ରିୟ ଖାଦ୍ୟ !! ଖୁସିରେ ଉଚ୍ଛୁଳି ପଡ଼ି ସୂର୍ଯ୍ୟକାନ୍ତ କହିଲା - ବାଃ ଆଜି ରାତିରେ ଭଲ ନିଦଟେ ହେବ !!

ଦୀର୍ଘ ଦିନର ଗଣ ଧାରଣା ଓ ତାଲାବନ୍ଦ ପରେ ଅବଶେଷରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଲା - ସମସ୍ତ ଶିକ୍ଷାନୁଷ୍ଠାନ ଘରୋଇକରଣ କରାଗଲା। ଦୈନିକ ଉପସ୍ଥାନ, ପାଠ୍ୟ ଦାନରେ ବିନିଯୋଗ ସମୟ ତଥା ଛାତ୍ରଛାତ୍ରୀ ମାନଙ୍କର ବାର୍ଷିକ ଫଳକୁ ଅନୁଧ୍ୟାନ କରି ସଂପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ମାସିକ ପାରିଶ୍ରମିକ ଧାର୍ଯ୍ୟ ହେବ। ଜାତି ଭିତ୍ତିକ କୋଟା ପ୍ରଥା ଏବଂ ଅବସର କାଳୀନ ଭତ୍ତା ଉଚ୍ଛେଦ କରାଗଲା। କୋଟାରେ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଯୋଗ୍ୟତା ନିରୂପଣ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିବ। ସେଥିରେ ଅକୃତକାର୍ଯ୍ୟ ହେଲେ ଚାକିରୀରୁ ବହିଷ୍କୃତ ହେବେ। ଟିଉସନ୍ ଏକ ଧର୍ତ୍ତବ୍ୟ ଅପରାଧ ଭାବେ ବିବେଚନା କରାଯାଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ଉଭୟ ଅର୍ଥ ଓ ଜେଲ୍ ଦଣ୍ଡର ବ୍ୟବସ୍ଥା ରହିବ। ବିଜ୍ଞପ୍ତି ପଢ଼ି ଚିତ୍କାର କରି ଉଠିଲା ସୂର୍ଯ୍ୟକାନ୍ତ - ଆରେ ଆମେ ସବୁ ବେସରକାରୀ ହୋଇଗଲୁ ! ପାଉଥିବା ଦରମାର ଚାରି ଭାଗରୁ ଭାଗେ ପାଇବୁ କି ନାହିଁ ସନ୍ଦେହ। ହେଲେ ବିନା ପୁଞ୍ଜିରେ ଟିଉସନ୍ ଭଳି ଲାଭଦାୟକ ବେପାରକୁ ବେଆଇନ ଘୋଷଣା କଲେ ଆମେ ଚଳିବୁ କିପରି .. ପରିବାର ଚଳିବ କେମିତି। ବରଂ ଚାକିରୀ ଛାଡି ଦେବି, କିନ୍ତୁ ବେପାର ନୁହେଁ... ମୋ ବେପାର ଭଲ ତ ମୁଁ ଭଲ !! ସକାଳେ ନିଦରେ ଶୋଇ ଅସ୍ପଷ୍ଟ ସ୍ୱରରେ କଣ କହୁଥିବାର ଦେଖି ହେମାଙ୍ଗିନୀ କହିଲେ - ଆରେ ସ୍ୱପ୍ନ ଦେଖୁଛନା କଣ। ଉଠ ଆଜି ପରା ଗୁରୁ ଦିବସ ! ଟିଉସନ୍ ପିଲାମାନେ ଆସିଲେଣି ପରା !! ସୂର୍ଯ୍ୟକାନ୍ତ କହିଲେ - ହଁ ମ ଆମେ କୋଉ ଗୁରୁ। ଆମେ କଣ ଗୁରୁକୁଳର ଗୁରୁ। ଆମେ ତ ଶିକ୍ଷକ ...ବେପାରୀ... ପ୍ରେମିକ ଆହୁରି କେତେକଣ। ପିଲାମାନେ ଆମ ଆୟର ଉତ୍ସ, ମାଧ୍ୟମ... ଆମର ସବୁ କିଛି। ହେମାଙ୍ଗିନୀ ପୁଣି କହିଲା - ଶୀଘ୍ର ଉଠ, ଦେଖ... ପିଲାମାନେ କେତେରକମ ଉପହାର ଆଣିଛନ୍ତି। ଧଡପଡ଼ ହୋଇ ନିଦରୁ ଉଠି ସୂର୍ଯ୍ୟକାନ୍ତ କହିଲେ - ଆରେ ଶଃ ମୁଁ ସ୍ୱପ୍ନ ଦେଖୁଥିଲି ..... ବଞ୍ଚିଗଲା ମଣିଷ !

♥ ଉଦଳା, ମୟୂରଭଞ୍ଜ
ମୋ:୭୦୦୮୨୩୭୬୫୦

## ॥ ଓଡିଆ ବୀରଙ୍କ ଗୌରବ ଗାଥା ॥

# ବକ୍ସି ଜଗବନ୍ଧୁ

### ଦିଲ୍ଲୀପ କୁମାର ସାହୁ



ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାଏ। ଖୋରଧା ଗଡର ରାଜା ମୁକୁନ୍ଦଦେବଙ୍କର ସେଥିଲେ ପ୍ରଧାନ ସେନାପତି । ତାଙ୍କ ପୂର୍ବପୁରୁଷ ମାନଙ୍କର ବକ୍ସି ଉପାଧି ଥିଲା। ସେ ମଧ୍ୟ ବକ୍ସି ଉପାଧି ଧାରଣ କରିଥିଲେ। ତେଣୁ ସମସ୍ତେ ତାଙ୍କୁ ବକ୍ସି ଜଗବନ୍ଧୁ ଭାବରେ ଜାଣିଥିଲେ। ବକ୍ସି ଜଗବନ୍ଧୁଙ୍କ ଜନ୍ମ ୧୭୭୩ ମସିହାରେ। ଖଣ୍ଡାୟତ କୂଳରେ ଜନ୍ମ ଗ୍ରହଣ କରିଥିବାରୁ ସେଥିଲେ ଆଜନ୍ମ ଯୋଦ୍ଧା ।

ଜଗବନ୍ଧୁଙ୍କ ଯୁଦ୍ଧ ପରିଚାଳନା ବ୍ରିଟିଶ ସେନାଙ୍କୁ ଥରହର କରିଦେଉଥିଲା। ତାଙ୍କ ନାଁ ଶୁଣିଲେ ବ୍ରିଟିଶ ଶିବିରରେ କୋକୁଆ ଭୟ ସୃଷ୍ଟି ହୋଇଯାଉଥିଲା। ଇଂରେଜମାନେ ମରହଟ୍ଟାମାନଙ୍କୁ ପରାସ୍ତ କରି ୧୮୦୩ ମସିହା ଅକ୍ଟୋବର ୪ ତାରିଖରେ କଟକର ବାରବାଟୀ ଦୁର୍ଗକୁ ଅଧିକାର କରିନେଲେ। ଫଳରେ ଓଡିଶା ବ୍ରିଟିଶ ଶାସନାଧୀନ ହୋଇଗଲା କହିଲେ ଭୁଲ୍ ହେବନାହିଁ।

ସେତେବେଳେ କେବଳ ଖୋରଧା ହିଁଥାଏ ଏକମାତ୍ର ସ୍ୱାଧୀନ ରାଜ୍ୟ। ସେଥିପାଇଁ ଖୋରଧା ଗଡକୁ କୁହାଯାଏ ଭାରତ ବର୍ଷର ଶେଷ ସ୍ୱାଧୀନ ଦୁର୍ଗ। ସାରାଦେଶକୁ ଇଂରେଜମାନେ ଅଧିକାର କରିଥିବାବେଳେ ଖୋରରଧା ବା ତାଙ୍କ କବଳରୁ ବାହାରେ ରୁହନ୍ତାବା କିପରି।

ଖୋରଧାକୁ ସେମାନଙ୍କ ଅଧିନକୁ ଆଣିବା ନିମନ୍ତେ ବ୍ରିଟିଶରମାନେ ଉଦ୍ୟମ ଆରମ୍ଭ କରିଦେଲେ। କିନ୍ତୁ ଦୁର୍ଦ୍ଧର୍ଷ ଓଡିଆ ପାଇକମାନଙ୍କ ରଣ କୌଶଳ ନିକଟରେ ସେମାନେ ପରାହତ ହେଲେ। ଘନବଣ ଜଙ୍ଗଲ ଭିତରେ ପାଇକମାନେ ଲୁଚିଛପି ଲଢେଇ କରୁଥିଲେ। ଜଙ୍ଗଲି ବାଟଘାଟ ଜାଣିନଥିବା ବ୍ରିଟିଶ ସୈନୀକ, ପାଇକମାନଙ୍କ ରଣନୀତିକୁ ବୁଝିପାରୁନଥିଲେ। ତେଣୁ ବିଜୟର ପଥ ତାଙ୍କ ପାଇଁ ଅନୁକୂଳ ହେଉନଥିଲା। ସେଥିପାଇଁ ସେମାନେ କୂଟନୀତି ପ୍ରୟୋଗ କଲେ। କିଛି କୁଚକ୍ରୀ ସ୍ଥାନୀୟ ଲୋକଙ୍କୁ କରାୟତ କରି ତାଙ୍କ ସହାୟତାରେ ପାଇକମାନଙ୍କ ଗତିବିଧି, ଗୁପ୍ତ ଶିବିର, ଅସ୍ତ୍ରଶସ୍ତ୍ର ଗୋଦାମଆଦି ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ଲାଗିଲେ। ଫଳରେ ଦେଶର ସର୍ବଶେଷ ସ୍ୱାଧୀନ ଦୁର୍ଗ ତାର ସ୍ୱାଧୀନତା ହରାଇ ବସିଲା। ରାଜା ମୁକୁନ୍ଦଦେବ ବନ୍ଦୀହେଲେ, ଜଇ ରାଜଗୁରୁଙ୍କୁ ଫାଶିରେ ଝୁଲେଇ ଦିଆଗଲା। ଆରମ୍ଭ ହୋଇଗଲା ଇଂରେଜମାନଙ୍କର ପାଇକ ପରିବାର ଉପରେ ଅକଥନୀୟ ଅତ୍ୟାଚାର।



ପ୍ରଥମେ ପାଇକମାନଙ୍କ ନିଷ୍କର ଜମି ଉପରେ କର ବସାଗଲା । ଯେହେତୁ ଖୋରଧା ରାଜାଙ୍କର ସେନାଧ୍ୟକ୍ଷ ଥିଲେ ବକ୍ସି ଜଗବନ୍ଧୁ, ତାଙ୍କ ଜମିଦାରୀ ଛଡାଇ ନିଆଗଲା।

ପାଇକମାନଙ୍କ ପରି ବକ୍ସି ମଧ୍ୟ ସର୍ବଶାନ୍ତ ହୋଇଗଲେ। ପାଇକମାନଙ୍କ ମନରେ ବିଦ୍ରୋହର ନିଆଁ ଜଳିଉଠିଲା। ୧୮୧୭ ମସିହାବେଳକୁ ଏହି ଅସନ୍ତୋଷ ଚରମ ସୀମାରେ ପହଞ୍ଚିଗଲା। ସେତେବେଳେ ନୟାଗଡର ପାଞ୍ଚଶହରୁ ଅଧିକ କନ୍ଧ ପ୍ରଥମେ ବିଦ୍ରୋହ ଆରମ୍ଭକଲେ। ତାଙ୍କ ସହିତ ଖୋରଧା ପାଇକମାନେ ମଧ୍ୟ ମିଶିଗଲେ। ଏହି ବିଦ୍ରୋହର ନେତୃତ୍ୱନେଲେ ବକ୍ସି ଜଗବନ୍ଧୁ। ବିଦ୍ରୋହୀମାନେ ସରକାରୀ କାର୍ଯ୍ୟାଳୟଗୁଡିକୁ ଭାଙ୍ଗିପକାଇଲେ, ଖଜାଣାଖାନା ଲୁଟିନେଲେ । ଅଳ୍ପ ସଂଖ୍ୟକ ଫିରିଙ୍ଗି ସେନା ପାଇକମାନଙ୍କୁ ରୋକିପାରିଲେନି। ବିଦ୍ରୋହ ଉଗ୍ର ରୂପନେଲା। ଅବସ୍ଥା ଅସମ୍ଭାଳ ହୋଇପଡିବାରୁ ଅନ୍ୟ ଅଞ୍ଚଳରୁ ଗୋରା ସୈନୀକ ଆସି ପହଞ୍ଚିଗଲେ। ଅର୍ଥ ଲୋଭରେ କିଛି ସ୍ଥାନୀୟଲୋକେ ବ୍ରିଟିଶ ସୈନିକଙ୍କୁ ସାହାଯ୍ୟ କଲେ । ଫଳରେ ୧୮୧୭ ଅକ୍ଟୋବର ମାସ ବେଳକୁ ବିଦ୍ରୋହ ସମ୍ପୂର୍ଣ୍ଣରୂପେ ଦମନ ହୋଇଗଲା।

ପାଇକ ବିଦ୍ରୋହଥିଲା ଇଂରେଜମାନଙ୍କ ବିରୁଦ୍ଧରେ ଭାରତୀୟମାନଙ୍କର ପ୍ରଥମ ବିଦ୍ରୋହ। ବିଦ୍ରୋହ ଦମନ ସହିତ ଅନେକ ପାଇକ ଓ ଦଳପତିମାନଙ୍କୁ କରା ବରଣ କରିବାକୁ ପଡିଲା। କିନ୍ତୁ ନାନା ଉପାୟ କରି ମଧ ବ୍ରିଟିଶ ସୈନିକମାନେ ବକ୍ସି ଜଗବନ୍ଧୁ ଓ ତାଙ୍କର ମୁଖ୍ୟ ସହଯୋଗୀ ମାନଙ୍କୁ ଧରି ପାରିଲେ ନାହିଁ। ତାଙ୍କୁ ଧରାଇଦେବାପାଇଁ ବ୍ରିଟିଶ ସରକାରଙ୍କ ପକ୍ଷରୁ ପୁରସ୍କାର ମଧ୍ୟ ଘୋଷଣା କରାଗଲା । ତଥାପି ବକ୍ସିଙ୍କୁ ଧରିବା ସମ୍ଭବ ହେଲାନାହିଁ।

ବିଦ୍ରୋହ ଦମନ ହେବାର ପ୍ରାୟ ସାତ ଆଠବର୍ଷ ପର୍ଯ୍ୟନ୍ତ ସେ ଧରାପଡିଲେନାହିଁ। ବକ୍ସି ଜଗବନ୍ଧୁ ଧରାନପଡିବା ପର୍ଯ୍ୟନ୍ତ ବ୍ରିଟିଶ ଶିବିରରେ ଭୟ ଓ ଅଶାନ୍ତି ଲାଗି ରହିଲା। ବ୍ରିଟିଶ ସୈନୀକମାନଙ୍କୁ ପ୍ରତି ମୁହୂର୍ତ୍ତରେ ସତର୍କ ରହିବାକୁ ପଡୁଥିଲା । କାରଣ ସେମାନଙ୍କର ଆଶଙ୍କା ଥିଲା କୌଣସି ମୁହୂର୍ତ୍ତରେ ବକ୍ସି, ତାଙ୍କର ସହଯୋଗୀ ମାନଙ୍କୁ ଧରି ଇଂରେଜ ଶିବିର ଉପରେ ଆକ୍ରମଣ କରିପାରନ୍ତି। ତେଣୁ ଇଂରେଜମାନେ ଏକ ସର୍ତ୍ତ ରଖିଲେ ଯେ ଯଦି ବକ୍ସି ଜଗବନ୍ଧୁ ଆତ୍ମସମର୍ପଣ କରିବେ ତେବେ ତାଙ୍କୁ ଆଉ ବନ୍ଦୀ କରାଯିବନାହିଁ କି କାରାଗାରରେ ରଖାଯିବନାହିଁ। ଏଥିରେ ମଧ୍ୟସ୍ଥତା କରିଥିଲେ ନୟାଗଡର ରାଜା । ଫଳରେ ବକ୍ସି ଜଗବନ୍ଧୁଙ୍କ ସହ ତାଙ୍କ ସହଯୋଗୀମାନେ ୧୮୨୫ ମସିହା ମେ ୨ ତାରିଖ ଦିନ କଟକଠାରେ ଆତ୍ମସମର୍ପଣ କରିଥିଲେ। ଜଗବନ୍ଧୁ ତାଙ୍କ ଶେଷ ନିଶ୍ୱାସ ଛାଡିବାଯାଏ କଟକଠାରେ ଅବସ୍ଥାନ କରିଥିଲେ। ଯେଉଁଠାରେ ସେ ରହୁଥିଲେ ତାହା ଆଜି ବକ୍ସିବଜାର ଭାବରେ ଖ୍ୟାତ। ସେହି ବଜାର ଆଜି ମନେପକେଇଦିଏ ବକ୍ସି ଜଗବନ୍ଧୁଙ୍କର ସେହି ବୀରତ୍ୱର ଗାଥା।

❤ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭

## ବ୍ୟକ୍ତି ଓ ବ୍ୟକ୍ତିତ୍ୱ

# ପ୍ରାନ୍ତପ୍ରାନ୍ତରର ପ୍ରାଣଦାତା : ଡାକ୍ତର ମୁକ୍ତିକାନ୍ତ ନାୟକ

### ଡ. ଗୋଲକ ବିହାରୀ ଆଚାର୍ଯ୍ୟ





**ଦେବଦୂତ ଡାକ୍ତର : ଦୟାର ଦୀପ୍ତ ଦିଶା**

**'ଡାକ୍ତରୀ ଦୈବୀ ଦାୟିତ୍ୱ, ଦୁଃଖଦଗ୍ଧ ଦେହ ଓ ଦୁର୍ବଳ ଦିଲକୁ ଦୟା, ଦକ୍ଷତା ଓ ଦୃଢ଼ ବିଶ୍ୱାସର ଦୀପ୍ତିରେ ଦିଗଦର୍ଶନ ଦେବାର ଦିବ୍ୟ ଧର୍ମ। ଆଲୋପାଥିର ଅମୂଲ୍ୟ ଅନୁକମ୍ପା ଅସୁସ୍ଥଙ୍କୁ ଅଭୟ ଓ ଆଶ୍ୱାସନ ଅର୍ପଣ କରେ। କିନ୍ତୁ ଯେତେବେଳେ ମାନବସେବାର ମହନୀୟ ମନୋଭାବ ମୁନାଫାର ମୋହରେ ମଳିନ ହୁଏ, ସେତେବେଳେ ସମଗ୍ର ଚିକିତ୍ସା ବ୍ୟବସ୍ଥାର ମର୍ଯ୍ୟାଦା ମଧ ମ୍ଳାନ ହୋଇଯାଏ। ଏପରି ପରିପ୍ରେକ୍ଷୀରେ ପରୋପକାର, ପବିତ୍ରତା ଓ ପେଶାଗତ ପ୍ରତିବଦ୍ଧତାର ପ୍ରତୀକ କିଛି ଆଦର୍ଶ ଡାକ୍ତରଙ୍କୁ ପ୍ରକାଶପଥରେ ପ୍ରତିଷ୍ଠିତ କରିବାର ଏହି ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ। ସେମାନଙ୍କର ପ୍ରେରଣାଦାୟକ ପଦଚିହ୍ନ ପରବର୍ତ୍ତୀ ପିଢ଼ି ପାଇଁ ପଥପ୍ରଦର୍ଶକ ପ୍ରଦୀପ ହୋଇ ରହିବ।'**

ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ମୁକ୍ତିକାନ୍ତ ନାୟକ ଆଜି ସେହି ସତ୍ୟର ଜୀବନ୍ତ ଦୃଷ୍ଟାନ୍ତ—ଯେଉଁଠି ନାହିଁ ଆଧୁନିକ ଯନ୍ତ୍ରପାତିର ଯାନ୍ତ୍ରିକତା କି ମହାନଗରର ଚମକ, ସେଠାରେ ବି ଚିକିତ୍ସା ସେବା ଫେରିପାଏ ତା'ର ସର୍ବୋଚ୍ଚ ଓ ପବିତ୍ରତମ ରୂପ, ଯାହା ହେଉଛି ଆର୍ତ୍ତସେବା ଓ ମାନବସେବା।

ଚିକିତ୍ସା ସେବାକୁ ସଦାସର୍ବଦା ଏକ ମହାନ ବୃତ୍ତି ଭାବେ ଗ୍ରହଣ କରାଯାଏ। ମାତ୍ର, ସମସ୍ତ ସୁବିଧାସୁଯୋଗ, ବିଶେଷଜ୍ଞଙ୍କ ଗହଣ, ଅତ୍ୟାଧୁନିକ ନିଦାନ ଯନ୍ତ୍ର ଏବଂ ଆଇସିୟୁ (ICU) ର ସୁରକ୍ଷା ବଳୟ ଭିତରେ ଚିକିତ୍ସାର ପ୍ରକୃତ ପରୀକ୍ଷା ହୁଏନାହିଁ। ଜଣେ ଚିକିତ୍ସକଙ୍କ ପ୍ରକୃତ ପରୀକ୍ଷା ପ୍ରାନ୍ତପ୍ରାନ୍ତରର ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ହିଁ ହୋଇଥାଏ—ଯେଉଁଠି ଯନ୍ତ୍ରର ଅଭାବ, ଔଷଧର ସୀମାବଦ୍ଧତା ଏବଂ ବିଶେଷଜ୍ଞଙ୍କ ଅନୁପସ୍ଥିତି ସତ୍ତ୍ୱେ ଜଣେ ଅସହାୟ ରୋଗୀର ପ୍ରାଣ କେବଳ ଜଣେ ସଠିକ୍ ଚିକିତ୍ସକଙ୍କ ସଠିକ୍ ନିଷ୍ପତ୍ତିକୁ ଚାହିଁ ରହିଥାଏ।

**॥ ସେହି ଚିକିତ୍ସକ ହିଁ ସେହି ପ୍ରାଣଦାତା। ॥**

ଏକ ଦୁର୍ଗମ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଜଣକ କେବଳ ଚିକିତ୍ସା କରନ୍ତି ନାହିଁ; ସେ ନିଜେ ସାଜନ୍ତି ପରୀକ୍ଷାଗାର, ବିଶେଷଜ୍ଞ, ପରାମର୍ଶଦାତା, ଶଲ୍ୟଚିକିତ୍ସକ, ଏବଂ କେତେବେଳେ କେମିତି ଔଷଧ ବିକ୍ରେତା ଓ ଡ୍ରେସର୍। ପରୀକ୍ଷାନିରୀକ୍ଷାର ବିନା ସୁବିଧାରେ ରୋଗ ନିରୂପଣ, ସୀମିତ ସମ୍ବଳରେ ସେବା ଏବଂ କୌଣସି ସୁପର-ସ୍ପେଶାଲିଟି ହସପିଟାଲର ଛାତ୍ରଛାୟା ବିନା ନିଷ୍ପତ୍ତି ନେବାକୁ ପଡ଼େ। କେବଳ ଜ୍ଞାନ, ଅନୁଭବ, ସାହସ ଏବଂ ସୁଦୃଢ଼ କର୍ତ୍ତବ୍ୟବୋଧକୁ ପାଥେୟ କରି ସେ ଜୀବନ ଓ ମୃତ୍ୟୁର ସୀମାରେଖାରେ ଠିଆହୁଅନ୍ତି।

**॥ ଏହିଠାରୁ ହିଁ ଜଣେ ଚିକିତ୍ସକଙ୍କ ପ୍ରକୃତ ଅଗ୍ନିପରୀକ୍ଷା ଆରମ୍ଭ ହୁଏ। ॥**

ଏବଂ ଠିକ୍ ଏହି ପ୍ରାନ୍ତସୀମାରେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) ରେ ସେବା ନିବେଦିତ କରି ଡାକ୍ତର ମୁକ୍ତିକାନ୍ତ ନାୟକ ନିଜ ବୃତ୍ତିଗତ ଜୀବନକୁ ପରମ ସାର୍ଥକ କରିପାରିଛନ୍ତି।

ଆଇ.ଟି.ଡି.ଏ. (ITDA) ଅଞ୍ଚଳର ଅଗଣିତ ଗରୀବ ଓ ଆଦିବାସୀ ପରିବାର ପାଇଁ ସେ କେବଳ ଜଣେ ସରକାରୀ ଡାକ୍ତର ନୁହନ୍ତି, ବରଂ ଜୀବନର ନୂତନ ଆଶାର ଆଲୋକବର୍ତ୍ତିକା।

ତଥାପି, ପ୍ରାନ୍ତସୀମାରେ କାର୍ଯ୍ୟରତ ଡାକ୍ତର ଜଣକ ଏକ ବିଚିତ୍ର ଓ ନିଷ୍ଠୁର ପରିସ୍ଥିତି ଦେଇ ଗତିକରନ୍ତି। ରୋଗୀ ଭଲ ହୋଇଗଲେ ଲୋକେ କହନ୍ତି—ଡାକ୍ତରଙ୍କ ହାତରେ ଯାଦୁ ଅଛି। ମାତ୍ର ଅକ୍ଳାନ୍ତ ଚେଷ୍ଟା ସତ୍ତ୍ୱେ ରୋଗୀ ମରିଗଲେ, ସେହି ଡାକ୍ତର ହିଁ ନିନ୍ଦିତ ହୁଅନ୍ତି। ଅବସ୍ଥାର ଗୁରୁତରତା ଦେଖି ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର (ରେଫର୍) କଲେ, ତାଙ୍କୁ ଦାୟିତ୍ୱହୀନ ବା କର୍ତ୍ତବ୍ୟରୁ ଖସିଯାଉଥିବା ଅଭିଯୋଗ ମିଳେ। ଆଉ ଅଯୌକ୍ତିକ ଦାବି ନମାନିଲେ, କେତେବେଳେ କେମିତି ଭୟଙ୍କର ପରିଣାମ ବି ଭୋଗିବାକୁ ପଡ଼େ।

**॥ ତଥାପି, ଚିକିତ୍ସକ ନିଜ ବାଟରେ ଆଗେଇ ଚାଲନ୍ତି। ॥**

ବଡ଼ ଡାକ୍ତରଖାନାରେ ପ୍ରତ୍ୟେକ ରୋଗ ପାଇଁ ସ୍ୱତନ୍ତ୍ର ବିଶେଷଜ୍ଞ ଥାଆନ୍ତି। ମାତ୍ର ପ୍ରାନ୍ତୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତର ହିଁ ସବୁ ରୋଗର ବିଶେଷଜ୍ଞ ସାଜନ୍ତି। ସିଏ ଶିଶୁ ପାଇଁ ଶିଶୁରୋଗ ବିଶେଷଜ୍ଞ, ବୃଦ୍ଧଙ୍କ ପାଇଁ ମେଡିସିନ୍ ସ୍ପେଶାଲିଷ୍ଟ, କାନ-ନାକ-ଗଳା ରୋଗୀ ପାଇଁ ଇଏନ୍‌ଟି, ମହିଳାଙ୍କ ପାଇଁ ସ୍ତ୍ରୀ-ରୋଗ ବିଶେଷଜ୍ଞ, ମାନସିକ ଅବସାଦଗ୍ରସ୍ତଙ୍କ ପାଇଁ ମନୋବିଜ୍ଞାନୀ ଏବଂ ଜରୁରୀ ସମୟରେ ଶଲ୍ୟଚିକିତ୍ସକ। ଏପରିକି ସେ ଫାର୍ମାସିଷ୍ଟ, ଡ୍ରେସର ଓ ଆଟେଣ୍ଡାଣ୍ଟର ଭୂମିକା ବି ତୁଲାନ୍ତି।

ବିଡ଼ମ୍ବନାର ବିଷୟ ହେଉଛି, ଯେତେବେଳେ ଏପରି ଜଣେ ଡାକ୍ତର ସୁନାମ ଅର୍ଜନ କରନ୍ତି, ଜନସାଧାରଣଙ୍କ ପ୍ରତ୍ୟାଶାର ଭାର ତଳେ ତାଙ୍କର ନିଜସ୍ୱ ଜୀବନ ହରାଇଯାଏ। ତାଙ୍କ କର୍ତ୍ତବ୍ୟର କୌଣସି ନିର୍ଦ୍ଧାରିତ ସମୟସୀମା ନଥାଏ, ନିରବଚ୍ଛିନ୍ନ ନିଦ୍ରାର ଗ୍ୟାରେଣ୍ଟି ନଥାଏ, କି ନିଜସ୍ୱ ଦିନଚର୍ଯ୍ୟା ପାଇଁ କିଛି ସମୟ ନଥାଏ। ସେ ସଦାସର୍ବଦା ନାହିଁ କରିପାରନ୍ତି ନାହିଁ, ନିଜ କାମକୁ ଗଡ଼ାଇ ପାରନ୍ତି ନାହିଁ। ତାଙ୍କର ସୁନାମ ହିଁ ତାଙ୍କର ଶକ୍ତି ଏବଂ ବୋଝ ସାଜେ।

**॥ ଡାକ୍ତର ନାୟକ ଏହି ସମସ୍ତ ବୋଝକୁ ବିନା ଦ୍ୱିଧାରେ ଆପଣେଇ ନେଇଛନ୍ତି। ॥**

ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଦ ଥାପିଲେ ତାଙ୍କ ପ୍ରଭାବର ପ୍ରମାଣ ପାଇବାକୁ ବେଶୀ ସମୟ ଲାଗେନାହିଁ। ତାଙ୍କର ଉପସ୍ଥିତି ଯେପରି ସେହି ଅନୁଷ୍ଠାନର ପ୍ରତ୍ୟେକଟି ବାୟୁମଣ୍ଡଳରେ ବ୍ୟାପିରହିଛି। ପରପର ଚାରିଥର ଏହି ହସପିଟାଲ୍ 'କାୟାକଳ୍ପ' ପୁରସ୍କାର ପାଇବା କେବଳ ଭୌତିକ ପରିବେଶ କି ସ୍ୱଚ୍ଛତାର ପ୍ରମାଣ ନୁହେଁ, ବରଂ ଜନସାଧାରଣଙ୍କ ବିଶ୍ୱାସ ଜିତିଥିବା ଏକ ଅନୁଷ୍ଠାନିକ ସଂସ୍କୃତିର ଜୟଗାନ।

ତଥାପି ଜଣେ ଅଜଣା ଲୋକ ପାଇଁ ସେ ପ୍ରଥମ ନଜରରେ ଜଣେ ସଫଳ ଡାକ୍ତର ପରି ଜଣାପଡ଼ି ନପାରନ୍ତି।

ପୋଷାକ-ପରିଚ୍ଛଦରେ ଜଣେ ଧନୀ ଓ ଚମକପ୍ରଦ ଡାକ୍ତରଙ୍କ ଆଡ଼ମ୍ବର ତାଙ୍କଠାରେ ଦେଖିବାକୁ ମିଳେନାହିଁ। ରାତିସାରା ନିଦ୍ରାହୀନ ଭାବେ ରୋଗୀସେବା କରିବା ପରେ ହୁଏତ ସେ ବାହାରେ ପଡ଼ିଥିବା ଗୋଟିଏ ସାଧାରଣ ଚେୟାରରେ ବିଶ୍ରାମ ନେଉଥିବାର ଦେଖାଯାଏ। ମାତ୍ର ସେହି ବିଶ୍ରାମ ବି ଅଳ୍ପ ସମୟର; ପରବର୍ତ୍ତୀ ରୋଗୀ, ପରବର୍ତ୍ତୀ ଆପାତକାଳୀନ ପରିସ୍ଥିତି ଏବଂ ସହାୟତା ଖୋଜୁଥିବା ପରିବାର ତାଙ୍କ ପାଖାପାଖି ହିଁ ଥାଆନ୍ତି।

ଡାକ୍ତର ନାୟକଙ୍କ ବୃତ୍ତିଗତ ଜୀବନର ସବୁଠାରୁ ଆଶ୍ଚର୍ଯ୍ୟଜନକ ଦିଗ ହେଉଛି—ସେ ପ୍ରସିଦ୍ଧି ପଛରେ ଗୋଡ଼ାଇ ନାହାନ୍ତି, ବରଂ ଲୋକଙ୍କ ନିବିଡ଼ ବିଶ୍ୱାସ ହିଁ ତାଙ୍କୁ ଏତେ ବ୍ୟସ୍ତ ରଖିଛି।

ଲୋକଙ୍କର ଏହି ନିଷ୍ଠାପର ବିଶ୍ୱାସ ବିଶେଷକରି ଶଲ୍ୟଚିକିତ୍ସା (ସର୍ଜରୀ) ସମୟରେ ଦେଖିବାକୁ ମିଳେ। ବଡ଼ ଡାକ୍ତରଖାନାକୁ ଯିବାର କ୍ଷମତା ଥାଇ ବି ରୋଗୀମାନେ ଘଟଗାଁରେ ହିଁ ଅପରେସନ୍ ହେବାକୁ ଶ୍ରେୟସ୍କର ମଣନ୍ତି। ଏପରି ବିଶ୍ୱାସ କେବଳ ପ୍ରଚାରଦ୍ୱାରା ସୃଷ୍ଟି ହୁଏନାହିଁ; ରୋଗୀର ଯନ୍ତ୍ରଣା ଏବଂ ସେବାର ନିରବଚ୍ଛିନ୍ନ ସମ୍ପର୍କରୁ ଏହା ଧୀରେ ଧୀରେ ଗଢ଼ିଉଠେ।

ସର୍ପାଘାତ ରୋଗୀଙ୍କ ଚିକିତ୍ସାରେ ତାଙ୍କର ଯୋଗଦାନ ଅନ୍ୟ ଏକ ଉଲ୍ଲେଖନୀୟ ଅଧ୍ୟାୟ। ତାଙ୍କ ତତ୍ତ୍ୱାବଧାନରେ ପାଖାପାଖି ୨,୦୦୦ ସର୍ପାଘାତ ରୋଗୀ ସଫଳତାର ସହ ଆରୋଗ୍ୟ ଲାଭ କରିଛନ୍ତି, ଯାହାର ଆରୋଗ୍ୟ ହାର ପ୍ରାୟ ୯୮ ପ୍ରତିଶତ। ଯେଉଁ ଅଞ୍ଚଳରେ ସର୍ପାଘାତ ଗୋଟିଏ ନିୟମିତ ଦିନକୁ ସଙ୍କଟପୂର୍ଣ୍ଣ କରିଦିଏ, ସେଠାରେ ଏପରି ଅନୁଭବ ଅତ୍ୟନ୍ତ ମୂଲ୍ୟବାନ। ଲକ୍ଷଣ ଚିହ୍ନି, ତୁରନ୍ତ ପଦକ୍ଷେପ ନେଇ ସୀମିତ ସମ୍ବଳ ମଧ୍ୟରେ ରୋଗୀକୁ ବଞ୍ଚାଇବା ତାଙ୍କର ଏକ ବିଶେଷ ଦକ୍ଷତା।

ତେବେ, ଏହି ପ୍ରଭାବଶାଳୀ ସଂଖ୍ୟା ଓ ତଥ୍ୟ ତାଙ୍କର ସମ୍ପୂର୍ଣ୍ଣ ପରିଚୟ ନୁହେଁ।

ଡାକ୍ତର ନାୟକଙ୍କ ପ୍ରକୃତ ମାପକାଠି ହେଉଛି ଦରିଦ୍ରଜନଙ୍କ ପ୍ରତି ତାଙ୍କର ମାନବୀୟ ମନୋଭାବ।

ଅନେକ ରୋଗୀଙ୍କ ପାଇଁ କେବଳ ରୋଗ ନୁହେଁ, ଚିକିତ୍ସାର ଖର୍ଚ୍ଚ ହିଁ ସବୁଠାରୁ ବଡ଼ ଭୟ। ଜଣେ ଗରିବ ଆଦିବାସୀ ଯେତେବେଳେ ହସପିଟାଲକୁ ଆସେ, ସେ ଆଗରୁ ଦାରିଦ୍ର୍ୟ, ଅନିଶ୍ଚିତତା ଓ ଅସହାୟତାର ବୋଝରେ ଦବିଯାଇଥାଏ। ସେମାନଙ୍କୁ ଯେତେବେଳେ ଜଣେ ଡାକ୍ତର ପଚାରନ୍ତି ନାହିଁ ଯେ "ତୁମେ କେତେ ଟଙ୍କା ଦେଇପାରିବ?", ବରଂ ପଚାରନ୍ତି "ମୁଁ ତୁମର କି ସେବା କରିପାରିବି?", ସେତେବେଳେ ସେହି ଡାକ୍ତର କେବଳ ଜଣେ ବୃତ୍ତିଧାରୀ ହୋଇ ରହନ୍ତି ନାହିଁ; ସେ ମାନବିକତାର ସାକ୍ଷାତ୍ ଦେବଦୂତ ସାଜନ୍ତି।

ଏପରି ଚିକିତ୍ସା ପଦ୍ଧତିରେ ଏକ ପରମ ଗଣତାନ୍ତ୍ରିକ ମୂଲ୍ୟବୋଧ ଥାଏ। ଧନୀ ଲୋକେ ସହରକୁ ଯାଇପାରିବେ, ବିଶେଷଜ୍ଞଙ୍କ ପରାମର୍ଶ ନେଇପାରିବେ, ମହଙ୍ଗା ଅନୁଷ୍ଠାନରେ ଚିକିତ୍ସିତ ହୋଇପାରିବେ। ମାତ୍ର ଅତି ଦରିଦ୍ର ରୋଗୀଟି ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସେଠାରେ ବସିଥିବା ଡାକ୍ତର ହିଁ ଶେଷ ଭରସା।

ସେହି ରୋଗୀ ପାଇଁ ପ୍ରାନ୍ତସୀମାରେ ଥିବା ସେହି ଡାକ୍ତରଜଣକ ଆଦୌ ଅବହେଳିତ କି ଗୌଣ ନୁହନ୍ତି, ବରଂ ଜୀବନର ନିହାତି କେନ୍ଦ୍ରବିନ୍ଦୁ।

ଡାକ୍ତର ନାୟକଙ୍କ ଜୀବନ କାହାଣୀ ଆମକୁ ଚିକିତ୍ସା ବୃତ୍ତିର ଏକ ବୃହତ୍ତର ସତ୍ୟ ସ୍ମରଣ କରାଇଦିଏ। ଚିକିତ୍ସା କେବଳ ଗୋଟିଏ ଜୀବିକା ହୋଇ ରହିପାରିବ ନାହିଁ; ଏହା ଏକ ପବିତ୍ର ସେବାବ୍ରତ। ପ୍ରଯୁକ୍ତିବିଦ୍ୟା ଚିକିତ୍ସାର ଶକ୍ତି ବଢ଼ାଇପାରେ, ମାତ୍ର ତାହା ସମ୍ବେଦନଶୀଳତା ଓ ଅନୁକମ୍ପାର ବିକଳ୍ପ ହୋଇପାରିବ ନାହିଁ। ଯନ୍ତ୍ରପାତି ରିପୋର୍ଟ ଦେଇପାରିବ, ମାତ୍ର ଜଣେ ଭୟଭୀତ ରୋଗୀର ହାତ ଧରି ଆଶ୍ୱାସନା ଦେଇପାରିବ ନାହିଁ। ମନିଟର ସ୍ପନ୍ଦନ ଦେଖାଇପାରିବ, ମାତ୍ର ଗୋଟିଏ ମାଆର ମନକୁ ଶାନ୍ତ କରିପାରିବ ନାହିଁ। ଚକଚକିଆ ଅପରେସନ୍ ଥିଏଟର ଶଲ୍ୟଚିକିତ୍ସାକୁ ସହଜ କରିପାରେ, ମାତ୍ର ନିଷ୍ପତ୍ତି ନେଉଥିବା ଡାକ୍ତରଙ୍କ ସାହସର ବିକଳ୍ପ ସାଜିପାରିବ ନାହିଁ।

ଏଣୁ, ପ୍ରାନ୍ତୀୟ କ୍ଷେତ୍ରର ଡାକ୍ତରଙ୍କ ପାଖରେ ଅନ୍ୟ ଏକ ପ୍ରକାରର ଆଧୁନିକତା ଥାଏ—ତାହା ହେଉଛି 'ପରିପକ୍ୱ ନିଷ୍ପତ୍ତି ନେବାର ଦକ୍ଷତା'।

ସେ ରୋଗୀର କଥା ଧୈର୍ଯ୍ୟର ସହ ଶୁଣିବା ଶିଖନ୍ତି, କାରଣ ଅନେକ ପରୀକ୍ଷା କରିବାର ସୁଯୋଗ ନଥାଏ। ସେ ବିପଦକୁ ଆଗରୁ ଚିହ୍ନିବା ଶିଖନ୍ତି, କାରଣ ସମୟ ଗଡ଼ିଗଲେ ଜୀବନ ଚାଲିଯାଇପାରେ। ସେ ସୀମିତ ସମ୍ବଳରେ ଚିକିତ୍ସା କରିବା ଶିଖନ୍ତି। ଆଉ ସବୁଠାରୁ ବଡ଼ କଥା ହେଲା, ସେ ସଦା ମାନବୀୟ ହୋଇ ରହିବା ଶିଖନ୍ତି, କାରଣ ତାଙ୍କ ସାମ୍ନାରେ ଥିବା ମଣିଷଟି ପାଖରେ ଯିବାକୁ ଅନ୍ୟ କୌଣସି ବାଟ ନଥାଏ।

ସେହିପାଇଁ ଡାକ୍ତର ମୁକ୍ତିକାନ୍ତ ନାୟକଙ୍କ କାହାଣୀ ପ୍ରଚାରିତ ହେବା ଉଚିତ—କେବଳ ଜଣେ ସଫଳ ଡାକ୍ତରଙ୍କ କାହାଣୀ ଭାବେ ନୁହେଁ, ବରଂ ମହାନଗରର ଚମକଠାରୁ ଦୂରରେ ରହି କାର୍ଯ୍ୟ କରୁଥିବା ହଜାର ହଜାର ନିଷ୍ଠାପର ଚିକିତ୍ସକଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ଭାବରେ।

ସେମାନେ ପ୍ରଚାରର ସିରୋନାମା ସାଜନ୍ତି ନାହିଁ। ସେମାନଙ୍କ ପାଖରେ ବଡ଼ ବଡ଼ ପଦବୀ ନଥାଏ। ସେମାନଙ୍କ ଚିକିତ୍ସାଳୟରେ ଅତ୍ୟାଧୁନିକ ଯନ୍ତ୍ରପାତି ନଥାଏ। ରଙ୍ଗୀନ ବିଜ୍ଞାପନରେ ସେମାନଙ୍କ ନାଁ ନଥାଏ।

ମାତ୍ର ଯେତେବେଳେ ଜଣେ ଗରିବ ଗ୍ରାମବାସୀ ଶ୍ୱାସରୁଦ୍ଧ ହୋଇ ପହଞ୍ଚେ, ସର୍ପାଘାତ ରୋଗୀ ଅଧରାତିରେ ଆସେ, କୌଣସି ଶିଶୁ ଜ୍ୱରରେ ଛଟପଟ ହୁଏ, ମାଆଟି ପ୍ରସବ ବେଦନାରେ ଆକୁଳ ହୁଏ କିମ୍ବା ଆପାତକାଳରେ ଗୋଟିଏ ସଙ୍କଟାପନ୍ନ ପରିବାର ଅସହାୟ ହୋଇପଡ଼େ—ସେତେବେଳେ କାହାକୁ ନା କାହାକୁ ଦାୟିତ୍ୱ ନେବାକୁ ପଡ଼େ।

ଘଟଗାଁରେ ସେହି ଦାୟିତ୍ୱବାନ୍ ବ୍ୟକ୍ତିଜଣକ ଅନେକ ସମୟରେ ହୋଇଛନ୍ତି ଡାକ୍ତର ମୁକ୍ତିକାନ୍ତ ନାୟକ।

ଏପରି ଜଣେ ସେବାବ୍ରତୀ ଡାକ୍ତରଙ୍କ ପାଇଁ ଶ୍ରେଷ୍ଠ ସମ୍ମାନ କୌଣସି ପୁରସ୍କାର, ପ୍ରମାଣପତ୍ର କି ତଥ୍ୟ ନୁହେଁ। ଏହା ହେଉଛି ଜଣେ ସାଧାରଣ ମଣିଷର ଅଗାଧ ବିଶ୍ୱାସ, ଯିଏ ନିଶ୍ଚିନ୍ତରେ କହିପାରେ— 'ମୋତେ ସେହି ଡାକ୍ତରଙ୍କ ପାଖକୁ ନେଇଚାଲ।'

ଗରିବ ଲୋକଟି ପାଇଁ ଡାକ୍ତର ହିଁ ନିରାଶାର ଶେଷ ଦ୍ୱାର।

ଆଉ ଯେତେବେଳେ ସେହି ଦ୍ୱାର କରୁଣା, ସାହସ ଓ ଦକ୍ଷତାର ସହ ଖୋଲିଯାଏ, ସେତେବେଳେ ଚିକିତ୍ସା କେବଳ ଗୋଟିଏ ବୃତ୍ତି ହୋଇ ରହେନାହିଁ—ତାହା ସାକ୍ଷାତ୍ 'ଜୀବନ୍ତ ମାନବିକତା'ରେ ପରିଣତ ହୁଏ।

ଡାକ୍ତର ମୁକ୍ତିକାନ୍ତ ନାୟକ ହୁଏତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ପ୍ରାନ୍ତସୀମାରେ କାର୍ଯ୍ୟ କରୁଥାଇପାରନ୍ତି, ମାତ୍ର ତାଙ୍କ ଉପରେ ନିର୍ଭର କରୁଥିବା ଆର୍ତ୍ତଜନଙ୍କ ପାଇଁ ସେ ହିଁ ସମଗ୍ର ଆଶା ଓ ବିଶ୍ୱାସର ମୁଖ୍ୟ କେନ୍ଦ୍ରବିନ୍ଦୁ।

❤ କେଶଦୂରାପାଳ
କେନ୍ଦୁଝର- ୭୫୮୦୨୫
(ମୋ)୯୯୩୮୧୭୫୧୦୦

# ଖବର ପଛର କାହାଣୀ

### ଡ. ସ୍ୱାଗତିକା ସାହୁ



ସମ୍ବାଦପତ୍ରର ଗୋଟିଏ ପୃଷ୍ଠାରେ ଛପା ହୋଇଥିବା ଖବରଟି ଆମ ପାଇଁ ହୁଏତ କେବଳ କିଛି ଧାଡ଼ିର ଶବ୍ଦ। ଟେଲିଭିଜନ ପରଦାରେ ଦୁଇ-ତିନି ମିନିଟର ଏକ ଖବର ମଧ ଆମ ପାଇଁ ମାତ୍ର ଏକ ଘଟଣାର ସୂଚନା। କିନ୍ତୁ ସେହି ଦୁଇ-ତିନି ମିନିଟ କିମ୍ବା କିଛି ଧାଡ଼ିର ଖବର ପଛରେ ଲୁଚିଥାଏ ଅନେକ ଘଣ୍ଟାର ଦୌଡ଼, ଅନେକ ପ୍ରଶ୍ନ, ଅନେକ ଅନୁସନ୍ଧାନ, କେବେ ଭୟ, କେବେ ବିପଦ ଏବଂ ସବୁଠାରୁ ବଡ଼ କଥା—ସତ୍ୟକୁ ଖୋଜି ବାହାର କରିବାର ଏକ ଅଦମ୍ୟ ପ୍ରୟାସ। ସେଥିପାଇଁ ଖବରର ଆଗପଟ ଯେତିକି ଦୃଶ୍ୟମାନ, ତାହାର ପଛପଟର କାହାଣୀ ସେତିକି ଅଦୃଶ୍ୟ।

ଏକ ଖବରର ଜନ୍ମ ହୁଏ ଏକ ଘଟଣାରୁ। କିନ୍ତୁ ଘଟଣାଟି ନିଜେ ଖବର ହୋଇଯାଏ ନାହିଁ। ଘଟଣାର ସତ୍ୟତା ଖୋଜିବା, ତଥ୍ୟ ସଂଗ୍ରହ କରିବା, ପ୍ରତ୍ୟକ୍ଷଦର୍ଶୀଙ୍କ କଥା ଶୁଣିବା, ଦଲିଲ ଓ ପ୍ରମାଣ ଯାଞ୍ଚ କରିବା ଏବଂ ଘଟଣାର ମୂଳ କାରଣ ଖୋଜିବା ପରେ ହିଁ ଏକ ଦାୟିତ୍ୱଶୀଳ ଖବର ଆକାର ନିଏ।

ସାମ୍ବାଦିକଙ୍କ ପାଇଁ ଖବର କେବଳ ଏକ 'ଷ୍ଟୋରୀ' ନୁହେଁ; ଏହା ହେଉଛି ସତ୍ୟର ଏକ ଦାୟିତ୍ୱ। ଘଟଣାସ୍ଥଳରେ ପହଞ୍ଚିବା ପରେ ସେ ପ୍ରଥମେ ଦେଖନ୍ତି—କ'ଣ ଘଟିଛି? ତା'ପରେ ପଚାରନ୍ତି କାହିଁକି ଘଟିଲା? କାହା ପାଇଁ ଘଟିଲା? ଏହାର ପ୍ରଭାବ କାହା ଉପରେ ପଡ଼ିଛି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜୁ ଖୋଜୁ ଏକ ଛୋଟ ଘଟଣା ପଛରେ ଥିବା ବଡ଼ ସତ୍ୟ ସାମ୍ନାକୁ ଆସେ।

କେବେ ଜଣେ ଚାଷୀଙ୍କ ଶୁଖିଲା ଜମିର ଫଟୋ ଖବର ହୁଏ; କିନ୍ତୁ ତା' ପଛରେ ଥାଏ ତାଙ୍କ ପରିବାରର ଦୀର୍ଘ ଅପେକ୍ଷା, ଋଣର ଭାର ଓ ଆଶାଭରା ଆଖି। କେବେ ଜଣେ ଛାତ୍ରର ସଫଳତା ଖବର ହୁଏ; କିନ୍ତୁ ତା' ପଛରେ ଥାଏ ମାଆଙ୍କ ତ୍ୟାଗ, ବାପାଙ୍କ ପରିଶ୍ରମ ଓ ଅସଂଖ୍ୟ ନିଦ୍ରାହୀନ ରାତି। କେବେ ରାସ୍ତା ଦୁର୍ଘଟଣାର ଏକ ଛୋଟ ଖବର ଛପେ; କିନ୍ତୁ ସେହି ଖବର ପଛରେ ଥାଏ ଏକ ପରିବାରର ହଠାତ୍ ବଦଳିଯାଇଥିବା ଜୀବନ।

ସେହି କାରଣରୁ ଜଣେ ସାମ୍ବାଦିକଙ୍କ କଲମରେ କେବଳ ଶବ୍ଦ ନଥାଏ—ଥାଏ ଲୋକଙ୍କ ଜୀବନର ଅନେକ ଅକୁହା ଅଧ୍ୟାୟ। ଖବର ପଛର କାହାଣୀରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ହେଉଛି ସତ୍ୟ ଯାଞ୍ଚ। ଆଜିର ଡିଜିଟାଲ ଯୁଗରେ ଗୋଟିଏ ଅସତ୍ୟ ଖବର କିଛି ସେକେଣ୍ଡ ମଧ୍ୟରେ ହଜାର ହଜାର ଲୋକଙ୍କ ପାଖରେ ପହଞ୍ଚିଯାଇପାରେ। ତେଣୁ ଜଣେ ଦାୟିତ୍ୱଶୀଳ ସାମ୍ବାଦିକଙ୍କ ପାଇଁ 'ପ୍ରଥମେ ଖବର' ଠାରୁ 'ପ୍ରଥମେ ସତ୍ୟ' ଅଧିକ ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଭୁଲ ତଥ୍ୟ କେବଳ ଜଣେ ବ୍ୟକ୍ତିଙ୍କ ସମ୍ମାନକୁ ନୁହେଁ, ସମଗ୍ର ସମାଜର ବିଶ୍ୱାସକୁ ଆଘାତ କରିପାରେ।

ସାମ୍ବାଦିକଙ୍କ ଯାତ୍ରା ସବୁବେଳେ ସହଜ ନୁହେଁ। କେବେ ତାଙ୍କୁ ଦୂର ଗାଁକୁ ଯିବାକୁ ପଡ଼େ, କେବେ ବର୍ଷା-ଝଡ଼କୁ ଅଣଦେଖା କରି ଘଟଣାସ୍ଥଳରେ ପହଞ୍ଚିବାକୁ ହୁଏ। କେବେ ଲୋକଙ୍କ ଅବିଶ୍ୱାସ ସହିବାକୁ ପଡ଼େ, କେବେ ଚାପ ମଧ୍ୟରେ ନିରପେକ୍ଷ ରହିବାକୁ ହୁଏ। ତଥାପି ସତ୍ୟକୁ ସମାଜ ସାମ୍ନାରେ ରଖିବାର ଦାୟିତ୍ୱ ତାଙ୍କୁ ଆଗକୁ ନେଇଯାଏ।



ଏକ ଭଲ ଖବର କେବଳ ଘଟଣା କହେ ନାହିଁ; ଏହା ସମାଜକୁ ପ୍ରଶ୍ନ କରେ। ଅନ୍ୟାୟକୁ ଆଲୋକକୁ ଆଣେ, ଅବହେଳିତଙ୍କ ସ୍ୱରକୁ ସ୍ଥାନ ଦିଏ, ପ୍ରଶାସନକୁ ଜବାବଦେହ କରେ ଏବଂ କେବେ କେବେ ଏକ ଛୋଟ ଖବର ମଧ ଏକ ବଡ଼ ପରିବର୍ତ୍ତନର ଆରମ୍ଭ କରିଦିଏ।

ଏକ ଖବର ପ୍ରକାଶ ପାଇବା ପରେ ପାଠକ ହୁଏତ ପରବର୍ତ୍ତୀ ପୃଷ୍ଠାକୁ ଚାଲିଯାଆନ୍ତି। ଟିଭିରେ ଖବର ଶେଷ ହେଲେ ଦର୍ଶକ ଚ୍ୟାନେଲ ବଦଳାଇ ଦିଅନ୍ତି। କିନ୍ତୁ ସାମ୍ବାଦିକଙ୍କ ପାଇଁ ସେହି ଖବର ସହ ଜଡ଼ିଥିବା ମଣିଷମାନଙ୍କ କାହାଣୀ ସେଠାରେ ଶେଷ ହୁଏ ନାହିଁ। ପରବର୍ତ୍ତୀ ଦିନ ମଧ ସେ ଭାବନ୍ତି—ଏହାର ପରିଣାମ କ'ଣ ହେଲା? ସମସ୍ୟାର ସମାଧାନ ହେଲା କି? ଯାହାଙ୍କ ସ୍ୱରକୁ ସମାଜ ସାମ୍ନାରେ ଆଣିଥିଲେ, ତାଙ୍କ ଜୀବନରେ କିଛି ପରିବର୍ତ୍ତନ ଆସିଲା କି? ତେଣୁ 'ଖବର' ହେଉଛି ଦୃଶ୍ୟମାନ ଅଂଶ, ଆଉ 'ଖବର ପଛର କାହାଣୀ' ହେଉଛି ତାହାର ଅଦୃଶ୍ୟ ଆତ୍ମା।

ସମ୍ବାଦପତ୍ରରେ ଛପା ହେଉଥିବା ପ୍ରତ୍ୟେକ ଖବର ପଛରେ ଥାଏ ଜଣେ ସାମ୍ବାଦିକଙ୍କ ଶ୍ରମ, ଜଣେ ମଣିଷର ଅନୁଭବ, ଏକ ସମାଜର ବାସ୍ତବତା ଏବଂ ସତ୍ୟକୁ ସାମ୍ନାକୁ ଆଣିବାର ଏକ ନିରନ୍ତର ସଂଘର୍ଷ। ଆମେ ଯେତେବେଳେ ଏକ ଖବର ପଢ଼ୁ, ସେତେବେଳେ କେବଳ ଛପା ଶବ୍ଦଗୁଡ଼ିକୁ ନୁହେଁ, ସେହି ଶବ୍ଦ ପଛରେ ଥିବା ମଣିଷ, ମାଟି, ଲୁହ, ସଂଘର୍ଷ ଓ ସତ୍ୟକୁ ମଧ ବୁଝିବା ଆବଶ୍ୟକ। କାରଣ—ଖବର କେବଳ ଏକ ଘଟଣାର ବର୍ଣ୍ଣନା ନୁହେଁ; ଖବର ପଛରେ ଲୁଚିଥାଏ ଏକ ଜୀବନ୍ତ କାହାଣୀ।

❤ ଶିକ୍ଷା ଅଧାପିକା, ନେତାଜୀ
ସୁବାଷ ବୋଷ ସ୍ନାତକ ମହାବିଦ୍ୟାଳୟ,
ତୁମୁଡିବନ୍ଧ, କନ୍ଧମାଳ

# ଦେବପ୍ରିୟ ଚକ୍ରଙ୍କ ଜନଜାତି ବିବରଣ ପୁସ୍ତକ ଲୋକାର୍ପିତ



ବାରିପଦା, ୧୨/୯ (ନି.ପ୍ର) : ସ୍ଥାନୀୟ ବାଙ୍କିଶୋଳ ସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ ପରିସରରେ ଜଣାଶୁଣା ଯୁବ ଲେଖକ ତଥା ଅଧ୍ୟାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ରଙ୍କ ବିବିଧ ଜନଜାତି ସମ୍ପର୍କିତ ନୂଆ ଗବେଷଣା ପୁସ୍ତକ ଜନଜାତି ବିବରଣ ଲୋକାର୍ପିତ ହୋଇଯାଇଛି. ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା ଯୋଗଦେଇ ପୁସ୍ତକର ଲୋକାର୍ପଣ କରିବା ସହ ଆଦିବାସୀଙ୍କ ସମ୍ପର୍କରେ ଜଣେ ଅଣଆଦିବାସୀଙ୍କର ମୁକ୍ତଦୃଷ୍ଟି ଓ ଅନ୍ତରଙ୍ଗ ପଣ ନରହିଲେ ଏଭଳି ବିମର୍ଶ ଗ୍ରନ୍ଥ ପ୍ରକାଶନ ସମ୍ଭବ ନୁହେଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଏମ.ପି.ସି ସ୍ୱୟଂ ଶାସିତ କଲେଜର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ କିସର ଜନ ସମ୍ପର୍କ ଅଧିକାରୀ ସତ୍ୟଜିତ ସୋମ ଓ କିସର ଅତିରିକ୍ତ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ରାୟ ଯୋଗ ଦେଇ ଆଦିବାସୀଙ୍କ ସଂସ୍କୃତି ଏବଂ ପରମ୍ପରା ମହାନ। ଜନଜାତି ବିବରଣର ତଥ୍ୟ ଓ ପ୍ରସଙ୍ଗ ରଚନା କରିଥିବା ଲେଖକ ଜନଜାତିଙ୍କ ପ୍ରତି ବେଶ ଅନ୍ତରଙ୍ଗ ଓ ଯତ୍ନଶୀଳ ବୋଲି କହିଥିଲେ। କିସ ବାରିପଦା ଶାଖାର ଅଧକ୍ଷ ଗଣେଶ ମିଶ୍ର ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଲେଖକ ଡ. ଚକ୍ର ନିଜ ଲେଖକୀୟ ଅଭିବ୍ୟକ୍ତିରେ ମୟୂରଭଞ୍ଜରେ ଦୀର୍ଘ ନଅ ବର୍ଷ ଧରି ଜନଜାତିଙ୍କ ସମ୍ପର୍କରେ ଅନୁସନ୍ଧିତ୍ସା ଓ ଅନ୍ତରଙ୍ଗତାର ଫଳଶ୍ରୁତି ହେଉଛି ଜନଜାତି ବିବରଣ ପୁସ୍ତକର ବୋଲି କହିଥିଲେ। ଏମ.ଏସ.ବି. ୟୁ ର ଗବେଷକ ତୋଷବନ୍ତ ମେହେର ମଞ୍ଚ ସଂଚାଳନ କରିଥିବା ବେଳେ ଚକ୍ରଧର ମହାନ୍ତ, ଜୟନ୍ତୀ ଭାଉଁରିଆ, ଅଭିରାମ ସୋରେନ, ଭୂପତି ଶିଙ୍କୁ, ବିଷ୍ଣୁପ୍ରିୟା ନାଏକ, ମନୀଷା ଦତ୍ତ, ସ୍ମିତା ନିବେଦିତା ଧଳ, ଉଦୟ ମାରାଣ୍ଡି, ସୁରେନ୍ଦ୍ର ମୁର୍ମୁ, ଇତିଶ୍ରୀ ଦାସ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏମ. ଏସ. ସି. ବି ୟୁର ଗବେଷିକା ରୁକ୍ମଣୀ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ। ଜନଜାତି ବିବରଣ ପୁସ୍ତକକୁ ଭୁବନେଶ୍ୱର ସ୍ଥିତ ଡ଼ଟ ବୁକ୍ସ ପ୍ରକାଶନୀ ସଂସ୍ଥା ପ୍ରକାଶ କରିଥିବା ବେଳେ ଏଥିରେ ସାନ୍ତାଳ, ପାହାଡି ଖଡିଆ, ବାଥୁଡି, ଭୂମିଜ, ଜୁଆଙ୍ଗ, ପାଉଡି ଭୂୟାଁ, କନ୍ଧ ଓ ହୋ ଜନଜାତିର ସାମାଜିକ ଓ ସାଂସ୍କୃତିକ ଜୀବନକୁ ନେଇ ଚଉଦଟି ଆଲେଖ୍ୟ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବ୍ରିକ୍ସ ନୂଆଦିଲ୍ଲୀ...

ଜାତିସଂଘରେ ଅଧିକ ଭୂମିକା ଦେବାକୁ ମତ ରଖିଛନ୍ତି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟ କାରବାରରେ ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରି ସ୍ଥାନୀୟ ମୁଦ୍ରାର ବ୍ୟବହାର ବଢ଼ାଇବା ଉପରେ ଜୋର ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବଦଳୁଥିବା ବିଶ୍ୱକୁ ପୁରୁଣା ଅନୁଷ୍ଠାନ ଦ୍ୱାରା ଚଳାଇ ହେବ ନାହିଁ। ପ୍ରତିନିଧିତ୍ୱ, ଦାୟିତ୍ୱବୋଧ ଓ ନିୟମ ନିର୍ଦ୍ଧାରଣ ବ୍ୟବସ୍ଥାରେ ସଂସ୍କାର ଅତ୍ୟନ୍ତ ଜରୁରୀ। ଭବିଷ୍ୟତର ପ୍ରଯୁକ୍ତି ଓ ଏ ସମ୍ପର୍କିତ ନିୟମ ପ୍ରଣୟନରେ ଗ୍ଲୋବାଲ୍ ସାଉଥ୍‌କୁ ସମାନ ଭାଗୀଦାରି ମିଳିବା ଦରକାର ବୋଲି ସେ ମତ ରଖିଛନ୍ତି। ବିଶ୍ୱ ବାଣିଜ୍ୟ ସଂଗଠନରେ ସଂସ୍କାର ପାଇଁ ମଧ୍ୟ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଏକମତ ହୋଇଛନ୍ତି। ମୁକ୍ତ, ସ୍ୱଚ୍ଛ, ସମାନ ଓ ନିୟମଭିତ୍ତିକ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ପାଇଁ ବ୍ରିକ୍ସ ସମୂହ ଆହ୍ୱାନ ଦେଇଛି। ଆମେରିକା ଲଗାଉଥିବା ଏକତରଫା ଶୁଳ୍କ ଓ ଅଣ-ଶୁଳ୍କ ପଦକ୍ଷେପକୁ ନେଇ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ପଦକ୍ଷେପ ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରିବା ସହ ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି କରୁଛି ବୋଲି ଘୋଷଣାନାମାରେ କୁହାଯାଇଛି।

## ବର୍ଷାରେ ବେହାଲ ...

ରାଜ୍ୟରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଗତ ୨ ଦିନ ଧରି ମୂଷଳଧାରାରେ ବର୍ଷା ପରେ ଇଏ ହେଉଛି ଆକାଶମାର୍ଗରୁ ଆସିଥିବା ମାଲକାନଗିରି ଜିଲ୍ଲାର ଚିତ୍ର। ଚାରିଆଡେ ଖାଲି ପାଣି ଆଉ ପାଣି। ଭାଙ୍ଗିଯାଇଛି ଅନେକ କଚ୍ଚା ଘର। ପୋଟେରୁ ପୋଲ ବନ୍ୟାଜଳରେ ଲୀନ ହୋଇଯାଇଥିବା ବେଳେ କାଙ୍ଗୋରୁକୋଣ୍ଡା, କନ୍ୟାଶ୍ରମ, ପାଙ୍ଗାମରୁ ଆସିଛି ଛାତିଥରା ଦୃଶ୍ୟ। ପୋଟେରୁ ପୋଲ ଉପରେ ୩ ଫୁଟ, ପାଙ୍ଗାମ ପୋଲ ଉପରେ ୨ ଫୁଟ ଓ କନ୍ୟାଶ୍ରମ ପୋଲରେ ୩ ଫୁଟ ବନ୍ୟାପାଣି ପ୍ରବାହିତ ହେଉଛି। ଚିତ୍ରକୋଣ୍ଡା ସମେତ କିଛି ସ୍ଥାନରେ ବାଦଲଫଟା ବର୍ଷା ହୋଇଛି। ୩୨୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଜିଲ୍ଲାରେ ସାଧାରଣ ଜୀବନଯାତ୍ରା ଏକପ୍ରକାର ଠପ୍ ହୋଇଯାଇଛି।

## ଦୁର୍ନୀତି ଧରିବା...

ଚଢ଼ାଉ ବେଳେ ଶ୍ରୀ ବରାଡ଼ଙ୍କ ସଂପତ୍ତି ସଂପର୍କିତ ସୂଚନା ସାମ୍ନାକୁ ଆସିଛି। ଭୁବନେଶ୍ୱରର ରଘୁନାଥପୁର ଅଞ୍ଚଳରେ ତାଙ୍କର ପ୍ରାୟ ୨,୭୦୦ ବର୍ଗଫୁଟର ଗୋଟିଏ ଦୁଇମହଲା କୋଠା ଅଛି। ଏହା ସହିତ ତାଙ୍କର ୪ଟି ମୂଲ୍ୟବାନ ପ୍ଲଟ୍ ଅଛି। ଏହି ପ୍ଲଟ୍‌ଗୁଡ଼ିକ ମଧ୍ୟରୁ ଗୋଟିଏ ଭୁବନେଶ୍ୱରରେ ଥିବା ବେଳେ ବାକି ୩ଟି ନୟାଗଡ଼ରେ ଅଛି। ମାପଚୁପ ପରେ ଏଗୁଡ଼ିକର ମୂଲ୍ୟ ଜଣାପଡ଼ିବ। ଶ୍ରୀ ବରାଡ଼ ବ୍ୟାଙ୍କରେ ୩୩ ଲକ୍ଷ ୯୭ ହଜାର ଟଙ୍କା ଜମା ରଖିଥିବା ବେଳେ ତାଙ୍କର ଅନ୍ୟାନ୍ୟ ନିବେଶ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଛି। ସେଗୁଡ଼ିକର ଯାଞ୍ଚ ଚାଲିଛି। ସେ ତାଙ୍କ ଆୟଠାରୁ ୧୦୦% ଅଧିକ ସଂପତ୍ତି ଠୁଳ କରିଥିବା ତଦନ୍ତରୁ ଜଣାପଡ଼ିଥିବା ଭିଜିଲାନ୍ସ କହିଛି।

## ପାର୍ବଣ ପୂର୍ବରୁ ...

ବଜାରରେ ସେଓ କିଲୋ- ୨୦୦, ଅଙ୍ଗୁର- ୨୩୦, ଡାଳିମ୍ବ- ୨୪୦, କମଳା- ୩୫୦, ଆତ କିଲୋ- ୧୨୦, ପିଜୁଳି- ୧୦୦, ନାସପାତି- ୧୨୦, ଅଷ୍ଟ୍ରେଲିଆ ଅଙ୍ଗୁର- ୪୦୦, ଡ୍ରାଗନ ଫ୍ରୁଟ୍- ୨୫୦ ଏବଂ କଦଳୀ କିଲୋ- ୫୦ ଟଙ୍କା ରହିଛି। ଏଭଳି ଦରଦାମ ବୃଦ୍ଧି ଫଳ ବଜାରରେ ନିଆଁ ଲଗାଇ ଦେଇଛି। ପାର୍ବଣ ପୂର୍ବରୁ ବଜାରରେ ଚିନି ଓ ଛେନାର ଦାମ୍ ବୃଦ୍ଧି ପାଉଛି। ଅନ୍ୟପଟେ ଏହାର ସିଧାସଳଖ ପ୍ରଭାବ ମିଠା ଦୋକାନ ଉପରେ ପଡ଼ିଛି। ମିଠାର ଦାମ୍ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ମିଠାର ସାଇଜ ମଧ୍ୟ ଛୋଟ ହୋଇଯାଇଛି।

## ଓରାଙ୍ଗଉଟାନ ଉଦ୍ଧାର...

୧୧ଟା ୩୫ ମିନିଟ୍‌ରେ ସମାନ ଧରଣର କଳା ଆର ଯାଉଥିବା ଦେଖାଯାଇଥିଲା। ଦୁଇଟି ଫୁଟେଜ୍ ମଧ୍ୟରେ ପ୍ରାୟ ୩୯ ମିନିଟ୍‌ର ବ୍ୟବଧାନ। ଦୀଘାରୁ ବିଚିତ୍ରପୁର ମଧ୍ୟରେ ଏହି ସମୟରେ ଗାଡ଼ିଟି କେଉଁ ରାସ୍ତା ଦେଇ ଯାଇଥିଲା, ମଝିରେ କେଉଁଠି ରହିଥିଲା କି ନାହିଁ, ତାହା ଏବେ ତଦନ୍ତର ଗୁରୁତ୍ୱପୂର୍ଣ୍ଣ ଦିଗ। ଦୀଘାର ଏବଂ ତାର ଆଖ ପାଖ ଅଞ୍ଚଳରେ ଥିବା ହୋଟେଲରେ ୧୦୦ରୁ ଅଧିକ ଉଚ୍ଚଣ୍ଠ କ୍ୟାମେରାର ଫୁଟେଜ୍ ଯାଞ୍ଚ କରି ତଦନ୍ତକାରୀମାନେ ଅନେକ ସନ୍ଦିଗ୍ଧ ଗତିବିଧି ସମ୍ପର୍କରେ ତଥ୍ୟ ହାସଲ କରିଥିବା ସୂଚନା ମିଳିଛି।

# ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦହପଡା ଦେବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ବାଲେଶ୍ୱର, ୧୨/୯ (ନି.ପ୍ର): ମା' ଦୁର୍ଗା କମିଟି, ଦହପଡା, ବାଲେଶ୍ୱର ର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦହପଡା, ଦେବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ରୂପେ ଆଦର୍ଶ ଥାନା ସହଦେବ ଖୁଣ୍ଟା ର ଭାର ପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ଆଲୋକ କୁମାର ବେହେରା ମହୋଦୟ ଯୋଗଦେଇ ବୈଠକର ଶୁଭ ଉଦ୍ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଏଭଳି ମାଙ୍ଗଳିକ କାର୍ଯ୍ୟ ତଥା ଶୃଙ୍ଖଳାର ସହ କାର୍ଯ୍ୟ ପରିଚାଳନା ପାଇଁ ସେ କମିଟି ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ବୈଠକ କୁ ପରିଚାଳନା କରୁଥିଲେ କମିଟି ର ଉପଦେଷ୍ଟା ଶ୍ରୀ ସୁଦର୍ଶନ ବେହେରା। ସେ ତାଙ୍କ ବକ୍ତବ୍ୟରେ ବୈଠକ ର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରି ଦୀର୍ଘ ଦିନର ଦୂରତା ଅତିକ୍ରମ କରି କମିଟି ସରକାରୀ ସ୍ତରରେ ପଞ୍ଜିକୃତ ହେବା ଏବଂ ଏଥିରେ କର୍ମକର୍ତ୍ତାଙ୍କ ସହଯୋଗ ପାଇଁ ଆତ୍ମସନ୍ତୋଷ ପ୍ରକାଶ କରିଥିଲେ। ଚଳିତବର୍ଷ ଏହାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ବହୁବିଧ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। କମିଟିର ଚେୟାରମେନ ଶ୍ରୀ ଅଶୋକ କୁମାର ପ୍ରଧାନ ତାଙ୍କ ବକ୍ତବ୍ୟରେ ଦୀର୍ଘ ୨୫ବର୍ଷର ଯାତ୍ରା ପଥରେ କମିଟି ସମ୍ମୁଖୀନ ହୋଇଥିବା ବହୁ ଘାତ ପ୍ରତିଘାତ କୁ ଉପସ୍ଥାପନ କରିଥିଲେ। ଶ୍ରୀ ବସନ୍ତ ତରେଇ କମିଟିର ସଭ୍ୟମାନଙ୍କୁ ବହୁ ଉପାଦେୟ ଉପଦେଶ ଦେଇଥିଲେ। ବୈଠକ ଶେଷରେ ଭାଇସ୍ ଚେୟାରମେନ ଶ୍ରୀ ଗଙ୍ଗାଧର ଦାସ ଆଗାମୀ ଦିନରେ କମିଟି ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ହାତକୁ ନେବ ଏବଂ ସମଗ୍ର ବାଲେଶ୍ୱର ଜିଲ୍ଲାରେ ଏହା ଏକ ତଥା ଅଦ୍ୱିତୀୟ ହେବାକୁ ଆଶା ପୋଷଣ କରି ଉପସ୍ଥିତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସନାତନ ଜେନା, ମନ୍ମଥ ପାତ୍ର, ରମାକାନ୍ତ ପାତ୍ର, ଅଶୋକ କୁମାର ବେହେରା, ଅଜୟ କୁମାର ପ୍ରଧାନ,ରବୀନ୍ କୁମାର ପ୍ରଧାନ, ବିରେନ୍ ତରେଇ, ସୁନୀଲ୍ କୁମାର ନାୟକ, ଅଜୟ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ତଥା ଗ୍ରାମବାସୀମାନେ ଉକ୍ତ ବୈଠକରେ ଉପସ୍ଥିତ ଥିଲେ।

## ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ

ବୈଶିଙ୍ଗା , ୧୨/୯ (ନି.ପ୍ର): ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନ ଅନ୍ତର୍ଗତ ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ରାଜ୍ୟ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ବେତନଟୀ ବ୍ଲକ ସହାୟତା ପ୍ରଦାନ କରିଥିଲେ। ଫୋର୍ଡ ନାଖରା ଓ ବନ୍ୟା ଆଶ୍ରୟସ୍ଥଳୀ କମିଟି ବେଲାଣପୁର ମିଳିତ ସହଯୋଗରେ ତାଲିମ ଶିବିର ଅନୁଷ୍ଠିତ ହେଇଥିଲା। ଫୋର୍ଡ ର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମମତା ନାୟକ ସରପଞ୍ଚ ପାଟଳିପୁରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ନିବେଦିତା ବାରିକ ପ୍ରଧାନ ଶିକ୍ଷୟତ୍ରୀ ପାଟଳିପୁରା ଉଚ୍ଚ ବିଦ୍ୟାଳୟ, ମୁଖ୍ୟ ବକ୍ତା ଜଗବନ୍ଧୁ ମହାନ୍ତି ଜିଲ୍ଲା ପ୍ରକଳ୍ପ ଅଧିକାରୀ, ସମ୍ମାନନୀୟ ଅତିଥି ମଙ୍ଗଳ ମାଳତୀ ପ୍ରିୟା ମୁର୍ମୁ ଗ୍ରାମପଞ୍ଚାୟତ ଅଧିକାରିଣୀ, ସନ୍ତୋଷ ଦୁର୍ଗା। ଅବସରପ୍ରାପ୍ତ ଜେଲ ଅଧିକ୍ଷକ, ମମତା ଗୋଚ୍ଛାୟତ ପଞ୍ଚାୟତ ସମିତି ସଭ୍ୟା ଓ ଜୟନ୍ତ କୁମାର ମହାପାତ୍ର ସମାଜ ସେବୀ ଯୋଗ ଦେଇ ତାଲିମ ପ୍ରାର୍ଥୀ ମାନଙ୍କୁ ବିପର୍ଯ୍ୟୟ ସମୟରେ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ସେପଟ୍ଟେମ୍ବର ୧୨-୧୯ରିଖି ପର୍ଯ୍ୟନ୍ତ ଚାଲିବ। ନାଖରା, ମଧୁନଣ୍ଡା ଓ ଦାରିହା ଗ୍ରାମର ୪୦ ଜଣ ଯୁବକ-ଯୁବତୀ ତାଲିମ ନେଉଛନ୍ତି। ଓସଡମା ର ସାଧନା କର୍ମୀମାନେ ତାଲିମ ପ୍ରଦାନ କରିବେ। ଫୋର୍ଡ ଓ ବନ୍ୟା ଆଶ୍ରୟସ୍ଥଳୀ କମିଟିର ସଭ୍ୟ ମାନେ ସହଯୋଗ କରିଥିଲେ। ବନ୍ୟା ଆଶ୍ରୟସ୍ଥଳୀ କମିଟିର ସମ୍ପାଦକ ତ୍ରିଲୋକେଶ୍ୱର ଦୁର୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

# ଯନ୍ତ୍ରୀଙ୍କ ଅନୁପସ୍ଥିତରେ ଚାଲିଛି ନିମ୍ନ ମାନର ରାସ୍ତା କାର୍ଯ୍ୟ



ଜଳେଶ୍ୱର , ୧୨/୯ (ନି.ପ୍ର): ଜଳେଶ୍ୱର ବ୍ଲକ ଶିଖରପୁର ଗ୍ରାମପଞ୍ଚାୟତର ବଜାରଶୋଳ ଗ୍ରାମର ନରହରୀ ଘୋଷଙ୍କ ଘର ଠାରୁ ଶ୍ରୀଧର ବାରିକ୍ ଘର ପର୍ଯ୍ୟନ୍ତ ଚାଲିଥିବା କଂକ୍ରିଡ ରାସ୍ତା ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ମାଧ୍ୟମରେ ୩ଲକ୍ଷ୍ୟ ୮୩ ହଜାର ୧୫୧ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଚାଲିଥିବା ରାସ୍ତା ଅତି ନିମ୍ନ ମାନର ହେବା ସାଙ୍ଗକୁ ସେହି ଗ୍ରାମରେ ସରକାରୀ ବାଲି ନଦୀର ସୌରାତ ଥିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟରେ ଲାଗିଥିବା ମାଟି ମିଶା ପତଳା ଅପରିଷ୍କାର ବାଲି ସାଙ୍ଗକୁ ବଡ଼ ମେଟାଲ ପରିବର୍ତ୍ତେ ଛୋଟ ଛୋଟ ମେଟାଲ୍ ସାଙ୍ଗକୁ ରାସ୍ତାର ଉଭୟ ପାର୍ଶ୍ୱରେ ୱାଲ୍ ନଦେବା ସହିତ କାର୍ଯ୍ୟର ଥିକନେସ କମ କରିବା ଓ ସିମେଣ୍ଟ ପରିମାଣ କମ୍ କରି ଚାଲିଛି ନିମ୍ନ ମାନର ରାସ୍ତା ନିର୍ମାଣ। ଯେହେତୁ ଜଳେଶ୍ୱର ବ୍ଲକ ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ହୋଇ ଥିବା ବେଳେ ଏହି ନିମ୍ନ ମାନର ରାସ୍ତାଟି ମଧ୍ୟ ସୁବର୍ଣ୍ଣରେଖା ନଦୀ ପଠାରେ ନିର୍ମାଣ ଚାଲିଛି। ତେଣୁ ଏହି ରାସ୍ତାରେ ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି ? ଏଭଳି ନିମ୍ନ ମାନର କାର୍ଯ୍ୟ ପାଇଁ କିଏ ଦାୟୀ ? ଶିଖରପୁର ଗ୍ରାମ ପଞ୍ଚାୟତର କନିଷ୍ଠଯନ୍ତ୍ରୀ ଅଶୋକ ମହାନ୍ତି ନିଜର ଦୋଷ ଦୁର୍ବଳତାକୁ ଏଡାଇବା ପାଇଁ ଅଧିକାଂଶ ସମୟରେ ମିଟିଙ୍ଗର ବାହାନା କରି ହେଡ କ୍ୱାଟାରେ ରହୁଛନ୍ତି। ଅଧିକରୁ ଅଧିକ ଉକଚ୍ଚୋଟ ନେବା ଆଶାରେ କାର୍ଯ୍ୟ ସ୍ଥଳକୁ ନ ଯାଇ ନିମ୍ନ ମାନର କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ଯାହାକୁ ନେଇ ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ନାଥ ପ୍ରଧାନ ଓ ବିନୟ ଗିରି ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# ମୁକ୍ତିଲାଭ କଲା 'ଦାହାନ - ଦ ଏଭିଲ୍ ୱିଦିନ୍'

## ପ୍ରଥମଥର ଏକ ସମ୍ପୂର୍ଣ୍ଣ ଭୂତ ସିନେମା ଦେଖି ଦର୍ଶକ ହେଲେ ଭୟଭୀତ



ଭୁବନେଶ୍ୱର, ୧୨/୯ (ନି.ପ୍ର): ଅମୀୟ ପଟ୍ଟନାୟକ ପ୍ରଡ଼କସନ ଦ୍ୱାରା ନିର୍ମିତ ହରର୍ ଚଳଚ୍ଚିତ୍ର 'ଦାହାନ - ଦ ଏଭିଲ୍ ୱିଦିନ୍' ମୁକ୍ତିଲାଭ କରିଛି। ମହାରାଜା ସିନେମା ହଲ୍ ରେ ଏହାର ପ୍ରିମିୟର ଶୋ ହୋଇଛି। ଓଡ଼ିଆ ସିନେ ଜଗତର ବହୁ ନିର୍ଦ୍ଦେଶକ, ପ୍ରଯୋଜକ, ସିନେ ସମୀକ୍ଷକ, ଅନେକ କଳାକାରଙ୍କ ସମେତ ଦାହାନ ଟିମ୍ ମିଶି ସିନେମା ଦେଖିଥିଲେ। ଦୁଇଭଉଣୀଙ୍କ କାହାଣୀକୁ ନେଇ ଗତିଶୀଳ ହୋଇଥିବା କାହାଣୀକୁ ଦେଖି ଦର୍ଶକ ପ୍ରବଳ ଭୟଭୀତ ହୋଇଛନ୍ତି। ଜଣେ ଅନ୍ଧାର ସହିତ ଲଢୁଛି ଆଉ ଜଣେ ଏହାକୁ ଭିତରେ ଦାହନ କରୁଛି, ଯାହା ଦୁଇ ଚରିତ୍ର ଏବଂ ଫିଲ୍ମର କାହାଣୀରେ ଥିବା ଗଭୀର ସମ୍ପର୍କକୁ ଦର୍ଶାଇଛି। ଅନୁପମ ପଟ୍ଟନାୟକ ନିର୍ଦ୍ଦେଶନାରେ ବର୍ଷା ପଟ୍ଟନାୟକ ଏବଂ ଅନୁପମ ପଟ୍ଟନାୟକଙ୍କ ଦ୍ୱାରା ପ୍ରଯୋଜିତ ଏବଂ ଏହି ଚଳଚ୍ଚିତ୍ର ଗଣେଶ ପୂଜା ଉପଲକ୍ଷେ ମୁକ୍ତିଲାଭ କରିଛି। ଚଳଚ୍ଚିତ୍ରରେ ବର୍ଷା ପଟ୍ଟନାୟକ ଏବଂ ଆରୋଶିଖା ମିଶ୍ର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ତାଙ୍କ ସମେତ ସମ୍ରାଟ ମହାପାତ୍ର, ସିଜନ ମହାପାତ୍ର, ପାର୍ଥ ସାରଥି ରାୟ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମାଜିଠିଆ, ପ୍ରଣବ ପ୍ରସନ୍ନ ରଥ, ନାଭ୍ୟା ଯାଇତି, ପ୍ରସନଜିତ ମହାପାତ୍ରଙ୍କ ଭଳି ଦକ୍ଷ କଳାକାର ଅଭିନୟ କରିଛନ୍ତି। ପ୍ରଥମଥର ପାଇଁ ଓଡ଼ିଶା ଦେଖିବ ଏକ ସମ୍ପୂର୍ଣ୍ଣ ପାରିବାରିକ ହରର୍ ଚଳଚ୍ଚିତ୍ର। ଅନୁପମ ଯାହା ବି ଓଡ଼ିଆ ଦର୍ଶକଙ୍କୁ ଭେଟି ଦିଅନ୍ତି ତାହା ଇତିହାସ ସୃଷ୍ଟି କରେ। ଦାହାନ ମଧ୍ୟ ସେହିପରି ଚଳଚ୍ଚିତ୍ର ଯାହା ଦର୍ଶକଙ୍କ ମନରେ ଛାପ ଛାଡ଼ିଯିବ। ଏକ ସମ୍ପୂର୍ଣ୍ଣ ଭୂତ ଚଳଚ୍ଚିତ୍ର ଦେଖିବାକୁ ଦର୍ଶକଙ୍କ ମନରେ ଯେଉଁ ଆଗ୍ରହ ଦେଖିବାକୁ ମିଳୁଥିଲା ତାହା ପ୍ରଥମ ଦିନରୁ ହିଁ ଜଣା ପଡିଛି।

# ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସେବା ଓ ସମର୍ପଣକୁ ନେଇ ସେବା ସଂକଳ୍ପ ଅଭିଯାନର ଶୁଭାରମ୍ଭ ପାଇଁ ବିଜେପିର ସାମ୍ବାଦିକ ସମ୍ମିଳନୀ




ଜଳେଶ୍ୱର, ୧୨/୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବା,ସୁଶାସନ ଓ ସମର୍ପଣର ୨୫ ବର୍ଷ ପୂର୍ତ୍ତି ଅବସରରେ ଭାରତୀୟ ଜନତା ପାର୍ଟି ଉତ୍ତର ବାଲେଶ୍ୱର ସଂଗଠନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ଜଳେଶ୍ୱର ସ୍ଥିତ ଜମାଲପୁର ବାଇପାସ ନିକଟସ୍ଥ ଜିଲ୍ଲା ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଏହି ସମ୍ମିଳନୀରେ ସେବା ସଂକଳ୍ପ ଅଭିଯାନ'ର ଆନୁଷ୍ଠାନିକ ଶୁଭାରମ୍ଭ କରାଯିବା ସହ ଏହାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ?ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ଡ.ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ସେ ପ୍ରକାଶ କରିଥିଲେ ଯେ,ଶ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବାଠାରୁ ଆରମ୍ଭ କରି ଆଜି ଦେଶର ପ୍ରଧାନମନ୍ତ୍ରୀ ଭାବେ ନିରବଚ୍ଛିନ୍ନ ୨୫ ବର୍ଷ ଧରି ରାଷ୍ଟ୍ର ନିର୍ମାଣ ଓ ଜନସେବାରେ ନିଜକୁ ସମର୍ପିତ କରିଛନ୍ତି।ଏହି ଗୌରବମୟ ଯାତ୍ରାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଏବଂ ଗରିବ କଲ୍ୟାଣ ଯୋଜନାଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଏହି ଅଭିଯାନର ପରିକଳ୍ପନା କରାଯାଇଛି।ଏହି ସାମ୍ବାଦିକ ସମ୍ମିଳନୀରେ ଗୁଜରାଟ ମୁଖ୍ୟମନ୍ତ୍ରୀ କାଳରୁ ଦେଶର ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ଶ୍ରୀ ମୋଦୀଙ୍କ ପ୍ରଶାସନିକ ଦକ୍ଷତା,ସୁଶାସନ ଏବଂ ବିକାଶମୂଳକ ନୀତି ଉପରେ ଆଲୋକପାତ,ଏହି ଅଭିଯାନ ଅଧୀନରେ ଉତ୍ତର ବାଲେଶ୍ୱର ଜିଲ୍ଲାର ପ୍ରତ୍ୟେକ ବ୍ଲକ୍,ପଞ୍ଚାୟତ ଓ ୱାର୍ଡ ସ୍ତରରେ ବିଭିନ୍ନ ସାମାଜିକ,ସ୍ୱାସ୍ଥ୍ୟ ଓ ସେବାମୂଳକ କାର୍ଯ୍ୟକ୍ରମ,ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ଅଭିଯାନ,ରକ୍ତଦାନ ଶିବିର,ବୃକ୍ଷରୋପଣ ଏବଂ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା,ଉତ୍ତର ବାଲେଶ୍ୱର ତଥା ଜଳେଶ୍ୱର ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଦଳୀୟ କାର୍ଯ୍ୟକର୍ତ୍ତାମାନେ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରିବେ ବୋଲି ? ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଂଗଠନିକ ପ୍ରଭାରୀ ଉମାକାନ୍ତ ମହାପାତ୍ର,ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ,ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ନାଥ ଅଣ୍ଡିଆ,ମହିଳା ନେତ୍ରୀ ସୁମତି ଦେ,ଜିଲ୍ଲା ସାଧାରଣ ସମ୍ପାଦକ କମଲ ଲୋଚନ ଦାସ,କ୍ୟାପଟେନ ଅଶୋକ କୁମାର ଦାଶଙ୍କ ସମେତ ଉତ୍ତର ବାଲେଶ୍ୱର ବିଜେପିର ବରିଷ୍ଠ ନେତୃବୃନ୍ଦ,ଜିଲ୍ଲା କର୍ମକର୍ତ୍ତା ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।ସମସ୍ତ ନେତୃବୃନ୍ଦ ପ୍ରଧାନମନ୍ତ୍ରୀଙ୍କ ଆଦର୍ଶରେ ପ୍ରେରିତ ହୋଇ ଲୋକଙ୍କ ସେବାରେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

# ବାଲେଶ୍ୱର ସାମାଜିକ ସେବା ସଂସ୍ଥା ପକ୍ଷରୁ ଶିଶୁ ମେଳା ଉତ୍ସବ ପାଳିତ



ଜଳେଶ୍ୱର , ୧୨/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଏକ ଅଗ୍ରଣୀ ସେଚ୍ଛାସେବୀ ସଂଗଠନ,ବାଲେଶ୍ୱର ସାମାଜିକ ସେବା ସଂସ୍ଥା ପକ୍ଷରୁ ଆଜକୁ ତିନି ବର୍ଷ ଧରି ଜଳେଶ୍ୱର ବ୍ଲକ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ଆର୍ଥିକ ଅନଗ୍ରସର ଶ୍ରେଣୀର ଥିବା ପରିବାରର ପିଲା ମାନଙ୍କୁ କିପରି ଶିକ୍ଷା କ୍ଷେତ୍ରରେଆଗକୁ ଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ ସେ ନେଇ ଜଳେଶ୍ୱର ବ୍ଲକର ଶ୍ରୀରାମପୁର ଗ୍ରାମ ପଞ୍ଚାୟତ ସହିତ ଆରୁହା ଗ୍ରାମ ପଞ୍ଚାୟତର ଶାଳୀକୁଠାଓ ନାମ୍ପ କୁ ମିଶାଇ ୮ ଟି ଛୋଟ ଛୋଟ ସେଣ୍ଟର ପ୍ରତିଷ୍ଠା କରି ଗରିବ ପିଲାଙ୍କୁ ସଂସ୍ଥା ପକ୍ଷରୁ ମାଗଣାରେ ଟିଉସନର ସୁବିଧା ସାଙ୍ଗକୁ କମ୍ପ୍ୟୁଟର ଶିକ୍ଷା, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗିତ ସାଙ୍ଗକୁ କୁଇଜ୍ ପ୍ରତିଯୋଗିତା ପରି ଅନେକ ଶିକ୍ଷଣୀୟ ବିଷୟ ପିଲାମାନଙ୍କୁ ଅବଗତ କରାଇ ଆସୁଛନ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କୁ ବିଭିନ୍ନସ୍ୱାବଲମ୍ବୀ କରିବା ପାଇଁ ଛତୁ ଚାଷ ଠାରୁଆରମ୍ଭ କରି ଧୂପକାଠି ମହମବତୀ, ଆଚାର, ପାମ୍ପଡ ପ୍ରସ୍ତୁତି ପରି ଅନେକ କାର୍ଯ୍ୟକ୍ରମ ସାଙ୍ଗକୁ ଯୁବଶକ୍ତିକୁ ପ୍ରାଧାନ୍ୟ ନେଇ ଆଜି ନରଣପୁର ଗ୍ରାମରେ ସଂସ୍ଥା ପକ୍ଷରୁ କୁନି କୁନି ପିଲାଙ୍କୁ ଓ ଅଭିଭାବକ, ଶିକ୍ଷୟିତ୍ରୀ ଓ ସଂସ୍ଥାର କର୍ମକର୍ତ୍ତା ମାନଙ୍କୁ ନେଇ ବାର୍ଷିକ ଉତ୍ସବ( ଶିଶୁ ମେଳା) ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବରେ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଗୋପାଳ ସାମଲ, ପ୍ରକଳ୍ପ ସଂଯୋଜକ ଅନିରୁଦ୍ଧ ପାତ୍ର, ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ ରଞ୍ଜିତ୍ ଖାସ୍, ସହ ସଂଯୋଜକ ସଂଗ୍ରାମ ମୁର୍ମୁ, ସଞ୍ଜିତା ବାର୍ଡ଼, ସନିଆ ମୁର୍ମୁ, ବରିଷ୍ଠ ସାମ୍ବାଦିକ ଅମର ଆଚାର୍ଯ୍ୟ, ଅଶ୍ରୁମୋଚନ ଘୋଷ, ଆଲୋକ ଘଡେଇ, ପ୍ରମୁଖ ଅତିଥି ମାନେ ଉପସ୍ଥିତ ରହି ପ୍ରତିଯୋଗୀ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ରବିବାର, ସେପ୍ଟେମ୍ବର ୧୩, ୨୦୨୬

ଧ୍ୱନି ପ୍ରତିଧ୍ୱନି

# ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ଶିକ୍ଷକ ସମ୍ମାନିତ

ବୈଶିଙ୍ଗା , ୧୨/୯ (ନି.ପ୍ର): ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରଘୁନାଥ ଉଚ୍ଚ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଅନ୍ତର୍ଜାତୀୟ ସାକ୍ଷରତା ଦିବସ ରେ ସମ୍ମାନିତ ହୋଇଛନ୍ତି। ବାରିପଦା ରୋଟାରୀ କ୍ଲବ୍ ପକ୍ଷରୁ ରୋଟାରୀ ଭବନରେ ଆୟୋଜିତ ଅନ୍ତର୍ଜାତୀୟ ସାକ୍ଷରତା ଦିବସ -୨୦୨୬ ପାଳନ ଅବସରରେ ଜିଲ୍ଲାର ୧୫ ଜଣ କୃତୀ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ 'ରାଷ୍ଟ୍ର ନିର୍ମାତା ସମ୍ମାନ' ରେ ସମ୍ମାନିତ କରଯାଇଛି। ବାରିପଦା ରୋଟାରୀ କ୍ଲବ୍ ସଭାପତି ତିମିର କୁମାର ଘୋଷ ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ପ୍ରାକ୍ତନ ରୋଟାରୀୟାନ ଇନ୍ଦ୍ରଜିତ୍ ସାହୁ ମୁଖ୍ୟ ଅତିଥି, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଧକ୍ଷ ଡ. ହରିନାରାୟଣ ବେହେରା ମୁଖ୍ୟବକ୍ତା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନନୀୟ ଅତିଥି, କ୍ଲବ୍ ର ସାକ୍ଷରତା ସମିତି ଅଧକ୍ଷ ଡ. ସୁଶାନ୍ତ କୁମାର ବସା ଓ କ୍ଲବ୍ ସଂପାଦକ ସନ୍ଦୀପ ଚାନ୍ଦ ଯୋଗଦେଇ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ଅଜିତ କୁମାର ଜେନା ଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଛନ୍ତି। ପ୍ରକାଶ ଥାଉକି ଶ୍ରୀ ଜେନା ବିଜ୍ଞାନ, ପରିବେଶ, କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକାରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ଜିଲ୍ଲାର ବହୁ ଶିକ୍ଷାବିତ୍ ଶ୍ରୀ ଜେନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ରାଜ୍ୟସ୍ତରୀୟ ହିନ୍ଦୀ ବିତର୍କରେ ଅର୍ଥଦର୍ଶୀଙ୍କୁ ଚେୟାରମ୍ୟାନ୍ ଟ୍ରଫି



ବାଲେଶ୍ୱର, ୧୨/୯ (ନି.ପ୍ର): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱରର ଯୁକ୍ତ ତିନି ପ୍ରଥମ ବର୍ଷ ଇଂରାଜୀ ବିଭାଗ ଛାତ୍ର ଅର୍ଥଦର୍ଶୀ ନାୟକ ରାଜ୍ୟସ୍ତରୀୟ ଚେୟାରମ୍ୟାନ୍ସ କପ୍ ହିନ୍ଦୀ ବିତର୍କ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱରର ପକ୍ଷରୁ ଜାନୁଆରୀ ୨୦୨୬ରେ ଆୟୋଜିତ ରାଜ୍ୟସ୍ତରୀୟ ଚେୟାରମ୍ୟାନ୍ସ କପ୍ ହିନ୍ଦୀ ବିତର୍କ ପ୍ରତିଯୋଗିତାରେ ଅର୍ଥଦର୍ଶୀ ନିଜର ଯୁକ୍ତିପୂର୍ଣ୍ଣ ଉପସ୍ଥାପନା ଓ ବକ୍ତୃତା ଦକ୍ଷତା ପ୍ରଦର୍ଶନ କରି ପ୍ରଥମ ସ୍ଥାନ ହାସଲ କରିଥିଲେ।ତାଙ୍କର ଏହି ଅସାଧାରଣ କୃତିତ୍ୱ ପାଇଁ ଚେୟାରମ୍ୟାନ୍ ଟ୍ରଫି, ପ୍ରମାଣପତ୍ର ସହିତ ୫,୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୭ ସେପ୍ଟେମ୍ବର ୨୦୨୬ରେ ଭୁବନେଶ୍ୱରଠାରେ ଆୟୋଜିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ୪୪ତମ ପ୍ରତିଷ୍ଠା ଦିବସ ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଅର୍ଥଦର୍ଶୀଙ୍କ ଏହି ସଫଳତାରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଫିରୋଜ କୁମାର ପାଢ଼ୀ, ପ୍ରଶାସନିକ ଅଧିକାରୀ ଶ୍ରୀ ରଞ୍ଜନ କୁମାର ରାଏ,ଏକାଡେମିକ ବର୍ଷାର ଡ଼ ଜୟଶ୍ରୀ ମିଶ୍ର,ଫିଟ କଲେଜ ପ୍ରୋଗ୍ରାମ ଅଧିକାରୀ,ଡ଼ ସନ୍ତୋଷ କୁମାର ରାଉତ, ସେକ୍ସନ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ଶତପଥୀଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା,କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଆନନ୍ଦ ପ୍ରକାଶ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କର ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କୁ ବିତର୍କ ଓ ବୌଦ୍ଧିକ ପ୍ରତିଯୋଗିତା କ୍ଷେତ୍ରରେ ଆଗେଇବାକୁ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଛି।

# ରୂପ୍ସା ଥାନା ପକ୍ଷରୁ ଗଣେଶ ପୂଜା ପାଇଁ ଶାନ୍ତି କମିଟି ବୈଠକ

ବସ୍ତା , ୧୨/୯ (ନି.ପ୍ର): ଶାନ୍ତି ଶୃଙ୍ଖଳା , ଟ୍ରାଫିକ ନିୟନ୍ତ୍ରଣ , ଆଇନ ଶୃଙ୍ଖଳା ମାନି ଚଳିତ ବର୍ଷ ଗଣେଶ ପୂଜା ଓ ଭସାଣି କରିବା ପାଇଁ ରୂପସା ଥାନା ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରୂପସା ଥାନା ର ଭାରପ୍ରାପ୍ତ ଥାନା ଅଧିକାରୀ ସମ୍ୟଚିତ୍ତ ମିଶ୍ର ଓ ଏ ଏସ ଆଇ ବିକାଶ ସେଠୀ ଉପସ୍ଥିତ ରହି ' ଶବ୍ଦ ବିହୀନ ରୋଷଣୀ ନିଶା ବିହୀନ ଭସାଣି ' କରିବା ପାଇଁ ସମସ୍ତ ପୂଜା କମିଟି କୁ ଅନୁରୋଧ କରିଥିଲେ । ଚଳିତ ବର୍ଷ ରୂପସା ଥାନା ଅଧୀନରେ ଛୋଟ ମୋଟ ପୂଜା ଛାଡ଼ି ଦେଲେ ୧୦ ଟି ବଡ ମୂର୍ତ୍ତି ସହ ବଡ କ୍ଲବ୍ ପୂଜା ଆୟୋଜନ କରୁଅଛି ।ସମସ୍ତ କମିଟି ଉକ୍ତ ନିୟମ ମାନି ପୂଜା ପାଳନ କରିବେ ବୋଲି କହିଥିଲେ ।

# ଭଦ୍ରକରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ , ୧୨/୯ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକାରଣ, ନୂଆଦିଲ୍ଲୀ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ। କଟକଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜ଼ିଲ୍ଲା ନ୍ୟାୟାଳୟ, ନଳାଙ୍ଗ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନା ଅଧକ୍ଷତା କରି ଥିବା ବେଳେ ଜ଼ିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି ଲୋକ ଅଦାଲତ କୁ ପରିଚାଳନା କରି ଥିଲେ। ଏଥି ସହ ସ୍ଥାୟୀ ଲୋକ ଅଦାଲତ (ଜନପୋଯୋଗୀ ସେବା), ଭଦ୍ରକରେ ତଥା ଜିଲ୍ଲା ମଧ୍ୟରେ ଥିବା ୩ଟି ତାଲୁକ ଲିଗାଲ କମିଟି ବାସୁଦେବପୁର, ଚାନ୍ଦବାଲି, ଧାମନଗର କୋର୍ଟ ପରିସରରେ ମଧ୍ୟ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ମୋଟ ୫ କୋଟି ୩ ଲକ୍ଷ ୭୨ ହଜାର ୩ ଶହ ୧୩ ଟଙ୍କାରେ ୧ ହଜାର ୨ ଶହ ୪୦ ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇ ଥିଲା । ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୩୬ ଟି ମାମଲାର ୩ କୋଟି ୧୨ ଲକ୍ଷ ୧୦ ହଜାର ଟଙ୍କାରେ, ୩୬ ଟି, ଚେକ ବାଉନ୍ସ ପୁନଃରୁଦ୍ଧାର ମାମଲା ୫୫ ଲକ୍ଷ ୬୯ ହଜାର ୪୯ ଟଙ୍କାରେ, ୧୪ ଟି ବୈବାହିକ ବିବାଦ, ୩୪୯ ଟି ରାଜସ୍ୱ ମୋକଦ୍ଦମା, ୬୯ ଟି ଅନ୍ୟାନ୍ୟ ଦେଓ୍ୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୫ ହଜାର ୯ ଶହ ୮୯ ଟି ବ୍ୟାଙ୍କ ଋଣ ମାମଲା ୩୩ ଲକ୍ଷ ୪୭ ହଜାର ୩ ଶହ ସାତ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ର ଟେଲିଫୋନେ ବିଲ ସମ୍ବନ୍ଧୀୟ ୯ଟି ମାମଲା ୧୮ ହଜାର ୪୯ ଟଙ୍କାରେ, ବିଦ୍ୟୁତ୍ ବିଭାଗର ୩୯୦ ଟି ମାମଲା ୬୦ଲକ୍ଷ ଟଙ୍କାରେ , ୪୦ଟି ବକେୟା ଟ୍ରାଫିକ ଚାଲାଣ ୪ ଲକ୍ଷ ୫୯ ହଜାର ଟଙ୍କକ୍ଷରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇ ଅଛି। ଏହି ଲୋକ ଅଦାଲତରେ ଜିଲ୍ଲା ନ୍ୟାୟଳୟ ଭଦ୍ରକର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ଶ୍ରୀ ପ୍ରଭାତ କୁମାର ରାଜଗୁରୁ, ବିଚାରପତି, ପରିବାର ଅଦାଲତ, ଶ୍ରୀ ଅରବିନ୍ଦ ରଥ, ସ୍ଥାଇ ଲୋକ ଅଦଲତ (ଜନ ଉପଯୋଗୀ ସେବା), ଭଦ୍ରକ ଅଧକ୍ଷ ଶ୍ରୀ ବିଜୟ କୁମାର ପାତ୍ର, ସହକାରୀ ଦୌରାଜଜ (ସ୍ୱତନ୍ତ୍ର ଟ୍ରାକ କୋର୍ଟ), ଭଦ୍ରକ ଜ୍ୟୋତିରଞ୍ଜନ ଦାଶ, ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରୀ, ସ୍ୱଜାଲି ମହାନ୍ତି, ବରିଷ୍ଠ ଦେଓ୍ୱାନୀ ବିଚାରପତି, ଚିନ୍ମୟୀ ପଣ୍ଡା, ଅତିରିକ୍ତ ବରିଷ୍ଠ ଦେଓ୍ୱାନୀ, ଶ୍ରୀମତୀ ଶିବାନୀ, କନିଷ୍ଠ ଦେଓ୍ୱାନୀ ବିଚାରପତି, ଉମାକାନ୍ତ ବେହେରା, ତଥା ସମସ୍ତ ବିଚାରପତି ବୃନ୍ଦ ତଥା ଜାତୀୟ କରଣ ବ୍ୟାଙ୍କ, ବିଦ୍ୟୁତ ବିଭାଗ ଓ ଅନ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଲୋକ ଅଦାଲତକୁ ସଫଳ କରାଇଥିଲେ।



# ପୁଲିସ ଉପରୁ ଉଠିଗଲାଣି ଆସ୍ଥା: ଚୋରି ଭୟରେ ଦୋକାନ ଜଗୁଛନ୍ତି ବ୍ୟବସାୟ

ବାଲିଆପାଳ, ୧୨/୯ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ପଂଚାୟତର ସିମୁଳିଆ ମାର୍କେଟ ଅଞ୍ଚଳରେ ଚୋରି, ଛିନତାଇ ଭଳି ଅପରାଧ ବଢୁଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଭୟ ବଢ଼ିଛି ପୁଲିସରେ ଅଭିଯୋଗ କରି ମଧ୍ୟ ସୁଫଳ ନମିଳିବାରୁ ନିଜ ଦୋକାନର ସୁରକ୍ଷା ପାଇଁ ବ୍ୟବସାୟୀମାନେ ରାତିରେ ପହରା ଦେଉଛନ୍ତି। ବାଲିଆପାଳ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ଚୋରି ଓ ଛିନତାଇ ଭଳି ଘଟଣା ଘଟୁଥିବା ବେଳେ ସିମୁଳିଆ ମାର୍କେଟ ରେ ଗତ ମାସକ ମଧ୍ୟରେ ବିଭିନ୍ନ ଦୋକାନରୁ ବାରମ୍ବାର ଚୋରି ହୋଇଛି ଏନେଇ ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ। ତେବେ ଚୋରି ରୋକିବାରେ ଆଶାନୁରୂପ ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ କରି ସେମାନେ ନିଜେ ପହରା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଗତ କିଛି ଦିନ ଆଗରୁ ୪ଟି ଦୋକାନରୁ ଚୋରି ହେବା ପରେ ମାର୍କେଟ ରେ ଥିବା ପ୍ରାୟ ୧୦୦ ଜଣ ଦୋକାନୀ ଏକାଠି ହୋଇ କମିଟି ଗଠନ କରିଛନ୍ତି । କମିଟି ପକ୍ଷରୁ ପ୍ରତିଦିନ ୫ଜଣ ବ୍ୟବସାୟୀ ରାତିରେ ପହରା ଦେଉଛନ୍ତି । ସେମାନେ ଟର୍ଚ୍ଚ ଓ ହୁଇସିଲ ସହ ପହରା ଦେବା ସହ ସନ୍ଦେହଜନକ ବ୍ୟକ୍ତିଙ୍କୁ ପଚରାଉଚରା କରୁଛନ୍ତି। ଅଧିକ ସନ୍ଦେହହେଲେ ପୁଲିସକୁ ସୂଚନା ଦେଉଛନ୍ତି। ବାରମ୍ବାର ଚୋରି ହେଉଛି। ଏନେଇ ଆମେ ପୁଲିସକୁ ବାରମ୍ବାର ଜଣାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ । ଶେଷରେ ବାଧ୍ୟ ହୋଇ ସମସ୍ତ ଦୋକାନୀ ଏକାଠି ହୋଇ ରାତିରେ ପହରା ଦେବାକୁ ନିଷ୍ପତ୍ତି ନେଇଛୁ ପୁଲିସର ନିଷ୍କ୍ରିୟତା ଯୋଗୁଁ ଆମେ ନିଜ ସୁରକ୍ଷା ନିଜେ କରିବାକୁ ବାଧ୍ୟ ହେଉଛନ୍ତିବ୍ୟବସାୟୀଙ୍କ ଏପରି ପହରା ଯୋଗୁଁ କିଛିଦିନ ହେଲା ଚୋରି ରୋକିବାରେ ସଫଳତା ମିଳିଛି ତେବେ ଅପରାଧ ନିୟନ୍ତ୍ରଣ ନେଇ ପୁଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଅଞ୍ଚଳରେ ନିୟମିତ ପୁଲିସ ପାଟ୍ରୋଲିଂ, ନିଶା କାରବାର ଉପରେ କଡ଼ା ନଜର ଏବଂ ସିମୁଳିଆ ମାର୍କେଟ ରେ ଦୁଇ ରୁ ତିନି ଜଣ ପୁଲିସ କର୍ମଚାରୀ ନିଯୁକ୍ତି ଦେବାକୁ ମହେଶ୍ୱର ସାହୁ, ବଂଶୀଧର ପରିଡା, ଗୋପାଳ ବିଶ୍ୱାଳ, ଜଗନ୍ନାଥ ବାଗ, ମୃତ୍ୟୁଞ୍ଜୟ ଗିରି,ସରୋଜ ବିଶ୍ୱାଳ, ଭଗବାନ ରାଉଳ, ରତ୍ନାକର ପରିଡା, ଗଣେଶ ପରିଡା,ପ୍ରମୁଖ ବ୍ୟବସାୟୀ ଦାବି କରିଛନ୍ତି ।

# ଚିତ୍ରଡ଼ା କଲେଜରେ ସ୍ୱାସ୍ଥ୍ୟ ଓ କ୍ୟାନସର ସଚେତନତା କାର୍ଯ୍ୟକ୍ରମ




ବାରିପଦା , ୧୨/୯ (ନି.ପ୍ର): ଚିତ୍ରଡ଼ା କଲେଜର ଶକ୍ତିଶ୍ରୀ ସଶକ୍ତିକରଣ ସେଲ ପକ୍ଷରୁ ସ୍ୱାସ୍ଥ୍ୟ ଓ ସୁସ୍ଥତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶ୍ରଦ୍ଧା ଫାଉଣ୍ଡେସନର ପ୍ରୋଗ୍ରାମ କୋଅର୍ଡିନେଟର, ସମାଜସେବୀ ତଥା କ୍ୟାନସର ବିଜୟିନୀ ଅନିତା ବେହେରା ଯୋଗଦେଇ କ୍ୟାନସର ପ୍ରତିରୋଧ, ପ୍ରାରମ୍ଭିକ ଚିହ୍ନଟ, ଚିକିତ୍ସା ଓ ରୋଗୀଙ୍କ ଯତ୍ନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ନିଜ କ୍ୟାନସର ଯାତ୍ରାର ଅନୁଭୂତି ବାଣ୍ଟି ସେ ସୁସ୍ଥ ଜୀବନଶୈଳୀ ଆପଣାଇବା ଓ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶ୍ରୀମତୀ ବେହେରାଙ୍କ ସ୍ୱାମୀ ଇଞ୍ଜିନିୟର ରମାକାନ୍ତ ସାହୁ ମଧ୍ୟ ଉପସ୍ଥିତ ରହି କ୍ୟାନସର ରୋଗୀଙ୍କୁ ପରିବାର ଓ ସମାଜ ପକ୍ଷରୁ ମାନସିକ ସମର୍ଥନ, ସହଯୋଗ ଓ ଯତ୍ନ ପ୍ରଦାନର ଗୁରୁତ୍ୱ ଉପରେ ମତ ରଖିଥିଲେ। କଲେଜର ଅଧକ୍ଷ ବିଶ୍ୱଜିତ ମହାନ୍ତଙ୍କ ମାର୍ଗଦର୍ଶନରେ ଏବଂ ଶକ୍ତିଶ୍ରୀ ସଶକ୍ତିକରଣ ସେଲର ସଂଯୋଜିକା ମାଳତୀ ମାରାଣ୍ଡିଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଜି ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

ବାସୁଦେବପୁର, ୧୨/୯ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପ୍ରଦତ୍ତ କାର୍ଯ୍ୟକ୍ରମ ନାଲସା ( ଏସିଡ ଆକ୍ରମଣରେ ଶିକାର ପୀଡ଼ିତାଙ୍କ ପାଇଁ ଆଇନଗତ ସେବା) ଯୋଜନା ୨୦୧୬ ପ୍ୟାନାଲ ଆଇନର ପ୍ରାସଙ୍ଗିକତା ବ୍ୟବସ୍ଥା ଓ ପୀଡ଼ିତ କ୍ଷତି ପୂରଣ ଯୋଜନା ୨୦୧୭ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଚାନ୍ଦିମାଳ ସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ଦଳାଇ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କାର୍ଯକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ,ସହାୟକ ଏଲ୍ ଏଡି ଏସ ତାପସ କୁମାର ମହାନ୍ତି, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅଙ୍କୁର ଚନ୍ଦ୍ର ରାଉଳ,ବାସୁଦେବପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସହ ଶିକ୍ଷା ଅଧିକାରୀ ଉର୍ମିଳା କର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ( ସଦର) ବିଚିତ୍ରାନନ୍ଦ ସେଠୀ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏସିଡ ଆକ୍ରମଣ ସମ୍ପର୍କରେ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇ ଥିଲା। ବରିଷ୍ଠ ଶିକ୍ଷୟତ୍ରୀ କଳ୍ପନା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ତିନି ଶହ ଛାତ୍ର ଛାତ୍ରୀ ଏହି କାର୍ଯକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧୀକରଣ ଅଧକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ବରିଷ୍ଠ ଶିକ୍ଷକ ହୃଷୀକେଶ ସ୍ୱାଇଁ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଏହି କାର୍ଯକ୍ରମରେ ସହଯୋଗ କରିଥିଲେ।




# ସେବାରୁ ସଂକଳ୍ପ, ସଂକଳ୍ପରୁ ରାଷ୍ଟ୍ରନିର୍ମାଣ

ଭଦ୍ରକ , ୧୨/୯ (ନି.ପ୍ର): ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଙ୍କ ୨୫ ବର୍ଷର ଅବିରତ ସେବା ଓ ରାଷ୍ଟ୍ରସାଧନା ଅବସରରେ ଭଦ୍ରକ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଶ୍ରୀ ଭଗ୍ୱାନ ପଣ୍ଡା ଙ୍କ ଅଧ୍ୟକ୍ଷତାରେ 'ସେବା ସଂକଳ୍ପ ଅଭିଯାନ' ବୈଠକ ଅନୁଷ୍ଠିତ ହୋଇଛି।୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ ଏହି ଅଭିଯାନରେ ରକ୍ତଦାନ ଶିବିର, ଆଶୀର୍ବାଦ ଦୀପ, ବିଭିନ୍ନ ପ୍ରତିଯୋଗିତା, 'ନମୋ ସେବା ଗାଥା', ଅଙ୍ଗନବାଡ଼ି ଉତ୍ସବ, 'ବିକଶିତ ଭାରତ ସଂକଳ୍ପ ଯାତ୍ରା', ସେବା ଓ ମୋର ଯୋଗଦାନ ଓ ସେବା ସେତୁ ଭଳି କାର୍ଯ୍ୟକ୍ରମ ହେବ।ଏହି ଅବସରରେ ଓଡ଼ିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ବଂଶୀ ସୁରଜ, ମାନ୍ୟବର ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ ବିଧାୟକ ସିତାଂଶୁ ସେଖର ମହାପାତ୍ର ଓ ବରିଷ୍ଠ ପଦାଧିକାରୀଗଣ ଉପସ୍ଥିତ ଥିଲେ।




# ବିରାଟ ଲୀଳାକ୍ଷେତ୍ରରେ ସପ୍ତପୁରୀ ଅମାବାସ୍ୟା ନୀତି ପାଳିତ



ଉଦଳା , ୧୨/୯ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ବିରାଟ ଲୀଳାକ୍ଷେତ୍ରର ନୁଦଢ଼ିହାଠାରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ପର୍ବ ପାଳିତ ହୋଇଯାଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବର୍ଷର ବିଭିନ୍ନ ସମୟରେ ପାଳିତ ପର୍ବମାନଙ୍କ ମଧ୍ୟରୁ ଭାଦ୍ରବ ମାସ ଅମାବାସ୍ୟା ତିଥିରେ ପାଳିତ "ସପ୍ତପୁରୀ ଅମାବାସ୍ୟା ପର୍ବ" ଅନ୍ୟତମ । ଏଥିନିମନ୍ତେ ଭାଦ୍ରବ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଜଗନ୍ନାଥ ମନ୍ଦିରର ପୂଜାପଣ୍ଡା ତିନି ଆଜ୍ଞାମାଳ ନେଇ ମା' ଚଣ୍ଡିଙ୍କ ଘଂଟ, ଘଂଟା, ଭେରୀ, ତୁରୀ ଓ ସଂକୀର୍ତନମଣ୍ଡଳୀଙ୍କ ଗହଣରେ ଯାତ୍ରା କରିଥିଲେ । ମା' ଚଣ୍ଡୀଙ୍କ ପୀଠରୁ ଆଜ୍ଞାମାଳ ନେଇ ଶ୍ରୀ ମନ୍ଦିରକୁ ସିଂହଦ୍ୱାରମଧ ଦେଇ ପ୍ରବେଶ କରି ମା'ଙ୍କ ଆଜ୍ଞାମାଳ ସହିତ ଅମୁଣିଆ ଡାଢ଼ୁକୁ ନେଇ ଜଗନ୍ନାଥ ମନ୍ଦିରର କୂର୍ମ ବେଢ଼ାରେ ସାତଥର ପରିକ୍ରମା କରିଥିଲେ । ଏହାପରେ ରୋଷଘରେ ପ୍ରବେଶ କରି ରୋଷଘରର ଦେବୀ ମା' ଦକ୍ଷିଣକାଳୀଙ୍କ ନିକଟରେ ସମର୍ପଣ କରିଥିଲେ । ଆମାବାସ୍ୟା ତିଥିରେ ମହାପ୍ରଭୁଙ୍କ ସମସ୍ତ ରିତିନୀତି ଯଥାଯଥ ଭାବରେ ପାଳନ କରାଯାଇ ସନ୍ଧ୍ୟା ଧୂପ ପରେ ଅମୁଣିଆ ଡାଢ଼ୁରୁ ପ୍ରସ୍ତୁତ ସପ୍ତପୁରୀ ପିଠା ଶ୍ରୀଜୀଉଙ୍କ ନିକଟରେ ସମର୍ପଣ କରୁଥିଲେ । ଉପସ୍ଥିତ ଶ୍ରଦ୍ଧାଳୁମାନେ ମଧ୍ୟ ଏହି ସ୍ୱାଦିଷ୍ଟ ପିଷ୍ଟକ ସେବନ କରି ମହାପ୍ରଭୁଙ୍କ ସପ୍ତପୁରୀ ଅମାବାସ୍ୟାର ମହାତ୍ମ୍ୟ ଜାଣିବା ସହିତ ଅପ୍ୟାୟିତ ହୋଇଥିଲେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସପ୍ତପୁରୀ ଅମାବାସ୍ୟା ପର୍ବ ପାଳନର ମହାତ୍ମ୍ୟ ସଂପର୍କରେ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର 'ଭାବବନ୍ଧନ' ଆଧାତ୍ମିକ ବାର୍ଷିକ ମୁଖପତ୍ରର ମୁଖ୍ୟ ସଂପାଦକ ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁ ଉପସ୍ଥାପନ କରିଥିଲେ । ଏଥିରେ ମନ୍ଦିର ଟ୍ରଷ୍ଟର ସଭାପତି ସର୍ବେଶ୍ୱର ରାଉତ, ଉପଦେଷ୍ଟା ସୁଧାଂଶୁ କୁମାର ଦାଶ, ସହସଂପାଦକ ରବିନାରାୟଣ ନାୟକ , ସୁଦର୍ଶନ ରାଉତ, ବିଦ୍ୟାଧର ସାହୁ ,ରଘୁନାଥ ନାୟକ, ପ୍ରାର୍ଥନା ନାୟକ ଉର୍ମିଳା ନାୟକ ଓ ଅନ୍ୟସମସ୍ତଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ପର୍ବ ପାଳନ ମାଧ୍ୟମରେ ଜନଜୀବନକୁ ଆଧାତ୍ମିକତା ଆଡ଼କୁ ଆକର୍ଷଣ କରିବା ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଆଭିମୁଖ୍ୟ ଚରିତାର୍ଥ ହେଉ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida